**JMC-7**
**BLOCK-3**


ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ସମ୍ବଲପୁର, ଓଡ଼ିଶା

Odisha State Open University
Sambalpur, Odisha


# ସାମ୍ବାଦିକତା ଓ ଗଣ ଯୋଗାଯୋଗ

# ଯୋଗାଯୋଗ ସିଦ୍ଧାନ୍ତ

## ଉନ୍ନୟନମୂଳକ ଯୋଗାଯୋଗ ଏବଂ ଅନ୍ତରାଷ୍ଟ୍ରୀୟ ନମୁନା



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣଯୋଗାଯୋଗ

**JMC-07**

ବ୍ଲକ୍-୦୩

## ଉନ୍ନୟନମୂଳକ ଯୋଗାଯୋଗ ଏବଂ ଅନ୍ତରାଷ୍ଟ୍ରୀୟ ନମୁନା

ୟୁନିଟ୍ -୧ ବିକାଶମୂଳକ ଯୋଗାଯୋଗର ଅବଧାରଣା ସମୂହ

ୟୁନିଟ୍ -୨ ଲର୍ଣ୍ଣରଙ୍କ ନମୁନା ଏବଂ ରୋଜରଙ୍କ ମୌଳିକ ବିସ୍ତାର ନମୁନା

ୟୁନିଟ୍ -୩ ବ୍ୟବସ୍ଥା ସମୂହ ତତ୍ତ୍ୱ, ମୌଳିକ ଆବଶ୍ୟକତାର ଆଭିମୁଖ୍ୟ

ୟୁନିଟ୍ -୪ ଭାଗିଦାରୀ ନମୁନା ଏବଂ ବିକାଶମୂଳକ ଯୋଗାଯୋଗ ନିମନ୍ତେ ଆଇସିଟି

## ବିଶେଷଜ୍ଞ କମିଟି

**ଡ. ମୃଣାଳ ଚାଟାର୍ଜୀ**
ପ୍ରଫେସର ଓ ମୁଖ୍ୟ, ଭରାତୀୟ ଜନସଂଚାର ସଂସ୍ଥାନ, ଢ଼େଙ୍କାନାଳ **-ଅଧ୍ୟକ୍ଷ**

**ଡ. ଆଶିଷ କୁମାର ଦ୍ୱିବେଦୀ**, ଆସିଷ୍ଟାଣ୍ଟ ପ୍ରଫେସର ( କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର **-ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ**,ସଂପାଦକ, ସମଦୃଷ୍ଟି **-ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି,** ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**-ସଭ୍ୟ**

**ଡ. ଦୀପକ ସାମନ୍ତରାୟ**
ନିର୍ଦ୍ଦେଶକ, ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର**-ସଭ୍ୟ**

**ଡଃ ଜ୍ୟୋତି ପ୍ରକାଶ ମହାପାତ୍ର**, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର **-ଆବାହକ**

| ମୂଳ ଇଂରାଜୀ | ଅନୁବାଦ | ସମ୍ପାଦନା |
|---|---|---|
| **ସୃଷ୍ଟି ମିଶ୍ର** | **ଅରବିନ୍ଦ ପରିଡ଼ା** | **ସଂବିତ ମିଶ୍ର** |
| ଗଣମାଧ୍ୟମ ଶିକ୍ଷାବିତ୍ | ସମ୍ପାଦକୀୟ ପରାମର୍ଶଦାତା, ନିତିଦିନ | ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ |

## ସାମଗ୍ରୀ ଉତ୍ପାଦନ

**ଡ. ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

OSOU, 2021. *Development Communication and International Models* is made available under a Creative Commons Attribution-Share Alike 4.0 http://creativecommons.org/licences/by-sa/4.0

Printed by :

ଜେଏମ୍‌ସି

ବ୍ଲକ୍ ୪

# ସୂଚୀପତ୍ର

## ୟୁନିଟ୍ - ୧: ବିକାଶ ଯୋଗାଯୋଗର ଅବଧାରଣା


୧.୦: ବିଷୟ ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ବିଷୟ ପରିଚୟ

୧.୩: ବିକାଶ ଯୋଗାଯୋଗର ଦର୍ଶନ ଏବଂ ଲକ୍ଷ୍ୟ

୧.୪: ତିନିଗୋଟି ମୁଖ୍ୟ ଉଦାହରଣ/ଦୃଷ୍ଟାନ୍ତ

୧.୫: ବିକାଶ ଯୋଗାଯୋଗ ପ୍ରତି ଦୃଷ୍ଟିକୋଣ

୧.୬: ଉପସଂହାର

୧.୭: ଆସ ପ୍ରଗତି ମାପିବା


## ୟୁନିଟ୍ – ୨: ଲର୍ଣ୍ଣରଙ୍କ ନମୁନା ଏବଂ ରୋଜରଙ୍କ ମୌଳିକ ବିସ୍ତାର ନମୁନା


୨.୦: ବିଷୟ ଗଠନ

୨.୧: ପଠନର ଉଦ୍ଦେଶ୍ୟ

୨.୨: ବିଷୟ ପରିଚୟ

୨.୩: ଲର୍ଣ୍ଣରଙ୍କ ବିକାଶ ନମୁନା

୨.୪: ରୋଜରଙ୍କ ନବୀନତମ ନମୁନାର ବିସ୍ତାର

୨.୫: ବିସ୍ତାର

୨.୬: ନବୀନତମ ନମୁନା ବିସ୍ତାରର ମୌଳିକ ଉପାଦାନ ସମୂହ

୨.୭: ନବୋନ୍ମେଷ ଏବଂ ଅଧିଗ୍ରହଣର ହାର

୨.୮: ନବୋନ୍ମେଷ-ନିଷ୍ପତ୍ତି ପ୍ରକ୍ରିୟା

୨.୯: ଆସ ପ୍ରଗତି ମାପିବା


## ୟୁନିଟ୍ – ୩: ବ୍ୟବସ୍ଥା ସମୂହ ତତ୍ତ୍ୱ (ସିଷ୍ଟମସ୍ ଥିଓରୀ), ମୌଳିକ ଆବଶ୍ୟକତା ଆଭିମୁଖ୍ୟ


୩.୦: ବିଷୟ ଗଠନ

୩.୧: ପଠନର ଉଦ୍ଦେଶ୍ୟ

୩.୨: ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ଉପକ୍ରମଣିକା

୩.୩: ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ବିବର୍ତ୍ତନ

୩.୪: ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ଲକ୍ଷ୍ୟ ସମୂହ

୩.୫: ତତ୍ତ୍ୱର ମୂଳ ଉତ୍ସ ସମୂହ

୩.୬: ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ରାଜନୀତିକ ଦିଗ

୩.୭: ପ୍ରୟୋଗ ସମୂହ ଏବଂ ସମ୍ଭାବନା ସମୂହ
୩.୮: ପରିସୀମା
୩.୯: ମୌଳିକ ଆବଶ୍ୟକତା ଆଭିମୁଖ୍ୟର ପରିଚୟ
୩.୧୦: ମୌଳିକ ଆବଶ୍ୟକତା ଆଭିମୁଖ୍ୟର ବିବର୍ତ୍ତନ
୩.୧୧: ମୌଳିକ ଆବଶ୍ୟକତା ଆଭିମୁଖ୍ୟର ପରିସୀମା
୩.୧୨: ଆସ ପ୍ରଗତି ମାପିବା

## ୟୁନିଟ୍ – ୪: ଭାଗିଦାରୀ ନମୁନା ଏବଂ ବିକାଶମୂଳକ ଯୋଗାଯୋଗ ନିମନ୍ତେ ଆଇସିଟି

୪.୦: ବିଷୟ ଗଠନ
୪.୧: ପଠନର ଉଦ୍ଦେଶ୍ୟ
୪.୨: ଭାଗିଦାରୀ ନମୁନା ସମ୍ବନ୍ଧରେ ପରିଚୟ
୪.୩: ଭାଗିଦାରୀ ନମୁନା ଉଦ୍ଦେଶ୍ୟରେ ଆଭିମୁଖ୍ୟ
୪.୪: ଉଦୀୟମାନ ଦୃଷ୍ଟାନ୍ତ: ଭାଗିଦାରୀ
୪.୫: ବିକାଶମୂଳକ ଯୋଗାଯୋଗ ସମ୍ପର୍କରେ ପ୍ରମୁଖ ପ୍ରସଙ୍ଗ ସମୂହ
୪.୬: ବିକାଶମୂଳକ ଯୋଗାଯୋଗର ମୌଳିକ ନୀତି ସମୂହ
୪.୭: ବିକାଶମୂଳକ ଯୋଗାଯୋଗ ପାଇଁ ଭାଗିଦାରୀ ନମୁନା
୪.୮: ବିକାଶ ନିମନ୍ତେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି
୪.୯: ଆସ ପ୍ରଗତି ମାପିବା

ଅଧିକ ପଢ଼ିବା ପାଇଁ
ଆସ ପ୍ରଗତି ମାପିବାର ଉତ୍ତର
ଆଦର୍ଶ ପ୍ରଶ୍ନାବଳୀ

# ୟୁନିଟ୍– ୧:  ବିକାଶ ଯୋଗାଯୋଗର ଅବଧାରଣା


୧.୦: ବିଷୟର ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ବିଷୟ ପରିଚୟ

୧.୩: ବିକାଶ ଯୋଗାଯୋଗର ଦର୍ଶନ ଏବଂ ଲକ୍ଷ୍ୟ

୧.୪: ତିନିଗୋଟି ମୁଖ୍ୟ ଦୃଷ୍ଟାନ୍ତ

୧.୪.୧: ପ୍ରାଧାନ୍ୟ ବିସ୍ତାରକାରୀ ଦୃଷ୍ଟାନ୍ତ

୧.୪.୨: ବିରୋଧ ପ୍ରଦର୍ଶନକାରୀ ଦୃଷ୍ଟାନ୍ତ (ନିର୍ଭରଶୀଳତା)

୧.୪.୩: ଉଦୀୟମାନ ଦୃଷ୍ଟାନ୍ତ (ଭାଗିଦାରୀ)

୧.୫: ବିକାଶ ଯୋଗାଯୋଗ ପ୍ରତି ଦୃଷ୍ଟିକୋଣ

୧.୬: ଉପସଂହାର

୧.୭: ଆସ ପ୍ରଗତି ମାପିବା


## ୧.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍‌ରେ ଆପଣମାନେ ବିକାଶମୂଳକ ଯୋଗାଯୋଗରେ ବୁଝାମଣା ନିମନ୍ତେ ଉପସ୍ଥାପିତ ହୋଇଥିବା ନୀତିଗୁଡ଼ିକ, ବିକାଶର ତିନିଗୋଟି ପ୍ରମୁଖ ଦୃଷ୍ଟାନ୍ତଗୁଡ଼ିକ ସମ୍ପର୍କରେ ଏବଂ ବିକାଶ ଯୋଗାଯୋଗ ପ୍ରତି ରହିଥିବା ଆଭିମୁଖ୍ୟଗୁଡ଼ିକ ସମ୍ବନ୍ଧରେ ପାଠ କରିବେ।

## ୧.୨: ବିଷୟ ପରିଚୟ

'ବିକାଶ ଯୋଗାଯୋଗ' ଶବ୍ଦ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପ୍ରଥମ ଥର ପାଇଁ ପ୍ରଚଳିତ ହୋଇଥିଲା। ବିକାଶ ଯୋଗାଯୋଗକୁ 'ସାମାଜିକ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ଯୋଗାଯୋଗ କରିବା' ଭାବରେ ସଂଜ୍ଞାଭୁକ୍ତ କରାଯାଇଥାଏ। ଏହାକୁ 'ବିକାଶ ନିମନ୍ତେ ଯୋଗାଯୋଗ' ବା 'ବିକାଶକୁ ସମର୍ଥନ/ସହାୟତା କରୁଥିବା ଯୋଗାଯୋଗ' ବା 'ସାମାଜିକ ପରିବର୍ତ୍ତନ ପାଇଁ ଯୋଗାଯୋଗ' ବୋଲି ମଧ୍ୟ କୁହାଯାଇ ପାରିବ। ବିକାଶ ଯୋଗାଯୋଗ ସଂଘଟିତ ହେଉଥିବା ସମ୍ପର୍କରେ ଜଣେ ବୁଝିବାକୁ ହେଲେ ତାଙ୍କୁ ଏଥି ସମ୍ବନ୍ଧିତ ପ୍ରକ୍ରିୟା ଏବଂ କୌଶଳଗୁଡ଼ିକ ବିଧିବଦ୍ଧ ଭାବରେ ପ୍ରୟୋଗ ହେଉଥିବା ସମ୍ପର୍କରେ ସୁନିଶ୍ଚିତ ହେବାର ଆବଶ୍ୟକତା ରହିଛି। ପ୍ରକୃତ ଅର୍ଥରେ ସକରାତ୍ମକ ସାମାଜିକ ପରିବର୍ତ୍ତନ ଆଣିବା ନିମନ୍ତେ ଯୋଗାଯୋଗର ନୀତି ନିୟମଗୁଡ଼ିକୁ ପାଳନ କରିବାକୁ ବିକାଶମୂଳକ ଯୋଗାଯୋଗ କୁହାଯାଏ।

ବିଭିନ୍ନ ବିଦ୍ୱାନ ଏବଂ ପେସାଦାର ଲୋକମାନଙ୍କ ପାଇଁ ଯୋଗାଯୋଗ ଭଳି, ବିକାଶର ଅର୍ଥ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ (ମେଲ୍‌କୋଟ୍ ଏବଂ ଲେସ୍‌ଲି, ୨୦୧୫)।

ବିକାଶର ଅର୍ଥ ହେଉଛି ସମାଜର ଜୀବନ ନିର୍ବାହ କରିବାର ଅବସ୍ଥାରେ ଉନ୍ନତି ଘଟାଇବା। ଯଦିଓ ଏହି ଅବଧାରଣା ବିସ୍ତୃତ ଭାବରେ ଗୃହୀତ, ତେବେ ଉନ୍ନତ ଜୀବନ ଧାରଣର ଅବସ୍ଥା କାହାକୁ ନେଇ ଗଠିତ ଏବଂ କିପରି ତାହାକୁ ହାସଲ କରାଯାଇ ପାରିବ ଭଳି ପ୍ରସଙ୍ଗଗୁଡ଼ିକୁ ନେଇ ବିତର୍କଟିଏ ରହିଛି (ମେଲ୍‌କୋଟ୍ ଏବଂ ଲେସ୍‌ଲି, ୨୦୧୫)। ପ୍ରସ୍ତାବକମାନେ କୁହନ୍ତି ଯେ, ବିକାଶ ହାସଲ କରିବା ନିମନ୍ତେ ଯୋଗାଯୋଗ କୌଶଳଗୁଡ଼ିକର ଯୋଜନାବଦ୍ଧ ବ୍ୟବହାର ହେଉଛି ବିକାଶ ଯୋଗାଯୋଗ (ସିହ୍ନା, ୨୦୧୩)। 'ବିକାଶ ଯୋଗାଯୋଗ' ଶବ୍ଦ ପ୍ରଥମ ଥର ପାଇଁ ୧୯୭୦ରେ ନୋରା କ୍ୱେବ୍ରାଲଙ୍କ ଦ୍ୱାରା ବ୍ୟବହୃତ ହୋଇଥିଲା (ସ୍ୱାମ୍‌ପିକାଲ, ୨୦୦୬)।

ଏଭରେଟ୍ ରୋଜର୍ସ୍ (୨୦୦୮)ଙ୍କ କହିବା ଅନୁସାରେ, ବିକାଶ କାର୍ଯ୍ୟକ୍ରମରେ ପ୍ରମୁଖ ହିତାଧିକାରୀମାନଙ୍କୁ ନିଯୋଗ କରି ପରିପୋଷଣୀୟ ପରିବର୍ତ୍ତନକୁ ସହାୟତା ପ୍ରଦାନ କରିବା ହେଉଛି ବିକାଶ ଯୋଗାଯୋଗର ଉଦ୍ଦେଶ୍ୟ। ମୁଖ୍ୟ କାର୍ଯ୍ୟଗୁଡ଼ିକ ହେଉଛି ବିପଦ ଏବଂ ସୁଯୋଗଗୁଡ଼ିକୁ ଆକଳନ କରିବା ନିମନ୍ତେ ଅନୁକୂଳ ପରିବେଶ ପ୍ରତିଷ୍ଠା କରିବା, ସୂଚନା ବଣ୍ଟନ କରିବା; ବ୍ୟବହାର ଏବଂ ସାମାଜିକ ପରିବର୍ତ୍ତନକୁ ପ୍ରେରିତ କରିବା (ରୋଜର୍ସ, ୨୦୦୮)। ବିକାଶ ଯୋଗାଯୋଗର ପରିସର ଏବଂ କାର୍ଯ୍ୟାବଳୀ କେବଳ ସୂଚନା ଓ ବାର୍ତ୍ତାକୁ ଅନ୍ୟମାନଙ୍କ ମଧ୍ୟରେ ପ୍ରସାରିତ କରିବା ଭିତରେ ସୀମିତ ନୁହେଁ, ଏହା ମଧ୍ୟ ହିତାଧିକାରୀମାନଙ୍କୁ କାର୍ଯ୍ୟକ୍ରମରେ ସମ୍ପୃକ୍ତ/ସାମିଲ କରାଇବା ଏବଂ ଅବସ୍ଥାର ଆକଳନ/ଅଟକଳ କରିବା ବୋଲି ପର୍ଯ୍ୟାପ୍ତ ଭାବରେ କୁହାଯାଇପାରେ। ଡାନିଏଲ ଲର୍ଣ୍ଣର (୧୯୫୮), ଏଭରେଟ୍ ରୋଜର୍ସ୍ (୧୯୬୨) ଏବଂ ୱିଲ୍‌ବର୍ ସ୍କ୍ରାମ୍ (୧୯୬୪) ବିଭିନ୍ନ ଆଭିମୁଖ୍ୟସମ୍ପନ୍ନ ବିକାଶ ଯୋଗାଯୋଗର ପ୍ରବର୍ତ୍ତକଗଣ (ମେନିୟୋଜୋ, ୨୦୧୨)।

ଆମେମାନେ ଯଦି ବିକାଶ ପ୍ରକ୍ରିୟା ଏବଂ ଏହାର ରୂପାନ୍ତରଣର ମୌଳିକ ଅବଧାରଣାକୁ ବିଶ୍ଳେଷଣ କରିବା, ତା'ହେଲେ ଏହାର ଐତିହାସିକ ଏବଂ ଆଦର୍ଶଗତ ଦୃଷ୍ଟିକୋଣରୁ ଯୋଗାଯୋଗର ବିକାଶର ବୈଶିଷ୍ଟ୍ୟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରି ପାରିବା (ନରୁଲା, ୧୯୯୪)।

କ) ମନୁଷ୍ୟ ଏବଂ ସେମାନଙ୍କର ବିକାଶ ହେଉଛି ଧ୍ୟାନର କେନ୍ଦ୍ରବିନ୍ଦୁ। ଏହା ଲୋକମାନଙ୍କ ଦ୍ୱାରା ଏବଂ ସେମାନଙ୍କ ସହିତ ପରିଚାଳିତ ହେଲେ ପ୍ରକ୍ରିୟା ଯଥାର୍ଥ ହୋଇ ପାରିବ ।

ଖ) ଲୋକମାନଙ୍କର ମୌଳିକ ଆବଶ୍ୟକତାକୁ ପୂରଣ କରିବା ହେଉଛି ପ୍ରାଥମିକ ଉଦ୍ଦେଶ୍ୟ ।

ଗ) ବିକାଶ ପ୍ରକ୍ରିୟା ସ୍ଥାନୀୟ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନ ଉପରେ ପର୍ଯ୍ୟବସିତ ହେବା ସହିତ ସେହି ନିର୍ଦ୍ଦିଷ୍ଟ ସମାଜର ପାରିସ୍ଥିତିକ ଏବଂ ସାଂସ୍କୃତିକ ପରିବେଶକୁ ବିଚାରକୁ ନେଇ ସାମଗ୍ରିକ ଦୃଷ୍ଟିକୋଣକୁ ଅନୁସରଣ କରିବା ଉଚିତ।

ଘ) ଅନ୍ୟ କୌଣସି ସଂସ୍କୃତି ବା ସମାଜରୁ ଉଧାର ସୂତ୍ରରେ ଅଣାଯିବା ପରିବର୍ତ୍ତେ ପ୍ରକ୍ରିୟାଟି ମୌଳିକ, ଆତ୍ମ-ନିର୍ଭରଶୀଳ ଏବଂ ସ୍ୱଦେଶୀ ପ୍ରକ୍ରିୟା ଉପରେ ଆଧାରିତ ହେବା ଉଚିତ।

ଙ) ଅର୍ଥନୀତିକ ଏବଂ ଭିତ୍ତିଭୂମିଗତ ବିକାଶ ନିମନ୍ତେ ପ୍ରକ୍ରିୟାଟି ସ୍ଥାନୀୟ ଭାବରେ ଉପଲବ୍ଧ ସମ୍ବଳ, ସାମଗ୍ରୀ ଏବଂ ମାନବ ଶକ୍ତି ଉପରେ ନିର୍ଭର କରିବା ଉଚିତ।

ଚ) ପ୍ରକ୍ରିୟାଟିର କାର୍ଯ୍ୟାନ୍ୱୟନ ନିମନ୍ତେ ଏବଂ ସମାଜ ଭିତରେ, ସମାଜ-ସମାଜ ମଧ୍ୟରେ ରହିଥିବା ଅସମାନତାକୁ ଦୂର କରିବା ପାଇଁ ଏକ ସାଙ୍ଗଠନିକ, ସାମାଜିକ ଏବଂ ବ୍ୟବହାରିକ ରୂପାନ୍ତରଣ ଆବଶ୍ୟକ।

ଛ) ତେଣୁ ବୈଷୟିକ, ସାଂସ୍କୃତିକ ଏବଂ ରାଜନୀତିକ ପରିବର୍ତ୍ତନ ଜରିଆରେ ଘଟୁଥିବା ସାମାଜିକ ପରିବର୍ତ୍ତନକୁ ଗ୍ରହଣ କରିବାର ସାମର୍ଥ୍ୟ ଉପରେ ବିକାଶ ପ୍ରକ୍ରିୟା ନିର୍ଭର କରିଥାଏ।

ବିକାଶ ସହିତ ସମ୍ପର୍କିତ ବିଭିନ୍ନ ପ୍ରକାରର ପ୍ରସଙ୍ଗ ଏବଂ ଉପ-ପ୍ରସଙ୍ଗ ସମୂହ ରହିଛି, ନିର୍ଦ୍ଦିଷ୍ଟ ଭାବରେ ଅର୍ଥନୀତି, ସାମାଜିକ, ରାଜନୀତିକ, ସାଂସ୍କୃତିକ ଅଭିବୃଦ୍ଧି, ଦାରିଦ୍ର୍ୟ ଦୂରୀକରଣ ଏବଂ ଉତ୍ତମ ସ୍ୱାସ୍ଥ୍ୟସେବା ସୁବିଧା ବାବଦରେ, ବିଶେଷଜ୍ଞମାନଙ୍କ ଦ୍ୱାରା ଆଲୋଚନା କରାଯାଇଅଛି। ବିକାଶ ଯୋଗାଯୋଗ କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ ଲୋକମାନଙ୍କୁ ଗୁଣାତ୍ମକ ମାନର ଜୀବନଶୈଳୀ ପ୍ରଦାନ କରିବା ହେଉଛି ପ୍ରମୁଖ ଧ୍ୟାନ । ପ୍ରସଙ୍ଗ ଏବଂ ଉପ-ପ୍ରସଙ୍ଗଗୁଡ଼ିକ ହେଉଛି: ଧନୀ ଏବଂ ଗରିବମାନଙ୍କ ମଧ୍ୟରେ ରହିଥିବା ବିକାଶର ଅନ୍ତର, ଯୋଗାଯୋଗର ଅନ୍ତର ଏବଂ ସୂଚନାର ସଂଚୟ, ଅମଲାତାନ୍ତ୍ରିକ ପ୍ରକ୍ରିୟାଗୁଡ଼ିକ ଯୋଗୁଁ ରହିଥିବା ପ୍ରତିବନ୍ଧକ ଏବଂ ରାଜନୀତିକ ଇଚ୍ଛାଶକ୍ତି ଇତ୍ୟାଦି।

## ୧.୩: ବିକାଶ ଯୋଗାଯୋଗର ଦର୍ଶନ ଏବଂ ଲକ୍ଷ୍ୟ

ବିକାଶ ଯୋଗାଯୋଗ ଦର୍ଶନର ସଂଜ୍ଞା ନିର୍ଦ୍ଧାରଣ ଏବଂ ଏହାକୁ ସାଧାରଣ ଯୋଗାଯୋଗଠାରୁ ପୃଥକ୍ କରୁଥିବା ତିନିଟି ମୁଖ୍ୟ ଧାରଣାକୁ ନିମ୍ନରେ ଦର୍ଶାଗଲା:

କ) ବିକାଶ ଯୋଗାଯୋଗ ହେଉଛି ଉଦ୍ଦେଶ୍ୟମୂଳକ ଯୋଗାଯୋଗ; ଏହା ମୂଲ୍ୟବୋଧ-ସନ୍ନିବେଶିତ ଏବଂ ସ୍ୱଭାବତଃ ଦୃଷ୍ଟାନ୍ତମୂଳକ। ବିକାଶ ପରିପ୍ରେକ୍ଷୀରେ ଯାହା ଜଣାଇ ଦିଆଯାଉଥାଏ, ସେଥିରେ ଏକ ସକାରାତ୍ମକ ମୂଲ୍ୟବୋଧ ସଂଯୁକ୍ତ କରାଯାଇଥାଏ ଏବଂ ଏହା ସାମାଜିକ ପରିବର୍ତ୍ତନ ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇବା ଉଚିତ।

ଖ) ବିକାଶ ଯୋଗାଯୋଗ ଲକ୍ଷ୍ୟ-ସାଧନକାରୀ ହୋଇଥାଏ। ବିକାଶ ଯୋଗାଯୋଗର ଏକମାତ୍ର ଲକ୍ଷ୍ୟ ହେଉଛି ସାମାଜିକ ଏବଂ ରାଜନୀତିକ ପରିବର୍ତ୍ତନଦ୍ୱାରା ଏକ ସମାଜର ଲୋକମାନଙ୍କ ଜୀବନକୁ ଏକ ଉଚ୍ଚ ଗୁଣାତ୍ମକ ମାନସମ୍ପନ୍ନ ଜୀବନରେ ପରିଣତ କରିବା।

ଗ) ବିକାଶ ଯୋଗାଯୋଗର ଲକ୍ଷ୍ୟ କେବଳ ବିଶୁଦ୍ଧ ଭାବରେ ଅର୍ଥନୀତିକ ରୂପରେ ନୁହେଁ, ବରଂ ସାମାଜିକ, ରାଜନୀତିକ, ସାଂସ୍କୃତିକ ଏବଂ ନୈତିକ ମୂଲ୍ୟବୋଧ ହାସଲ କରିବା, ଯାହା ଜଣେ ବ୍ୟକ୍ତିଙ୍କର ଜୀବନକୁ ସାମଗ୍ରିକ ଭାବରେ ପରିପୂର୍ଣ୍ଣ କରି ତାଙ୍କୁ ନିଜର ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ହାସଲ କରିବାରେ ସକ୍ଷମ କରାଇବ। ଏକ ନିର୍ଦ୍ଦିଷ୍ଟ ସମାଜରେ ବିକାଶ ଯୋଗାଯୋଗର ଲକ୍ଷ୍ୟ ସେହି ସମାଜର ଲକ୍ଷ୍ୟ ଏବଂ ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ ହେବ।

ବିକାଶ ଯୋଗାଯୋଗକୁ ଦୁଇ ପ୍ରକାରର ଶ୍ରୋତାଙ୍କ ସହିତ କାରବାର କରିବାକୁ ପଡ଼ିଥାଏ:

୧) ବିକାଶ ସହିତ ସମ୍ପର୍କିତ ଅମଲାତନ୍ତ୍ର, ଗଣମାଧ୍ୟମର ପେସାଦାର ବ୍ୟକ୍ତିବିଶେଷ ଏବଂ ପେସାଦାର ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ଯୋଗାଯୋଗକାରୀ ସମୂହ, ଏବଂ

୨) ଲୋକମାନେ ଅର୍ଥାତ୍ ଶ୍ରୋତା/ଦର୍ଶକ ଯେଉଁମାନେ କି ସୂଚନାପ୍ରାପ୍ତ ହୋଇ ପାରନ୍ତି ବା ସୂଚନା ରହିତ ହୋଇପାରନ୍ତି; ଶିକ୍ଷିତ ବା ଅର୍ଦ୍ଧ-ଶିକ୍ଷିତ ବା ଅଶିକ୍ଷିତ ହୋଇ ପାରନ୍ତି।

## ୧.୪: ତିନିଗୋଟି ମୁଖ୍ୟ ଦୃଷ୍ଟାନ୍ତ

ଆଦର୍ଶଗତ ଏବଂ ଐତିହାସିକତା ଦୃଷ୍ଟିରୁ ବିକାଶର ତିନିଗୋଟି ମୁଖ୍ୟ ଦୃଷ୍ଟାନ୍ତ ରହିଛି (ରୋଜର୍ସ୍,୨୦୦୮)। ସେଗୁଡ଼ିକ ହେଉଛି, କ) ପ୍ରାଧାନ୍ୟ ବିସ୍ତାରକାରୀ ଦୃଷ୍ଟାନ୍ତ (ଆଧୁନିକୀକରଣ), ଖ) ବିରୋଧ ପ୍ରଦର୍ଶନକାରୀ ଦୃଷ୍ଟାନ୍ତ (ନିର୍ଭରଶୀଳତା), ଏବଂ ଗ) ଉଦୀୟମାନ ଦୃଷ୍ଟାନ୍ତ (ଭାଗିଦାରୀ)।

### ୧.୪.୧ ପ୍ରାଧାନ୍ୟ ବିସ୍ତାରକାରୀ ଦୃଷ୍ଟାନ୍ତ

ବିକାଶର ଅବଧାରଣାରୁ ଉଦ୍ଭବ ହୋଇଥିବା ଦୃଷ୍ଟିକୋଣଟି ହେଉଛି 'ଆଧୁନିକୀକରଣ'। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିକଶିତ ହୋଇଥିବା ଏହି ଦୃଷ୍ଟାନ୍ତର ମୁଖ୍ୟ ଧାରଣା ଥିଲା ଅବିକଶିତ ଦେଶମାନଙ୍କୁ 'ଆଧୁନିକୀକରଣ' କରାଇ ବିକାଶ ସମସ୍ୟାର ସମାଧାନ କରିବା। ଏହି ଚିନ୍ତାଧାରା ପ୍ରାଧାନ୍ୟ ବିସ୍ତାରକାରୀ ସଂସ୍କୃତିର ଅଂଶ ଥିଲା ବା ଆମେ କହି ପାରିବା ଯେ ଅଧିକାଂଶ ଲୋକ ବିକାଶ ପ୍ରସଙ୍ଗଗୁଡ଼ିକର ଉତ୍ତର ଭାବରେ ଅନ୍ତତଃପକ୍ଷେ ଏହା ବିଶ୍ୱାସ କରୁଥିଲେ (ପୁଞ୍ଜିବାଦ ଏବଂ ଆଧୁନିକତାକୁ ଆପଣାଇବା)। ଏହି ଆଭିମୁଖ୍ୟ ସମାଜକୁ ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ବ୍ୟବହାରକୁ ବା ଆମେ କହି ପାରିବା ପୁଞ୍ଜିବାଦ ପ୍ରଚୋଦିତ ପାଶ୍ଚାତ୍ୟ ଅର୍ଥନୀତିଗୁଡ଼ିକର ଶୈଳୀକୁ ଅନୁସରଣ କରିବାରେ କିପରି ପ୍ରଭାବଶାଳୀ ହୋଇପାରିବ, ତାହା ପରାମର୍ଶ ଦେଉଥିଲା। ବିକାଶକୁ ଅର୍ଥନୀତିକ ଅଭିବୃଦ୍ଧି ସହିତ ସମାନ ଦୃଷ୍ଟିରେ ପରିଗଣନା କରାଯାଉଥିଲା। ଆଧୁନିକୀକରଣ ଆଭିମୁଖ୍ୟ ହେଉଛି ପୁଞ୍ଜିବାଦୀ ଅର୍ଥନୀତିକ ବିକାଶକୁ ପ୍ରୋତ୍ସାହନ ଓ ସମର୍ଥନ ଦେବା। ଏକ ପରିମାଣରେ ଏହି ଦୃଷ୍ଟାନ୍ତର ଅନୁଗାମୀମାନେ ବିଶ୍ୱାସ କରନ୍ତି ଯେ ଅର୍ଥନୀତିକ ଅଭିବୃଦ୍ଧିର ପାଶ୍ଚାତ୍ୟ ନମୁନା ସାର୍ବଜନୀନ ଭାବରେ ପ୍ରଯୁଜ୍ୟ ଏବଂ ଆଧୁନିକ ଜ୍ଞାନକୌଶଳକୁ ଆପଣାଇବାକୁ ଗ୍ରହଣ କରିବାକୁ ଲୋକମାନଙ୍କୁ ପ୍ରବର୍ତ୍ତାଉ ଥିଲେ (ମେଲ୍‌କୋଟ୍ ଏବଂ ଲେସ୍‌ଲି, ୨୦୧୫)।

ପାଉଲୋ ଫ୍ରେଇରେ (୨୦୦୮) ପ୍ରାଧାନ୍ୟ ବିସ୍ତାରକାରୀ ଦୃଷ୍ଟାନ୍ତର ଚାରିଗୋଟି ପ୍ରମୁଖ ସ୍ତରର ସଂଜ୍ଞା ନିର୍ଦ୍ଧାରଣ କରିଥିଲେ:

- ସାଂସ୍କୃତିକ ସ୍ତର,
- ବୈଷୟିକ ସ୍ତର
- ରାଜନୀତିକ ସ୍ତର, ଏବଂ
- ଅର୍ଥନୀତିକ ସ୍ତର।

ସାଂସ୍କୃତିକ ସ୍ତରରେ ନବ ଉଦ୍ଭାବନ, ଆଧୁନିକତାକୁ ଆପଣାଇବା, ଅବିକଶିତ ଦେଶମାନଙ୍କର ବ୍ୟକ୍ତିବିଶେଷଙ୍କ ମାନସିକତାରେ ପରିବର୍ତ୍ତନ ତଥା ପାରମ୍ପରିକ ବିଶ୍ୱାସକୁ ପରିତ୍ୟାଗ କରିବାକୁ ଆଧୁନିକୀକରଣ ପରାମର୍ଶ ଦେଉଥିଲା (ଲର୍ଣ୍ଣର,୧୯୫୯)।

ବୈଷୟିକ ସ୍ତରରେ ଆଧୁନିକୀକରଣ ବୈଜ୍ଞାନିକ ପ୍ରଣାଳୀ ଉପରେ ଭରସା ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ରାଜନୀତିକ ସ୍ୱାଧୀନତା ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଗ୍ରହଣ କରି ରାଜନୀତିକ ସ୍ତରରେ

ଅନୁସୃତ ହେବାର ଆବଶ୍ୟକତା ରହିଛି । ଏବଂ ଅର୍ଥନୀତିକ ସ୍ତରରେ ମୁକ୍ତ ବଜାରର ସୁଗୁଣ ଏବଂ କ୍ଷମତାକୁ ଆଦୌ ନଥିବା ବା ସର୍ବନିମ୍ନ ସରକାରୀ ହସ୍ତକ୍ଷେପ ବିନା ଅନ୍ଧ ଭାବରେ ଅନୁସରଣ କରାଯାଏ (ଫ୍ରେଇରେ,୨୦୦୮) ।

୧୯୫୦ ଏବଂ ୧୯୬୦ ଦଶକରେ ଆଧୁନିକୀକରଣର ମୁଖ୍ୟ ଲକ୍ଷ୍ୟ ଥିଲା ବିକାଶ ଭାବରେ ଅର୍ଥନୀତିକ ଅଭିବୃଦ୍ଧିକୁ ପରିଗଣନା କରିବା । ଏଠାରେ ବିକାଶର ଅବଧାରଣା ଥିଲା ଏକ ରୈଖିକ ବ୍ୟବସ୍ଥା, ଯାହା ବିଜ୍ଞାନ, ଯୁକ୍ତିଯୁକ୍ତତା, ବୈଷୟିକ ଜ୍ଞାନକୌଶଳ ଏବଂ ମୁକ୍ତ ବଜାର ବ୍ୟବସ୍ଥା ଉପରେ ପର୍ଯ୍ୟବସିତ (ଫ୍ରେଇରେ,୨୦୦୮) । ଏହି ଦୃଷ୍ଟିକୋଣକୁ ସାମାଜିକ-ସାଂସ୍କୃତିକ ପ୍ରଭାବର ବ୍ୟାପକ ଦିଗକୁ ଅଣଦେଖା କରି ଅର୍ଥନୀତିକ ଦିଗ ଉପରେ ଅଧିକ ଧ୍ୟାନ ଦେଇଥିବା କୁହାଯାଇ ସମାଲୋଚନା କରାଯାଇଥାଏ । ପୁନଶ୍ଚ, ଏହି ଦୃଷ୍ଟାନ୍ତ ସାଂସ୍କୃତିକ ଭାବରେ ଅସମ୍ବେଦନଶୀଳ, ତାତ୍ତ୍ୱିକ ଦୃଷ୍ଟିରୁ ତ୍ରୁଟିପୂର୍ଣ୍ଣ ଏବଂ ପ୍ରଣାଳୀଗତ ଦୃଷ୍ଟିରୁ ଅପର୍ଯ୍ୟାପ୍ତ ବୋଲି ବିଶ୍ୱାସ କରାଯାଏ (ସର୍ଭେସ୍,୧୯୯୧) ।

ଯୋଗାଯୋଗ 'ପଛୁଆ ବା ଅବିକଶିତ ବା ବିକାଶଶୀଳ' ଦେଶମାନଙ୍କୁ ଏବଂ ସେମାନଙ୍କର ଲୋକମାନଙ୍କୁ ଆଧୁନିକୀକରଣ କରାଇବା ଲକ୍ଷ୍ୟରେ ସୂଚନା ଏବଂ ବାର୍ତ୍ତାର ପ୍ରସାରଣ ସହିତ ସମ୍ପୃକ୍ତ ଥିଲା । ଏହା ଯୋଗାଯୋଗର ପଦକ୍ଷେପଗୁଡ଼ିକୁ ପାରମ୍ପରିକ ଭୂଲମ୍ବ ବା ଏକ-ପାଖିଆ ଢାଞ୍ଚା ଉପରେ ପ୍ରଦାନ କରୁଥିଲା: ପ୍ରେରକ-ବାର୍ତ୍ତା-ପ୍ରଣାଳୀ-ଗ୍ରାହକ (ଏସ୍ଏମ୍ସିଆର୍) ଉପରେ ଅଧିକ ପରିମାଣରେ ନିର୍ଭରଶୀଳ ଥିବାରୁ ଗଣମାଧ୍ୟମ ଧ୍ରୁବତାରା ସଦୃଶ ମନେ ହୋଇଥିଲା ।

'ଯୋଗାଯୋଗ ଲୋକମାନଙ୍କ ମନୋବୃତ୍ତି ଏବଂ ଚିନ୍ତା କରିବାର ଧାରାକୁ ଆଧୁନିକୀକରଣ କରାଇବା ଆଶା କରାଯାଉଥିଲା ଯାହା ଅର୍ଥନୀତିକ ଢାଞ୍ଚାକୁ ସହାୟତା ପ୍ରଦାନ କରିବା ଭଳି ଅନୁକୂଳ ହେବ' (ମେଲ୍କୋଟ୍ ଏବଂ ଷ୍ଟିଭେନ୍ସ୍,୨୦୦୧) । ପ୍ରାଧାନ୍ୟ ବିସ୍ତାରକାରୀ ଦୃଷ୍ଟାନ୍ତରେ ଯୋଗାଯୋଗକୁ ରୈଖିକ ଗଣମାଧ୍ୟମ ଢାଞ୍ଚା (ଲିନିଅର୍ ମାସ୍ ମିଡିଆ ମଡେଲ) ସହିତ ସଂଯୁକ୍ତ କରାଯାଇଛି, ଯାହା ଗଣମାଧ୍ୟମର ପ୍ରବର୍ତ୍ତାଇବା କ୍ଷମତା ଉପରେ ୧୯୭୦ ଦଶକ ପର୍ଯ୍ୟନ୍ତ ବିଶ୍ୱାସ ରଖୁଥିବା ସୂଚନା ଏବଂ ବାର୍ତ୍ତାଗୁଡ଼ିକୁ ଏକ ଭୂଲମ୍ବ ବା ଉପରୁ-ତଳ କ୍ରମରେ ପ୍ରସାରିତ କରିବାର ଲକ୍ଷ୍ୟ ବହନ କରିଥାଏ (ଫ୍ରେଇରେ,୨୦୦୮) । ଲାସ୍ୱେଲ୍ଙ୍କ (୧୯୪୮) ରୈଖିକ (ଲିନିଅର୍) ଯୋଗାଯୋଗ ଢାଞ୍ଚା ଶ୍ରୋତା/ଦର୍ଶକମାନଙ୍କୁ ବ୍ୟବହାରରେ ପରିବର୍ତ୍ତନ ଘଟାଇବାକୁ ପ୍ରବର୍ତ୍ତାଇବା ନିମନ୍ତେ ବ୍ୟବହାର କରାଯାଉଥିବାକୁ ପ୍ରତିଫଳିତ କରୁଥିଲା । ଆଧୁନିକୀକରଣର ବିଫଳତା ଯୋଗାଯୋଗର ତାତ୍ତ୍ୱିକ ଢାଞ୍ଚାଗୁଡ଼ିକର ପୁନଃ-ବିଶ୍ଳେଷଣର କାରଣ ପାଲଟିଲା, ଯଥା 'ହାଇପୋଡର୍ମିକ୍ ନିଡଲ୍ ଥିଓରୀ' (ନିଷ୍କ୍ରିୟ ଲୋକମାନଙ୍କ ମଧ୍ୟରେ ଗଣମାଧ୍ୟମ ସିଧାସଳଖ ବାର୍ତ୍ତାକୁ ପ୍ରବେଶ କରାଇଥାଏ) ବା 'ବୁଲେଟ୍ ଥିଓରୀ', ଯାହା ଲୋକମାନଙ୍କ ଉପରେ ଗଣମାଧ୍ୟମର କ୍ଷମତା ଉପରେ ଅତ୍ୟଧିକ ଗୁରୁତ୍ୱ ଆରୋପ କରୁଥିଲା । ଏହା ପ୍ରମାଣିତ ଯେ, କେବଳ ଗଣମାଧ୍ୟମ ଲୋକମାନଙ୍କ ମନୋଭାବ ଏବଂ ବ୍ୟବହାରକୁ ବଦଳାଇ ପାରିବ ନାହିଁ ଏବଂ ସର୍ବୋପରି ଶ୍ରୋତା/ଦର୍ଶକମାନେ ମଧ୍ୟ ସେତେ ନିଷ୍କ୍ରିୟ ନୁହନ୍ତି (ଫ୍ରେଇରେ,୨୦୦୮) ।

ବିକାଶ ଯୋଗାଯୋଗ କ୍ଷେତ୍ରରେ ନୂତନ ଦୃଷ୍ଟିକୋଣ ୧୯୭୦ରୁ ୧୯୮୦ ଦଶକ ମଧ୍ୟରେ ଆରମ୍ଭ ହେଲା, ଆଉ ଏହା ପରେ ବିକାଶ ସମ୍ବନ୍ଧରେ ଚିନ୍ତା କରିବାର ଏକ ବିକଳ୍ପ ପନ୍ଥାର ଉଦ୍ଭବ ଘଟିଲା।

## ୧.୪.୨ ବିରୋଧ ପ୍ରଦର୍ଶନକାରୀ ଦୃଷ୍ଟାନ୍ତ (ନିର୍ଭରଶୀଳତା)

୧୯୭୦ ଦଶକରେ ବିକାଶର ରାଜନୀତିକ- ଅର୍ଥନୀତିକ ଦିଗ 'ଆଧୁନିକୀକରଣ' ପାଇଁ ଏକ ଉତ୍ତମ ବିକଳ୍ପ ଭାବରେ ବିବେଚନା କରାଯାଉଥିଲା ଏବଂ ଆଧୁନିକୀକରଣ ଦୃଷ୍ଟାନ୍ତ ବିରୁଦ୍ଧରେ ତୀବ୍ର ବିରୋଧ ପ୍ରକାଶ ପାଇବା ପରେ ନିର୍ଭରଶୀଳତା ତତ୍ତ୍ୱ ଉପରେ ପର୍ଯ୍ୟବସିତ ଏକ ବିକଳ୍ପ ତାତ୍ତ୍ୱିକ ଢାଞ୍ଚାର ଉଦ୍ଭବ ଘଟିଲା।

ଏହି ଦର୍ଶନ ଆଧୁନିକୀକରଣ ଦୃଷ୍ଟାନ୍ତର କେତେକ ମୌଳିକ ପୂର୍ବ ମାନ୍ୟତା ଯଥା ସାମାଜିକ, ଐତିହାସିକ ଏବଂ ଅର୍ଥନୀତିକ ଉପାଦାନଗୁଡ଼ିକୁ ଅବହେଳା ପ୍ରଦର୍ଶନ କରିବାକୁ ସମାଲୋଚନା କରିଥାଏ। ଏହା ପ୍ରାଧାନ୍ୟ ବିସ୍ତାରକାରୀ ଦୃଷ୍ଟାନ୍ତ ଉପରେ ବିକାଶ ପାଇଁ ଅନ୍ୟ କୌଣସି ବିକଳ୍ପ ଉପାୟକୁ ଅଣଦେଖା କରି ଅତ୍ୟଧିକ ମାତ୍ରାରେ ପାଶ୍ଚାତ୍ୟ-କୈନ୍ଦ୍ରିକ ହେବାର ଅଭିଯୋଗ ଆରୋପ କରିଥାଏ। ନିର୍ଭରଶୀଳତା ସିଦ୍ଧାନ୍ତବାଦୀମାନେ ଯୋଗାଯୋଗ ଏବଂ ସଂସ୍କୃତି ଭିତରେ ରହିଥିବା ସଂଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏ. ଜି. ଫ୍ରାଙ୍କ୍ (୧୯୬୯)ଙ୍କ ମତରେ, ନିର୍ଦ୍ଦିଷ୍ଟ ଐତିହାସିକ, ଅର୍ଥନୀତିକ ଏବଂ ରାଜନୀତିକ ଉପାଦାନଗୁଡ଼ିକ ଦ୍ୱାରା ଆକୃତିପ୍ରାପ୍ତ ହୋଇ ବିକାଶ ଏବଂ ଅବିକାଶ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି ହୋଇଥାନ୍ତି। ଆନ୍ତର୍ଜାତିକ ପୁଞ୍ଜିବାଦ ବ୍ୟବସ୍ଥାର ସାଂଗଠନିକ ବିଶ୍ଳେଷଣ କରି ସେ ଏହି ମତକୁ ବିକଶିତ କରିଥିଲେ (ଫ୍ରେଇରେ,୨୦୦୮)। ବିକାଶର ବିକଳ୍ପ ଚିନ୍ତାଧାରା ଆଧୁନିକୀକରଣର ପ୍ରାଧାନ୍ୟ ବିସ୍ତାରକାରୀ ଶୈଳୀକୁ ଆହ୍ୱାନ ଦେଲା ଏବଂ ସମାଜରେ ସମାନ ବଣ୍ଟନ ନିମନ୍ତେ ରାଜନୀତିକ ଏବଂ ଅର୍ଥନୀତିକ ପୁନର୍ଗଠନ ନିମନ୍ତେ ଯୁକ୍ତି ଦର୍ଶାଇଲା (ଫ୍ରେଇରେ,୨୦୦୮; ମେଲ୍‌କୋଟ୍ ଏବଂ ଲେସ୍‌ଲି,୨୦୧୫)। ବିଶ୍ୱର ଅବସ୍ଥାରେ ରହିଥିବା ଭାରସାମ୍ୟହୀନତାକୁ ସମାଧାନ କରିବା ନିମନ୍ତେ ନିର୍ଭରଶୀଳତା ତତ୍ତ୍ୱ ବିକାଶଶୀଳ ଦେଶମାନଙ୍କୁ ଦୁଇଗୋଟି ସ୍ତରରେ କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଦେଲା। ଜାତୀୟ ସ୍ତରରେ ସେମାନଙ୍କୁ ଅର୍ଥନୀତି ଦୃଷ୍ଟିରୁ ଆତ୍ମ-ନିର୍ଭରଶୀଳ ଏବଂ ବିଦେଶୀ ଦ୍ରବ୍ୟର ଆମଦାନୀ ଉପରେ କମ୍ ନିର୍ଭରଶୀଳ ହେବା ଆବଶ୍ୟକ। ଆନ୍ତର୍ଜାତିକ ସ୍ତରରେ ଏକ ବଳିଷ୍ଠ ରାଜନୀତିକ ଉପସ୍ଥିତି ପାଇଁ ସେମାନେ ନିଜ ନିଜ ଭିତରେ ମେଣ୍ଟ ଗଠନ କରିବା ଉଚିତ (ଫ୍ରେଇରେ,୨୦୦୮)। ଏହା ଗରିବ ଏବଂ ଧନୀ ଦେଶମାନଙ୍କ ମଧ୍ୟରେ ଯୋଗାଯୋଗ, ସୂଚନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ଏକ ଅଧିକ ଭାରସାମ୍ୟଯୁକ୍ତ ଏବଂ ନ୍ୟାୟସଙ୍ଗତ ବିନିମୟକୁ ଦାବି କରୁଥିଲା।

ଘରୋଇ ଶିଳ୍ପୋଦ୍ୟୋଗର ଅଭିବୃଦ୍ଧିକୁ ଉତ୍ତେଜିତ କରିବା ମୁଖ୍ୟ ଧାରଣା ଥିଲା (ମ୍ୟାକ୍ ମାଇକେଲ,୧୯୯୬)। କିନ୍ତୁ ଏହା ବିକାଶର ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ପାଇଁ ଉପଯୁକ୍ତ ପଦ୍ଧତି(ଗୁଡ଼ିକ) ପ୍ରଦାନ କରିବାରେ ଅସମର୍ଥ ଥିଲା। ସମାଲୋଚକମାନେ ଏହି ତତ୍ତ୍ୱକୁ ପ୍ରାଧାନ୍ୟ ବିସ୍ତାରକାରୀ ତତ୍ତ୍ୱ ଭଳି ମଧ୍ୟ ଅଧିକ ପରିମାଣରେ ଅର୍ଥନୀତି ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ଏବଂ ସାମାଜିକ ଏବଂ ସାଂସ୍କୃତିକ ଉପାଦାନଗୁଡ଼ିକ ସମ୍ବନ୍ଧରେ ବିଚାର କରୁ ନଥିବା କହି ଅଭିଯୋଗ ଆଣିଲେ। ଏବଂ ଯୋଗାଯୋଗର ଧ୍ୟାନ ଏହି ଦୃଷ୍ଟାନ୍ତରେ ସୁସ୍ପଷ୍ଟ ନୁହେଁ।

ଗଣମାଧ୍ୟମ ଏବଂ ସୂଚନାର ପ୍ରବାହ ଆନ୍ତର୍ଜାତିକ ସ୍ତରରେ ଏକ ଲଘୁ ଭୂମିକା ନିର୍ବାହ କରୁଥିଲା। ଆଧୁନିକୀକରଣ ଏବଂ ନିର୍ଭରଶୀଳତା ତତ୍ତ୍ୱ ମଧ୍ୟରେ ସବୁ ପାର୍ଥକ୍ୟ ସତ୍ତ୍ୱେ, ସେମାନଙ୍କର ଯୋଗାଯୋଗର ଢାଞ୍ଚା ସମାନ ଥିଲା: ଏକ-ପାଖିଆ ଯୋଗାଯୋଗ ପ୍ରବାହ, ଏବଂ ଦୁଇଟିଯାକ ତତ୍ତ୍ୱ ମଧ୍ୟରେ ପ୍ରମୁଖ ପାର୍ଥକ୍ୟ ଥିଲା, କିଏ କେଉଁ ଉଦ୍ଦେଶ୍ୟରେ ବାର୍ତ୍ତାକୁ ନିୟନ୍ତ୍ରଣ ଏବଂ ପ୍ରେରଣ କରୁଥିଲା। ଏହି ତତ୍ତ୍ୱର ସମର୍ଥକମାନେ ଆନ୍ତର୍ଜାତିକ ସ୍ତରରେ ଭାରସାମ୍ୟଯୁକ୍ତ ଧାରାରେ ଯୋଗାଯୋଗର ପ୍ରବାହ ନିମନ୍ତେ ଯୋଗାଯୋଗ କାର୍ଯ୍ୟସୂଚୀର ପୁନଃ-ବିଶ୍ଳେଷଣ ପାଇଁ ତର୍କ କରୁଥିଲେ। ସେମାନେ ଦେଶ ଭିତରେ ଯୋଗାଯୋଗର ବିଭିନ୍ନ ଉପକରଣ ଉପରେ ଚିନ୍ତା, ତଥା ଏହାକୁ ଘରୋଇ ଗଣମାଧ୍ୟମ, ଗୋଷ୍ଠୀ ଗଣମାଧ୍ୟମ ଉପରେ ଦାୟିତ୍ୱ ନ୍ୟସ୍ତ କରିବାକୁ ପରାମର୍ଶ ଦେଇଥିଲେ।

ଯଦିଓ ୧୯୭୦ ଦଶକରେ ନିର୍ଭରଶୀଳତା ତତ୍ତ୍ୱ ଉଲ୍ଲେଖନୀୟ ପ୍ରଭାବ ବିସ୍ତାର କରିଥିଲା, ତେବେ ୧୯୮୦ ଦଶକ ବେଳକୁ ଏହା ତା'ର ଯଥାର୍ଥତା ହରାଇବାକୁ ଆରମ୍ଭ କରିଥିଲା।

### ୧.୪.୩ ଉଦୀୟମାନ ଦୃଷ୍ଟାନ୍ତ (ଭାଗିଦାରୀ)

ଏହି ଭାଗିଦାରୀ ଢାଞ୍ଚା ରାଜନୀତିକ-ଅର୍ଥନୀତିକ ଦିଗ ପ୍ରତି କମ୍ ଅଭିମୁଖୀ ଏବଂ ଲୋକମାନଙ୍କ ଭାଗିଦାରୀ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରୁଥିବା ବିକାଶର ସାଂସ୍କୃତିକ ବାସ୍ତବତାରେ ଅଧିକ ସନ୍ନିବେଶିତ। ଧୀରେ ଧୀରେ ଅର୍ଥନୀତିକ ଦିଗରୁ ସାମାଜିକ ଦିଗକୁ ପରିବର୍ତ୍ତନ ଘଟିଥିଲା।

ଦୀର୍ଘକାଳୀନ ଭିତ୍ତିରେ ଏହି ବିକାଶକୁ ସକରାତ୍ମକ ବିବେଚନା କରାଯାଉଥିଲା। "ଭାଗିଦାରୀ''କୁ ପରିପୋଷଣୀୟ ବିକାଶ କୌଶଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ମାନ୍ୟତା ପ୍ରଦାନ କରାଯାଏ। ଉପରୋକ୍ତ ଦୁଇ ଦୃଷ୍ଟାନ୍ତର ଗ୍ରହଣୀୟତାକୁ ମନା କରାଯିବା କେବଳ ଲୋକମାନଙ୍କ ଭାଗିଦାରୀ ଯୋଗୁଁ ନୁହେଁ, ବରଂ ସଶକ୍ତିକରଣ ସପକ୍ଷରେ କହୁଥିବା ଏହି ନୂଆ ଉଦୀୟମାନ ଦୃଷ୍ଟାନ୍ତକୁ ଉପସ୍ଥାପନ କରିଥିଲା। ମେଲ୍‌କୋଟ୍ (୨୦୧୫)ଙ୍କ ଅନୁସାରେ, ଉଦୀୟମାନ ଦୃଷ୍ଟିକୋଣକୁ ମୁକ୍ତି ବା ସାଧୁ ସ୍ୱଭାବର ଭାବରେ ଗ୍ରହଣ କରାଯାଏ, ଚିନ୍ତାଧାରାର ଏକ ତୃତୀୟ କ୍ଷେତ୍ର ଯାହା ବିକାଶ ଏବଂ ସାମାଜିକ ପରିବର୍ତ୍ତନକୁ କାର୍ଯ୍ୟକାରୀ କରାଇ ଥାଏ। ପାଓଲୋ ଫ୍ରେଇରେ (୧୯୭୩) ହେଉଛନ୍ତି ସର୍ବାଧିକ ବିଶିଷ୍ଟ ବିଦ୍ୱାନ୍ ଯିଏ ବିକାଶକୁ ମୁକ୍ତି ବୋଲି କହିଥିଲେ ଯାହା ମୁକ୍ତି ନୀତିଶାସ୍ତ୍ରରୁ ସୃଷ୍ଟି ହୋଇଥିଲା (ମେଲ୍‌କୋଟ୍, ୨୦୧୫)।

ଭାଗିଦାରୀ ଏବଂ ଲୋକମାନଙ୍କ-ଭିତ୍ତିକ ବିକାଶ ଧାରାରେ ଆଉ ଅଳ୍ପ କେତେକ ତତ୍ତ୍ୱର ଆବିର୍ଭାବ ଘଟିଥିଲା ଯେପରି, ବହୁମୁଖୀ ଦୃଷ୍ଟାନ୍ତ (ସର୍ଭେଇସ୍, ୧୯୯୧), ସଶକ୍ତିକରଣ ଆଭିମୁଖ୍ୟ (ଫ୍ରିଡ୍‌ମାନ୍, ୧୯୯୨)। ଏହି ଦୃଷ୍ଟିକୋଣର ସାଧାରଣ ବୈଶିଷ୍ଟ୍ୟଗୁଡ଼ିକ ହେଉଛି ଲୋକମାନଙ୍କ ଉପରେ ଗୁରୁତ୍ୱାରୋପ, ବିକାଶର ଅନ୍ତର୍ଜାତ ଦୃଷ୍ଟିକୋଣ ଏବଂ ତୃଣମୂଳ ସ୍ତରରେ କ୍ଷମତା ଏବଂ ଅଧିକାର ପ୍ରସଙ୍ଗଗୁଡ଼ିକ ପ୍ରତି ଧ୍ୟାନ ଦିଆଯିବା (ଫ୍ରେଇରେ, ୨୦୦୮)।

ଭାଗିଦାରୀ' ଦୃଷ୍ଟାନ୍ତ ଦ୍ୱି-ମୁଖୀ ଭାବ ବିନିମୟ ନୀତି ଏବଂ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରୁଥିଲା। ବିକାଶ ଯୋଗାଯୋଗ କ୍ରମବର୍ଦ୍ଧିଷ୍ଣୁ ଭାବରେ ଭୂ-ସମାନ୍ତର 'ଦ୍ୱି-ମୁଖୀ' ନମୁନା ଦିଗରେ ଗତି କରୁଛି ଯାହା ଲୋକମାନଙ୍କ ମଧ୍ୟରେ ଗଣମାଧ୍ୟମର ପାରମ୍ପରିକ ରୂପ (ଏକ-ପାଖିଆ ସୂଚନା ପ୍ରସାରଣ)

ସାହାଯ୍ୟରେ ପରାମର୍ଶ ଏବଂ କଥାବାର୍ତ୍ତା ଜରିଆରେ ସକ୍ରିୟ ଏବଂ ସିଧାସଳଖ ଭାବ ବିନିମୟ ସପକ୍ଷରେ ରହିଛି।

ଏହା ମଧ୍ୟ ବିପଦର ଆକଳନ କରିଥାଏ, ସମାଧାନର ପନ୍ଥାକୁ ବାହାର କରିଥାଏ ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସହମତି ଲୋଡ଼ିଥାଏ। ଏହିସବୁ ଗୁଣଗୁଡ଼ିକ ସଫଳତାର ଏକ ଚାବିକାଠି ଏବଂ ପରିପୋଷଣୀୟ ବିକାଶ ଉଦ୍ୟମ ଭାବରେ ଦେଖାଯାଏ। ଏହି ଦୃଷ୍ଟାନ୍ତ ଯୋଗାଯୋଗର ଯେଉଁଭଳି ଭାବରେ ଅବଧାରଣା କରାଯାଏ ଏବଂ ପ୍ରୟୋଗ କରାଯାଏ, ସେହି ଧାରାରେ ପରିବର୍ତ୍ତନ ଘଟାଉଛି। ଏହା ସୂଚନାର ଆବଣ୍ଟନରୁ ପରିସ୍ଥିତିର ବିଶ୍ଳେଷଣକୁ; ପ୍ରବର୍ତ୍ତାଇବାରୁ ଭାଗିଦାରୀ ଉପରକୁ ଗୁରୁତ୍ୱକୁ ସ୍ଥାନାନ୍ତରିତ କରୁଛି। ଯଦିଓ ଗଣମାଧ୍ୟମ ଆଉ କେନ୍ଦ୍ରୀୟ ମୌଳିକ ଉପାଦାନ ହୋଇ ନାହିଁ, କେବଳ ଯୋଗାଯୋଗର ଏକ ମାଧ୍ୟମ ମାତ୍ର ହୋଇ ରହିଛି ତଥାପି ଏହି ଦୃଷ୍ଟାନ୍ତ ଲୋକମାନଙ୍କୁ ସୂଚନା ପ୍ରଦାନ କରିବା ଏବଂ ପରିବର୍ତ୍ତନକୁ ପ୍ରୋତ୍ସାହନ ଯୋଗାଇବା ଭଳି ଏହାର ପ୍ରମୁଖ କାର୍ଯ୍ୟକୁ ବଜାୟ ରଖି; ତଥାପି ବିକାଶ ପ୍ରକ୍ରିୟାରେ ହିତାଧିକାରୀମାନଙ୍କୁ ସମ୍ପୃକ୍ତ କରାଇବା ନିମନ୍ତେ ଯୋଗାଯୋଗକୁ ବ୍ୟବହାର କରିବାର ଗୁରୁତ୍ୱକୁ ବହନ କରି ଏହାର ପରିସରକୁ ବିସ୍ତୃତ କରାଉଛି।

## ୧.୫: ବିକାଶ ଯୋଗାଯୋଗ ପ୍ରତି ଦୃଷ୍ଟିକୋଣ

ବିକାଶ ଯୋଗାଯୋଗକୁ ପରିଚାଳନା କରିବା ନିମନ୍ତେ ଅନେକଗୁଡ଼ିଏ ଦୃଷ୍ଟିକୋଣ ରହିଛି ଯେଉଁଗୁଡ଼ିକ ପରସ୍ପର ପ୍ରତି ସ୍ୱତନ୍ତ୍ର ନୁହନ୍ତି। ମୁଖ୍ୟ ଦୃଷ୍ଟିକୋଣଗୁଡ଼ିକୁ ନିମ୍ନଲିଖିତ ଶୀର୍ଷକଗୁଡ଼ିକ ଅଧୀନରେ ସାରାଂଶଭୁକ୍ତ କରାଯାଇପାରେ:

୧. ସମ୍ପ୍ରସାରଣ ଦୃଷ୍ଟିକୋଣ
୨. ଗଣମାଧ୍ୟମ ଦୃଷ୍ଟିକୋଣ
୩. ବିକାଶ ସମର୍ଥନକାରୀ ଯୋଗାଯୋଗ ଦୃଷ୍ଟିକୋଣ
୪. ଆନୁଷ୍ଠାନିକ ଦୃଷ୍ଟିକୋଣ
୫. ସମନ୍ୱିତ ଦୃଷ୍ଟିକୋଣ
୬. ବିକାଶ ଯୋଗାଯୋଗ ପ୍ରତି ସ୍ଥାନୀକରଣ ଦୃଷ୍ଟିକୋଣ
୭. ବିକାଶ ଯୋଗାଯୋଗ ପାଇଁ ଯୋଜନାବଦ୍ଧ କୌଶଳ

ଏବେ ଆସ ଏସବୁ ସମ୍ବନ୍ଧରେ ବିସ୍ତୃତ ଭାବରେ ଅଧ୍ୟୟନ କରିବା:

### ୧. ବିକାଶ ଯୋଗାଯୋଗ ପ୍ରତି ବିସରଣ ଦୃଷ୍ଟିକୋଣ

ଏହି ଦୃଷ୍ଟିକୋଣର ଧ୍ୟାନ ଅଧିକତଃ ବୈଷୟିକ ଏବଂ ସାମାଜିକ ନବ ଉଦ୍ଭାବନଗୁଡ଼ିକୁ ନୂଆ ଧାରଣା, ସେବା ଏବଂ ଉତ୍ପାଦ ଜରିଆରେ ବହନ କରି ଆଣି ଗ୍ରହଣ କରିବା ଉପରେ କେନ୍ଦ୍ରିତ ରହିଥାଏ। ବିକାଶ ନିମନ୍ତେ ଉଭୟ ବସ୍ତୁବାଦୀ ଏବଂ ସାମାଜିକ ନବ ଉଦ୍ଭାବନର ବିସରଣ ଆବଶ୍ୟକ। ବସ୍ତୁବାଦୀ ନବ ଉଦ୍ଭାବନ ଅର୍ଥନୀତିକ ଏବଂ ବୈଷୟିକ ନବ ଉଦ୍ଭାବନକୁ ବୁଝାଉ ଥିବା ବେଳେ ସାମାଜିକ ନବ ଉଦ୍ଭାବନ

ସାମାଜିକ ଆବଶ୍ୟକତା ଏବଂ ସଂରଚନା ସମ୍ପର୍କିତ ହୋଇଥାଏ। ବିସରଣର ପ୍ରକ୍ରିୟା ନବ ଉଦ୍ଭାବନ (ନୂଆ ଆବିଷ୍କାର/ଉଦ୍ଭାବନ)କୁ ଗ୍ରହଣ ବା ପ୍ରତ୍ୟାଖ୍ୟାନ କରିବା ନେଇ ବ୍ୟକ୍ତିବିଶେଷ ଏବଂ ଗୋଷ୍ଠୀର ନିଷ୍ପତ୍ତିଗୁଡ଼ିକର ଆବଶ୍ୟକତା ସହିତ ଆରମ୍ଭ ହୋଇଥାଏ। ନିଷ୍ପତ୍ତି ମୁଖ୍ୟତଃ ଗ୍ରହଣକାରୀମାନଙ୍କର ଆବଶ୍ୟକତା ଉପରେ ନିର୍ଭର କରିଥାଏ। ବିସରଣର ପରିଣତି ପ୍ରତ୍ୟକ୍ଷ/ପରୋକ୍ଷ, ଅବ୍ୟକ୍ତ/ପ୍ରକଟିତ ଏବଂ କ୍ରିୟାଶୀଳ/ଦୁଷ୍କ୍ରିୟାଶୀଳ ହୋଇପାରେ। ବିସରଣର ପ୍ରାଥମିକ ଅବସ୍ଥାର ନମୁନାଗୁଡ଼ିକ କେବଳ ବସ୍ତୁବାଦୀ ଅଭିବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରୁଥିଲା କେବଳ ଅନୁଭବ କରିବା ପାଇଁ ଯେ ବସ୍ତୁବାଦୀ ଅଭିବୃଦ୍ଧି ସହିତ ସାମାଜିକ ଅଭିବୃଦ୍ଧି ଉତ୍ପାଦ, ଧାରଣା ଏବଂ ସେବାଗୁଡ଼ିକର ବିସରଣ ପାଇଁ ଆବଶ୍ୟକ ଥିଲା। ତେଣୁ ବିସରଣ ନିଷ୍ପତ୍ତିକୁ ଅର୍ଥନୀତିକ, ବୈଷୟିକ ଏବଂ ସାମାଜିକ ପ୍ରତିବନ୍ଧକଗୁଡ଼ିକୁ ପରିଚାଳନା କରିବାକୁ ପଡ଼ିଥାଏ।

**୨. ଗଣମାଧ୍ୟମ ଦୃଷ୍ଟିକୋଣ ବିକାଶ ଯୋଗାଯୋଗ**

ବିକାଶ ଯୋଗାଯୋଗ ନିମନ୍ତେ ଏକ ଉତ୍ତମ-ସଂଜ୍ଞାଭୁକ୍ତ ବିକଶିତ ଗଣମାଧ୍ୟମ ଏବଂ ପାରସ୍ପରିକ ଯୋଗାଯୋଗ ଭିତ୍ତିଭୂମି ଆବଶ୍ୟକ। ଏହି ଭିତ୍ତିଭୂମିଗୁଡ଼ିକ ଉଭୟ ଆଙ୍ଗିକ ଏବଂ ସାମାଜିକ ଭାବରେ ଲୋକମାନଙ୍କୁ ଉପଲବ୍ଧ ହେଉଥିବା ଆବଶ୍ୟକ। ବାର୍ତ୍ତାର ବିଷୟବସ୍ତୁ ଭାରସାମ୍ୟଯୁକ୍ତ ହେବା ଉଚିତ। ବିଷୟବସ୍ତୁ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଅଭିମୁଖୀ ହେବା ଉଚିତ ଏବଂ ଉଭୟ କ୍ଷେତ୍ରର ଜନସାଧାରଣଙ୍କ ଆବଶ୍ୟକତାକୁ ପୂରଣ କରୁଥିବା ଉଚିତ। ବାର୍ତ୍ତାଗୁଡ଼ିକ ଆବଶ୍ୟକତା-ଭିତ୍ତିକ ହେବା ତଥା ସେଗୁଡ଼ିକ ଲୋକମାନଙ୍କ/ ଦର୍ଶକମାନଙ୍କ ମନକୁ ପାଇବା ଭଳି ହେବା ଉଚିତ।

**୩. ବିକାଶ ସମର୍ଥନକାରୀ ଯୋଗାଯୋଗ**

ଦୃଷ୍ଟିକୋଣରେ ଯୋଗାଯୋଗ ଲୋକମାନଙ୍କୁ କେବଳ ସୂଚନା ଏବଂ ଶିକ୍ଷିତ କରାଇବା ପାଇଁ ଉଦ୍ୟମ କରି ନଥାଏ, ବରଂ ଅଭିବୃଦ୍ଧି ଓ ପରିବର୍ତ୍ତନର ପ୍ରକ୍ରିୟାରେ ସର୍ବସାଧାରଣଙ୍କୁ ଅଂଶଗ୍ରହଣ କରିବାକୁ ପ୍ରବର୍ତ୍ତାଇ ଥାଏ ଏବଂ ତାହା ହାସଲ କରିବାକୁ ଚେଷ୍ଟା କରିଥାଏ। ଜାତୀୟ ବିକାଶ ନିମନ୍ତେ ଜନସାଧାରଣଙ୍କ ସହଯୋଗ କ୍ଷେତ୍ରରେ ବିକାଶମୂଳକ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନତା ଏକ ଅତ୍ୟାବଶ୍ୟକ ଅବସ୍ଥା। ଏହିପରି ଭାବରେ ବିକାଶ ଯୋଗାଯୋଗ ଏବଂ ବିକାଶ ସମର୍ଥନକାରୀ ଯୋଗାଯୋଗ ଦୁଇଗୋଟି ଭିନ୍ନ ଭିନ୍ନ ଶବ୍ଦ।

ବିକାଶ ଯୋଗାଯୋଗ ଲୋକମାନଙ୍କୁ ସେମାନଙ୍କର ଅର୍ଥନୀତିକ ଏବଂ ସାମାଜିକ ଅବସ୍ଥାଗୁଡ଼ିକରେ ଉନ୍ନତି ଆଣିବା ପାଇଁ ବିକାଶର ବାର୍ତ୍ତାଗୁଡ଼ିକୁ ପ୍ରଦାନ କରିବାରେ ସହାୟତା ପ୍ରଦାନ କରୁଥିବା ବେଳେ ବିକାଶ ସମର୍ଥନକାରୀ ଯୋଗାଯୋଗ ବିକାଶମୂଳକ ଯୋଜନା ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟାନୁଷ୍ଠାନର ଯୋଜନା ପ୍ରସଙ୍ଗର ସମାଧାନ କରିଥାଏ। କିନ୍ତୁ ପ୍ରାୟତଃ ଏ ଦୁଇଗୋଟିଯାକ ଶବ୍ଦ ପରସ୍ପର ପାଇଁ ବିକଳ୍ପ ଭାବରେ ବ୍ୟବହୃତ ହୋଇଥାନ୍ତି।

**୪. ଆନୁଷ୍ଠାନିକ ଦୃଷ୍ଟିକୋଣ**

ଏହି ଦୃଷ୍ଟିକୋଣ ବିକାଶ ପାଇଁ ଶିକ୍ଷା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ଗୁରୁତ୍ୱ ସାକ୍ଷରତା ଉପରେ ଦିଆଯାଇଥାଏ- ସାର୍ବଜନୀନ ଶିକ୍ଷା, ପ୍ରୌଢ଼ ଶିକ୍ଷା, ଆନୁଷ୍ଠାନିକ ଏବଂ ଅଣ-ଆନୁଷ୍ଠାନିକ ଶିକ୍ଷା।

ବିକାଶ ନିମନ୍ତେ ଅନୁକୂଳ ହେବା ଭଳି ଆବଶ୍ୟକତା-ଭିତ୍ତିକ ପ୍ରଶିକ୍ଷଣ ଏବଂ ବିକାଶ-ଅଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଇଥାଏ।

**୫. ସମନ୍ୱିତ ଦୃଷ୍ଟିକୋଣ**

ବିକାଶ ଯୋଗାଯୋଗ ପାଇଁ ଏହି ଦୃଷ୍ଟିକୋଣ ନକଲ କରିବାକୁ ଏବଂ ବିକାଶ ଉଦ୍ୟମରେ ଅପଚୟକୁ ଏଡ଼ାଇ ଯିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥାଏ। ସୂଚନା ସୁବିଧାଗୁଡ଼ିକର ପ୍ରସାରଣରେ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ, ପଛୁଆ ଏବଂ ସମୃଦ୍ଧଶାଳୀ ଅଞ୍ଚଳଗୁଡ଼ିକ ନିମନ୍ତେ ଭାରସାମ୍ୟ ରକ୍ଷା କରାଯିବା ଉଚିତ।

**୬. ବିକାଶ ଯୋଗାଯୋଗ ପାଇଁ ସ୍ଥାନୀକରଣ ଦୃଷ୍ଟିକୋଣ**

ଏହା ମଧ୍ୟ ଗୋଷ୍ଠୀ-ଭିତ୍ତିକ ଯୋଗାଯୋଗ ବ୍ୟବସ୍ଥା ଭାବରେ ପରିଚିତ। ଯୋଗାଯୋଗ ଉପକରଣ ଯାହା ଗୋଷ୍ଠୀ-ଭିତ୍ତିକ ହୋଇଥାଏ, ତାହା ଯୋଜନା ଏବଂ ପ୍ରସ୍ତୁତ କରିବାରେ ସ୍ଥାନୀୟ ଲୋକମାନଙ୍କର ଅତ୍ୟଧିକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ଏହି ଦୃଷ୍ଟିକୋଣକୁ କାର୍ଯ୍ୟକାରୀ କରାଯାଇପାରେ।

**୭. ବିକାଶ ଯୋଗାଯୋଗ ନିମନ୍ତେ ଯୋଜନାବଦ୍ଧ କୌଶଳ**

ବିକାଶ ଯୋଗାଯୋଗର ସଫଳତା ଦଳୀୟ ଦୃଷ୍ଟିକୋଣ (ଟିମ୍ ଆପ୍ରୋଚ୍) ଉପରେ ନିର୍ଭର କରିଥାଏ, ଅର୍ଥାତ୍ ଏହି ଦୃଷ୍ଟିକୋଣ ଅନୁସାରେ ଯୋଗାଯୋଗକାରୀ ଏଜେନ୍ସି (ସମ୍ପ୍ରସାରଣ କର୍ମୀ, ରେଡିଓ, ଟିଭି, ଗଣମାଧ୍ୟମ ଇତ୍ୟାଦି) ଏବଂ ବିକାଶ ଏଜେନ୍ସିମାନଙ୍କ ମଧ୍ୟରେ ସହଯୋଜ ଉପରେ ନିର୍ଭର କରିଥାଏ।

## ୧.୬: ଉପସଂହାର

ବିକାଶ ଯୋଗାଯୋଗ ହେଉଛି ସାମାଜିକ ବିବେକସମ୍ପନ୍ନ ଯୋଗାଯୋଗ। ଏହା ଲୋକମାନଙ୍କର ସାମୂହିକ ଅଭିବୃଦ୍ଧି ଏବଂ ସମୃଦ୍ଧିକୁ ବିଚାରକୁ ନେଇଥାଏ। ବିକାଶ ଯୋଗାଯୋଗ କେବଳ ଗ୍ରାମାଞ୍ଚଳର ସମସ୍ୟାଗୁଡ଼ିକ ସହିତ ସମ୍ପୃକ୍ତ ନୁହେଁ, ବରଂ ସହରାଞ୍ଚଳର ସମସ୍ୟାଗୁଡ଼ିକ ସହିତ ମଧ୍ୟ ସମ୍ପୃକ୍ତ। ଏହାର ଦୁଇଗୋଟି ପ୍ରାଥମିକ ଭୂମିକା ରହିଛି: ଏକ ପରିବର୍ତ୍ତନକାରୀ ଭୂମିକା, ଯେତେବେଳେ କି ଏହା ସମାଜର ମୂଲ୍ୟବୋଧଗୁଡ଼ିକର ଉଚ୍ଚତର ଗୁଣ ଦିଗରେ ସାମାଜିକ ପରିବର୍ତ୍ତନ କାମନା କରିଥାଏ। ଏହାର ଭୂମିକା ନିର୍ବାହ କରିବା ବେଳେ ବିକାଶ ଯୋଗାଯୋଗ ପରିବର୍ତ୍ତନର ଏକ ବାତାବରଣ ସୃଷ୍ଟି କରିବାକୁ ଇଚ୍ଛା କରିଥାଏ ତଥା ନବ ଉଦ୍ଭାବନ ପ୍ରଦାନ କରିବାକୁ ଚାହିଁଥାଏ ଯାହା ଜରିଆରେ ସମାଜ ପରିବର୍ତ୍ତିତ ହୋଇପାରେ।

## ୧.୭: ଆସ ପ୍ରଗତି ମାପିବା

୧. ବିରୋଧକାରୀ ଦୃଷ୍ଟାନ୍ତ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଲେଖ।

-----------------------------------------------------------------

-----------------------------------------------------------------

-----------------------------------------------------------------

---------------------------

୨. କେଉଁ ଅସୁବିଧା ଗୁଡ଼ିକର ଯଥାଯଥ ଭାବରେ ସମାଧାନ ହୋଇନପାରି ଉଦୀୟମାନ ଦୃଷ୍ଟାନ୍ତର ଆବିର୍ଭାବ ଦିଗରେ ପଥ କଢ଼ାଇ ଥିଲା ?

-----------------------------------------------------------------

-----------------------------------------------------------------

-----------------------------------------------------------------

------------------------------

୩. ବିକାଶ ଯୋଗାଯୋଗର ଗଣମାଧ୍ୟମ ଦୃଷ୍ଟିକୋଣ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଲେଖ।

-----------------------------------------------------------------

-----------------------------------------------------------------

-----------------------------------------------------------------

------------------------------

# ୟୁନିଟ୍ – ୨: ଲର୍ଣ୍ଣରଙ୍କ ନମୁନା ଏବଂ ରୋଜରଙ୍କ ମୌଳିକ ବିସରଣ ନମୁନା


୨.୦: ବିଷୟର ଗଠନ

୨.୧: ପଠନର ଉଦ୍ଦେଶ୍ୟ

୨.୨: ବିଷୟ ପରିଚୟ

୨.୩: ଲର୍ଣ୍ଣରଙ୍କ ବିକାଶ ନମୁନା

୨.୪: ରୋଜରଙ୍କ ଯୋଗାଯୋଗ ନବ ଉଦ୍ଭାବନର ବିସରଣ

୨.୫: ବିସରଣ

୨.୬: ନବ ଉଦ୍ଭାବନ ନମୁନା ବିସରଣର ମୌଳିକ ଉପାଦାନ ସମୂହ

୨.୭: ନବ ଉଦ୍ଭାବନ ଏବଂ ଗ୍ରହଣର ହାର

୨.୮: ନବ ଉଦ୍ଭାବନ- ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା

୨.୮.୧: ପ୍ରଥମ ପର୍ଯ୍ୟାୟ: ଜ୍ଞାନ

୨.୮.୨: ଦ୍ୱିତୀୟ ପର୍ଯ୍ୟାୟ: ପ୍ରବର୍ତ୍ତାଇବା

୨.୮.୩: ତୃତୀୟ ପର୍ଯ୍ୟାୟ: ନିଷ୍ପତ୍ତି ଗ୍ରହଣ

୨.୮.୪: ଚତୁର୍ଥ ପର୍ଯ୍ୟାୟ: କାର୍ଯ୍ୟାନ୍ୱୟନ

୨.୮.୫: ପଞ୍ଚମ ପର୍ଯ୍ୟାୟ: ଦୃଢ଼ୀକରଣ

୨.୯: ଆସ ପ୍ରଗତି ମାପିବା


## ୨.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍‌ରେ ଆମେମାନେ ଲର୍ଣ୍ଣରଙ୍କ ବିକାଶର ମଡେଲ ଏବଂ ରୋଜରଙ୍କ ମୌଳିକ ବିସରଣ ନମୁନା ବିଷୟରେ ଅଧ୍ୟୟନ କରିବା। ଏହିସବୁ ନମୁନା ବ୍ୟତୀତ ତୁମେମାନେ ବିକାଶର ପ୍ରସଙ୍ଗ ଏବଂ ଉପ ପ୍ରସଙ୍ଗଗୁଡ଼ିକ ସମ୍ବନ୍ଧରେ ଶିକ୍ଷାଲାଭ କରିବ।

## ୨.୨: ବିଷୟ ପରିଚୟ

ବିକାଶ ହେଉଛି ଏକ ସମନ୍ୱିତ ମୂଲ୍ୟବୋଧ ଭାରପ୍ରାପ୍ତ ସାଂସ୍କୃତିକ ପ୍ରକ୍ରିୟା। ଏହା ପ୍ରାକୃତିକ ପରିବେଶ, ସାମାଜିକ ସମ୍ପର୍କ, ଶିକ୍ଷା, ଉତ୍ପାଦନ, ଉପଭୋଗ ଏବଂ ସୁସ୍ଥାବସ୍ଥାକୁ ଅନ୍ତର୍ଭୁକ୍ତ କରିଥାଏ। ପ୍ରଗତି, ବିକାଶ ଏବଂ ଆଧୁନିକୀକରଣ ଶବ୍ଦ ଗୋଟିଏ ମାତ୍ର ଐତିହାସିକ ପ୍ରକ୍ରିୟାକୁ ବୁଝାଇ ଥାଏ ଅର୍ଥାତ୍ ଏକ କୃଷିଭିତ୍ତିକ (ଚାଷ)ରୁ ଏକ ଶିଳ୍ପଭିତ୍ତିକ ସମାଜକୁ ପରିବର୍ତ୍ତନ। ସମାଜ ଧୀରେ ଧୀରେ ଜଟିଳ, ଗ୍ରହଣଶୀଳ, ସୂଚନା ବନ୍ଧିତ ଏବଂ ବହୁବିଧ ପରିଣତି ପ୍ରଦାନକାରୀ ବ୍ୟବସ୍ଥା ଆଡ଼କୁ ବଢ଼ି ଚାଲିଛି। ସମୟ ବିତି ଚାଲିବା ସହିତ ବିକାଶର ଅବଧାରଣା ନିରନ୍ତର ଭାବରେ ବଦଳି ଚାଲିଛି; ଏହା ବିକାଶର ଆଦର୍ଶ ଏବଂ ବାସ୍ତବିକତାକୁ ଆମେମାନେ କେମିତି ଦେଖୁଛେ, ବିକାଶର ପ୍ରସଙ୍ଗ ସମୂହ ଏବଂ ଉପ ପ୍ରସଙ୍ଗ ସମୂହକୁ ସାମ୍ନାକୁ ଆଣୁଛି।

ଅବଧାରଣା, ସମ୍ପର୍କିତ ପ୍ରସଙ୍ଗ ସମୂହ ଏବଂ ଉପ-ପ୍ରସଙ୍ଗ ସମୂହ ବିଶ୍ୱ ସ୍ତରରେ ସାମାଜିକ ପରିବେଶ, ଅର୍ଥନୀତି, ରାଜନୀତି, କାରିଗରୀ ଏବଂ ଯୋଗାଯୋଗ ଦୃଷ୍ଟିକୋଣର ପରିବର୍ତ୍ତନ ଯୋଗୁଁ ବଦଳି ଚାଲିଛି । ବିକାଶ ପାଇଁ ଏଗୁଡ଼ିକ ପରସ୍ପର ଉପରେ ନିର୍ଭରଶୀଳ ଉପାଦାନ ସମୂହ ।

ଏହି ପାଞ୍ଚଗୋଟିଯାକ ଉପାଦାନ ବିକାଶର ଧାରଣାକୁ ବଦଳାଇ ଦେଇଛନ୍ତି, କିପରି ବିକାଶ କରିବାକୁ ହେବ ଏବଂ କାହିଁକି ବିକାଶଶୀଳ ଦେଶମାନଙ୍କର ବିକାଶ ଉଦ୍ୟମ ଏହି ଦେଶମାନଙ୍କରେ ବିକାଶ ସହିତ ମେଳ ଖାଉ ନାହିଁ । ସଂଯୋଗକ୍ରମେ ଚାରି ଦଶନ୍ଧି ଭିତରେ ଉତ୍ପନ୍ନ ସବୁଯାକ ବିକାଶମୂଳକ ପ୍ରସଙ୍ଗ ଏକା ସାଙ୍ଗରେ ଚାଲୁ ରହିଛି କିନ୍ତୁ ଜନସାଧାରଣଙ୍କର ବିକାଶର ଚାହିଦା ଏବଂ ବିକାଶମୂଳକ କୌଶଳ ତଥା ଅଭିଜାତ ବର୍ଗ ଏବଂ ଯୋଜନାକାରୀମାନଙ୍କ ଯୋଗୁଁ ଏକ ନିର୍ଦ୍ଦିଷ୍ଟ ଦଶନ୍ଧିରେ ଗୋଟିଏ କିମ୍ବା ଅନ୍ୟ ବିକାଶମୂଳକ ପ୍ରସଙ୍ଗଗୁଡ଼ିକ ପ୍ରମୁଖ ଧ୍ୟାନ ଆକର୍ଷଣକାରୀ କେନ୍ଦ୍ର ହୋଇ ପଡ଼ିଥିଲା ।

ବିକାଶମୂଳକ ପ୍ରସଙ୍ଗଗୁଡ଼ିକ ଦ୍ୱାରା ସମ୍ପର୍କିତ ଉପ- ପ୍ରସଙ୍ଗଗୁଡ଼ିକ ହେଉଛି:

୧) ଧନୀ ଏବଂ ଗରିବଙ୍କ ମଧ୍ୟରେ ରହିଥିବା ବିକାଶର ଅନ୍ତର;

୨) ଯୋଗାଯୋଗ ଅନ୍ତର ଏବଂ ସୂଚନାର ଅବରୋଧ;

୩) ଯୋଜନାବଦ୍ଧ ବିକାଶର କାର୍ଯ୍ୟକ୍ରମ ସମୂହ;

୪) ଅମଲାତାନ୍ତ୍ର ଯୋଗୁଁ ବିକାଶ କ୍ଷେତ୍ରରେ ଅବରୋଧ ସମୂହ;

୫) ରାଜନୀତିକ ଇଚ୍ଛାଶକ୍ତି;

୬) ବିକାଶ ଯୋଗାଯୋଗ ଏବଂ ବିକାଶ ସମର୍ଥନକାରୀ ଯୋଗାଯୋଗର ଆବଶ୍ୟକତା

୭) ଆନ୍ତର୍ଜାତିକ ବିକାଶ ସଂଗଠନଗୁଡ଼ିକର ଉଦ୍ୟମ; ଏବଂ

୮) ବିକାଶ ଏବଂ ନିବେଶଗୁଡ଼ିକର ପ୍ରବାହ ।

ବିକାଶ ପ୍ରସଙ୍ଗ ଏବଂ ଉପ-ପ୍ରସଙ୍ଗ ସମୂହ

- ବିକାଶ ପ୍ରସଙ୍ଗଗୁଡ଼ିକ ଚାରିଗୋଟି କାରଣରୁ ସମୟକ୍ରମେ ଭିନ୍ନ ଭିନ୍ନ ହୋଇଛି ।
- ବିକାଶର ସଂଜ୍ଞା ପ୍ରଦାନ କରାଯାଇଛି ।
- ଜନସମୁଦାୟଙ୍କର ପରିବର୍ତ୍ତିତ ବିକାଶ ଆବଶ୍ୟକତା ।
- ପରିବର୍ତ୍ତିତ ବିଶ୍ୱ ଅର୍ଥନୀତି ଏବଂ ବୈଷୟିକ ଜ୍ଞାନକୌଶଳ ।
- ବିକାଶର ରାଜନୀତି ଏବଂ
- ପରିଣତିମୂଳକ ସହାୟତା ପ୍ରଦାନକାରୀ ପ୍ରସଙ୍ଗ ସମୂହ ।

## ୨.୩: ଲର୍ଣ୍ଣରଙ୍କ ବିକାଶର ନମୁନା

୧୯୫୦ ଏବଂ ୬୦ ଦଶକରେ ବିକାଶର ଧ୍ୟାନ ଅଭିବୃଦ୍ଧି ଉପରେ ସଦା ସର୍ବଦା ରହି ଆସିଥିଲା। ଅର୍ଥନୀତିକ ଅଭିବୃଦ୍ଧି ଶିଳ୍ପକରଣ ଏବଂ ଆଧୁନିକୀକରଣ ଜରିଆରେ ହୋଇଥିଲା। ଆଧୁନିକୀକରଣ ସାଂଗଠନିକ ପ୍ରତିବନ୍ଧକ, ସହରୀକରଣ, ସାକ୍ଷରତା ଏବଂ ଗଣମାଧ୍ୟମ ପ୍ରତି ଉନ୍ମୁଖତାର ସମସ୍ୟାଗୁଡ଼ିକୁ ଉପସ୍ଥାପିତ କରିଥିଲା। ଲର୍ଣ୍ଣର (୧୯୫୮) ପରବର୍ତ୍ତୀ ତିନୋଟିକୁ ଆଧୁନିକୀକରଣର ସୂଚକ ଭାବରେ ଦର୍ଶାଇ ଥିଲେ।




**ଲର୍ଣ୍ଣରଙ୍କ ବିକାଶର ମଡେଲ (ଚିତ୍ର ୧)**

ଏହି ସମୟରେ ବିକାଶ ହୋଇଥିଲା କିନ୍ତୁ ପୂର୍ବରୁ ବିକଶିତ ଥିବା ସମାଜଗୁଡ଼ିକ ପାଇଁ ହୋଇଥିଲା। ଟ୍ରିକଲ-ଡାଉନ୍ (ଥପ୍ ଥପ୍ ହୋଇ ଟୋପା ଟୋପା ତଳକୁ ପଡ଼ିବା) ତତ୍ତ୍ୱ ଗ୍ରହଣ କରି ନେଇଥିଲା ଯେ ଶିଳ୍ପକରଣ ଏବଂ ଆଧୁନିକୀକରଣର ଲାଭ ଧନୀ ଏବଂ ମଧ୍ୟବିତ୍ତ ଶ୍ରେଣୀମାନଙ୍କ ନିକଟରୁ ଗରିବମାନଙ୍କ ନିକଟକୁ ଟୋପା ଟୋପା ହୋଇ ଖସିବ। ଗରିବମାନେ ଆର୍ଥିକ ଲାଭ ସହିତ ବିକଶିତ ଏବଂ ବିକାଶଶୀଳ ଦେଶମାନଙ୍କରୁ ଜ୍ଞାନ ଓ ସଚେତନତାର ଲାଭ ହାସଲ କରି ପାରିବେ। କିନ୍ତୁ ଯେପରି ମନେ କରାଯାଉଥିଲା, ଏହି ତତ୍ତ୍ୱ ସେପରି କାମ କଲାନାହିଁ। ଏହା ବରଂ ଧନୀ ଏବଂ ଗରିବ, ସ୍ୱଚ୍ଛଳ ଏବଂ ଅସ୍ୱଚ୍ଛଳ ବର୍ଗଙ୍କ ମଧ୍ୟରେ ଫାଟ ସୃଷ୍ଟି କଲା।

ଗଣମାଧ୍ୟମ ଉନ୍ମୁଖତା ଜରିଆରେ ଆଧୁନିକୀକରଣ ଉପରେ ଅଧିକ ଗୁରୁତ୍ୱାରୋପ ପୁଣି ଗଣମାଧ୍ୟମର ସୁଯୋଗ ଏବଂ ଗଣମାଧ୍ୟମର ଉପଲବ୍ଧତାରେ ସୀମିତତା କାରଣରୁ ସ୍ୱଚ୍ଛଳ ଏବଂ ଅସ୍ୱଚ୍ଛଳ ବର୍ଗଙ୍କ ମଧ୍ୟରେ ଯୋଗାଯୋଗର ଅନ୍ତର ସୃଷ୍ଟି କଲା। ସହରୀକରଣ ମେଟ୍ରୋ ଏବଂ ସହରଗୁଡ଼ିକର ପରିପାର୍ଶ୍ୱରେ ବସ୍ତି ଅଞ୍ଚଳଗୁଡ଼ିକ ସୃଷ୍ଟି କଲା କାରଣ ଗ୍ରାମାଞ୍ଚଳର ଲୋକମାନେ ନୂଆ କର୍ମନିଯୁକ୍ତିର ସୁଯୋଗ ଏବଂ ଉତ୍ତମ ମାନର ଜୀବନଧାରଣ କରିବା ଅନ୍ୱେଷଣରେ ସହରାଞ୍ଚଳକୁ ଆସିଲେ। ସାକ୍ଷରତା ପାଇଁ ଉଦ୍ୟମଗୁଡ଼ିକ ଏକ ଧୀମା ପ୍ରକ୍ରିୟା ହୋଇଥିଲା।

ବିକାଶ ପାଇଁ ପାଶ୍ଚାତ୍ୟ ନମୁନା ୧୯୫୦ ଏବଂ ୬୦ ଦଶକରେ ପ୍ରାଧାନ୍ୟ ବିସ୍ତାର କରିଥିଲା। ରୋଜରସ୍ (୧୯୬୦) ଏହାକୁ ବିକାଶର 'ପ୍ରାଧାନ୍ୟ ବିସ୍ତାରକାରୀ ଦୃଷ୍ଟାନ୍ତ' କହୁଥିଲେ କାରଣ ବିକାଶର

କ୍ଷେତ୍ରରେ ଏହାର ଅତ୍ୟଧିକ ଆଦର୍ଶଗତ ପ୍ରଭାବ ରହିଥିଲା। ଏହି ନମୁନା ଭାରି ଶିଳ୍ପୋଦ୍ୟୋଗ, ପୁଞ୍ଜି ପ୍ରଧାନ ଜ୍ଞାନକୌଶଳ, ସହରୀକରଣ ଏବଂ କେନ୍ଦ୍ରୀୟ ଯୋଜନା ଜରିଆରେ ବର୍ଦ୍ଧିତ ଉତ୍ପାଦକତା, ଅର୍ଥନୀତିକ ଅଭିବୃଦ୍ଧି ଏବଂ ଶିଳ୍ପକରଣ ଉପରେ ଗୁରୁତ୍ୱାରୋପ କରୁଥିଲା। ବିକାଶ ମୋଟ ଜାତୀୟ ଉତ୍ପାଦ (ଜିଏନ୍‌ପି), ମୋଟ ବା ମୁଣ୍ଡପିଛା ଆୟ ଦ୍ୱାରା ମାପ କରାଯାଉଥିଲା। ଏକ ସ୍ଥିର, କୃଷିଭିତ୍ତିକ, ପୁରୁଣାକାଳିଆ ଏବଂ କଠୋର ସମାଜରୁ ଚଳଚଞ୍ଚଳ, ଶିଳ୍ପଭିତ୍ତିକ, ସହରୀକୃତ ତଥା ସାମାଜିକ ଗତିଶୀଳ ରାଷ୍ଟ୍ରକୁ ରୂପାନ୍ତରଣ ହୋଇଥିଲା।

ଡାନିଏଲ ଲର୍ଣ୍ଣର ଏବଂ ୱିଲବର ସ୍କ୍ରାମ୍ (୧୯୬୪) ପ୍ରାଧାନ୍ୟ ବିସ୍ତାରକାରୀ ଦୃଷ୍ଟାନ୍ତକୁ ସମର୍ଥନ କରିଥିଲେ ଏବଂ ବିକାଶ ଓ ପରିବର୍ତ୍ତନ ପାଇଁ ସ୍ୱୟଂକ୍ରିୟତା (କାରିଗରୀ ବିଦ୍ୟାର ବ୍ୟବହାର) ଏବଂ ବୈଷୟିକ ଜ୍ଞାନକୌଶଳ ସପକ୍ଷରେ କହିଥିଲେ। ବୈଷୟିକ ବିକାଶ ନିମନ୍ତେ ଯୋଗାଯୋଗର ଭୂମିକା ଉପରେ ଗୁରୁତ୍ୱାରୋପ କରି ସେମାନେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ବିକାଶ ସମ୍ପ୍ରଦାୟ ଯୁକ୍ତି ଦର୍ଶାଇ ଥିଲେ ଯେ ବିକାଶଶୀଳ ଦେଶମାନଙ୍କରେ ଅପର୍ଯ୍ୟାପ୍ତ ବିକାଶ/ଅବିକାଶ ବାହ୍ୟ କାରଣଗୁଡ଼ିକ ଯୋଗୁଁ ନୁହେଁ, ବରଂ ଦେଶ ଭିତରର କାରଣଗୁଡ଼ିକ ସହିତ ବ୍ୟକ୍ତିବିଶେଷଙ୍କ ଭିତରେ ତଥା ସାମାଜିକ ସଂରଚନା ଭିତରେ ଉପସ୍ଥିତ କାରଣଗୁଡ଼ିକ ଯୋଗୁଁ ହେଉଛି। ଲର୍ଣ୍ଣର ଏବଂ ସ୍କ୍ରାମ୍ ଗୁରୁତ୍ୱାରୋପ କରିଥିଲେ ଯେ ବ୍ୟକ୍ତିବିଶେଷଙ୍କୁ ସେହି ପର୍ଯ୍ୟନ୍ତ ଦୋଷ ଦିଆଯିବା ଉଚିତ ଯେ ପର୍ଯ୍ୟନ୍ତ ସେମାନେ ପରିବର୍ତ୍ତନ ଏବଂ ଆଧୁନିକୀକରଣର ପ୍ରତିରୋଧ କରୁଥିଲେ, ଯେତେବେଳେ କି ରୋଜରସ୍, ବୋର୍ଦ୍ଦିନେଭ୍ ଏବଂ ବେଲ୍‌ଟ୍ରାନ୍ (୧୯୭୬) ଯୁକ୍ତି ଦର୍ଶାଇ ଥିଲେ ଯେ ଅନ୍ୟାନ୍ୟ କାରଣଗୁଡ଼ିକ ଭିତରେ ସରକାରୀ ଅମଲାତନ୍ତ୍ର, ଶୀର୍ଷସ୍ତରୀୟ-ଓଜନଦାର ଜମି ଧାରଣ ବ୍ୟବସ୍ଥା, ଜାତି, ଶୋଷଣକାରୀ ସଂଯୋଗ ଇତ୍ୟାଦି ସାମାଜିକ ସାଙ୍ଗଠନିକ ପ୍ରତିବନ୍ଧକଗୁଡ଼ିକ ଉପରେ ଦୋଷାରୋପ କରାଯିବା ବିଧେୟ।

ଲର୍ଣ୍ଣର ଦର୍ଶାଇ ଥିଲେ ଯେ, ବ୍ୟକ୍ତିବିଶେଷଙ୍କୁ ଅପର୍ଯ୍ୟାପ୍ତ ନିମ୍ନବିକାଶର କାରଣ ଭାବରେ ଚିହ୍ନଟ କରାଯାଉଥିବା ହେତୁ, ସାମାଜିକ ପରିବର୍ତ୍ତନ ଆଣିବାରେ ସେ ଥିଲେ ପ୍ରାରମ୍ଭ ବିନ୍ଦୁ। ବ୍ୟକ୍ତିବିଶେଷଙ୍କର ପାରମ୍ପରିକ ମୂଲ୍ୟବୋଧର ଆଧୁନିକୀକରଣ ପ୍ରାଥମିକ କର୍ତ୍ତବ୍ୟ ହୋଇ ଯାଇଥିଲା।

ରୋଜରସ୍ ଦର୍ଶାଇ ଥିଲେ ଯେ ସାମାଜିକ ସଂରଚନାକୁ ପରିବର୍ତ୍ତନ କରିବା ନିମନ୍ତେ କଦାଚିତ୍ କୌଣସି ଉଦ୍ୟମ କରାଯାଇଥିଲା ଯଦିଓ ଏହାକୁ ଅପର୍ଯ୍ୟାପ୍ତ ବିକାଶ/ଅବିକାଶର ପ୍ରମୁଖ କାରଣ ଭାବରେ ଚିହ୍ନଟ କରାଯାଇଥିଲା। ପରିବର୍ତ୍ତନ ଆଣିବା ନିମନ୍ତେ ଗଣମାଧ୍ୟମକୁ ବ୍ୟବହାର କରାଯାଉଥିଲା। ସର୍ବୋପରି, ପ୍ରାଧାନ୍ୟ ବିସ୍ତାରକାରୀ ଦୃଷ୍ଟାନ୍ତ ସମୃଦ୍ଧ ସମ୍ବଳ ଥିବା ବିକାଶଶୀଳ ଦେଶ ବା ସ୍ୱଳ୍ପ ସମ୍ବଳ ଥିବା ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ପାର୍ଥକ୍ୟ ବାରିବାରେ ବିଫଳ ହୋଇଥିଲା। ଯେହେତୁ ଏଇ ଦୁଇ ପ୍ରକାରର ବିକାଶଶୀଳ ଦେଶମାନେ ସର୍ବୋତ୍କୃଷ୍ଟ ଫଳାଫଳ ହାସଲ କରିବା ନିମନ୍ତେ ସମ୍ଭବତଃ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ଭିନ୍ନ ଧରଣର ବିକାଶ ପରିଚାଳନା ଆବଶ୍ୟକ କରୁଥିଲେ।

ଲର୍ଣ୍ଣର, ସ୍କ୍ରାମ୍ ଏବଂ ରୋଜରସ୍ ବିକାଶ ଏବଂ ସାମାଜିକ, ରାଜନୀତିକ ପରିବର୍ତ୍ତନ ପାଇଁ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଲର୍ଣ୍ଣର ବିକାଶର ଚାରିଗୋଟି ସୂଚକାଙ୍କ ଚିହ୍ନଟ କରିଥିଲେ:

- ଶିଳ୍ପକରଣ;
- ସାକ୍ଷରତା;
- ଗଣମାଧ୍ୟମ ପ୍ରତି ଉନ୍ମୁଖତା; ଏବଂ
- ରାଜନୀତିକ ଭାଗିଦାରୀ

ବିକାଶ ପାଇଁ ସଠିକ୍ ଉପକ୍ରମଗୁଡ଼ିକ ହେଉଛି ଲୋକମାନେ ଯେତେବେଳେ ଚଳନଶୀଳ/ଗତିଶୀଳ, ସହାନୁଭୂତିଶୀଳ ଏବଂ ଅଂଶଗ୍ରହଣକାରୀ ହେବେ। ଲର୍ଣ୍ଣର (୧୯୫୮) ସୁପାରିସ କରିଥିଲେ ଯେ ବିକାଶ ନିମନ୍ତେ ଗଣମାଧ୍ୟମ ପ୍ରତି ଉନ୍ମୁଖତା, ରାଜନୀତିକ ଭାଗିଦାରୀ ଏବଂ ମନସ୍ତାତ୍ତ୍ୱିକ ସମବେଦନାର ବିକାଶ କରିବା ଆବଶ୍ୟକ। ଆଧୁନିକ ସମାଜ ଏକ ଭାଗିଦାରୀ ସମାଜ ଏବଂ ଏହା ସହମତି ଦ୍ୱାରା କାର୍ଯ୍ୟ କରେ। ଏଣୁ, ପ୍ରାଧାନ୍ୟ ବିସ୍ତାରକାରୀ ଦୃଷ୍ଟାନ୍ତରେ ଯୋଗାଯୋଗର ପ୍ରବାହ ଏକପାଖିଆ ଥିଲା ଯାହା କର୍ତ୍ତୃପକ୍ଷମାନଙ୍କ ନିକଟରୁ ଲୋକମାନଙ୍କ ନିକଟକୁ ଭୂଲମ୍ବ ଭାବରେ ତଳକୁ ଖସିବା ଭଳି ଯୋଗାଯୋଗ ଥିଲା, ଗଣମାଧ୍ୟମ ଚ୍ୟାନେଲ ବା ପ୍ରଣାଳୀଗୁଡ଼ିକୁ ବିକାଶ ପାଇଁ ଲୋକମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ବ୍ୟବହାର କରାଯାଉଥିଲା ଏବଂ ଦର୍ଶକମାନଙ୍କୁ ସାମାଜିକ ପରିବର୍ତ୍ତନକୁ ଗ୍ରହଣ କରିନେବା ନିମନ୍ତେ ଏକ ନିଷ୍କ୍ରିୟ ଭୂମିକା ପ୍ରଦାନ କରାଯାଉଥିଲା।

## ୨.୪: ରୋଜରଙ୍କ ନବ ଉଦ୍ଭାବନର ବିସରଣ

ବିସରଣ ନମୁନାରେ ଲାକମାନଙ୍କ ନିର୍ଦ୍ଦିଷ୍ଟ ବ୍ୟବହାରଗୁଡ଼ିକରେ ପରିବର୍ତ୍ତନ ଘଟାଇବା ପାଇଁ ପ୍ରବର୍ତ୍ତାଇବାକୁ ଗଣମାଧ୍ୟମ ଯୋଗାଯୋଗ ଏବଂ ପ୍ରଣାଳୀକୁ ବ୍ୟବହାର କରିବାର ଉଦ୍ଦେଶ୍ୟ ରଖି ଆଧୁନିକୀକରଣ ଦୃଷ୍ଟାନ୍ତ ରହିଛି। ବିସରଣ ଆଭିମୁଖ୍ୟ ବିଶ୍ୱାସ କରେ ଯେ, ବ୍ୟକ୍ତିବିଶେଷଙ୍କର ମନୋଭାବରେ ପରିବର୍ତ୍ତନ ଆଣି ପ୍ରଗତି ହାସଲ କରିହୁଏ। ଏହି ଆଭିମୁଖ୍ୟ ଭାଗିଦାରୀ ନମୁନା ସହିତ ସଂଯୁକ୍ତ ହେବା ପରିବର୍ତ୍ତେ ସ୍ୱୀକାର କରିଥାଏ ଯେ, ସମାନ ବାସ୍ତବତାର ଭିନ୍ନ ଭିନ୍ନ ନିର୍ମାଣ କରାଯାଇପାରିବ। କୌଣସି ଗୋଟିଏ ଦଳ ନିକଟରେ ସର୍ବଶେଷ ସତ୍ୟ ରହି ନଥାଏ; ବରଂ ଅନେକ ସଂଖ୍ୟକ ବାସ୍ତବତା ରହିଥାଏ ଯାହାର ଯୋଗାଯୋଗ ଜରିଆରେ ପ୍ରାୟତଃ ମିଳନ ଘଟିବା ଆବଶ୍ୟକ ହୋଇଥାଏ। ତାତ୍ତ୍ୱିକ ଢାଞ୍ଚା ନିର୍ମାଣକାରୀ ଦୃଷ୍ଟିକୋଣରୁ ସୃଷ୍ଟି ହୋଇଥାଏ ଏବଂ ଏହାର ଅନେକଗୁଡ଼ିଏ ନିହିତାର୍ଥ ରହିଥାଏ।

ବିସରଣ ଧରଣ ଅଧିକ ଗଣମାଧ୍ୟମ ଏବଂ ବାର୍ତ୍ତା ଅଭିମୁଖୀ ହୋଇଥିବା ବେଳେ ଭାଗିଦାରୀ ଧରଣର ଅଧିକ ଆଳାପ ଆଲୋଚନା ତଦନ୍ତ ଏବଂ ବିଶ୍ଳେଷଣ ଅଭିମୁଖୀ ହୋଇଥାଏ। ଆବଶ୍ୟକତା ଦୃଷ୍ଟିରୁ ବିକାଶ ଯୋଗାଯୋଗ ବିଶେଷଜ୍ଞ ଉଭୟ ଧରଣର ଆଭିମୁଖ୍ୟର ଗବେଷଣା ପ୍ରଣାଳୀ ସହିତ ଅଭ୍ୟସ୍ତ ହେବା ଆବଶ୍ୟକ। ବିକାଶ ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମର ପ୍ରାରମ୍ଭିକ ପର୍ଯ୍ୟାୟଗୁଡ଼ିକରେ ଅର୍ଥାତ୍, ପ୍ରାରମ୍ଭ, ପ୍ରସ୍ତୁତି ଏବଂ ଆକାର ପର୍ଯ୍ୟାୟରେ ଯୋଗାଯୋଗ ଗଣମାଧ୍ୟମ ଏବଂ ବାର୍ତ୍ତାଗୁଡ଼ିକ ସହିତ ପରିଚିତି ଅପେକ୍ଷା ପ୍ରୟୋଗସିଦ୍ଧ ତଦନ୍ତ କୌଶଳ ଏବଂ ଆଭିମୁଖ୍ୟ ପ୍ରାୟତଃ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

## ୨.୫: ବିସରଣ

ରୋଜରସ୍ (ରୋଜରସ୍,୨୦୦୫,ପୃ-୫) 'ଏକ ସାମାଜିକ ବ୍ୟବସ୍ଥାର ସଦସ୍ୟମାନଙ୍କ ମଧ୍ୟରେ ଏକ ସମୟ ଅବଧି ମଧ୍ୟରେ କେତେଗୁଡ଼ିଏ ପ୍ରଣାଳୀ ମାଧ୍ୟମରେ ଯେଉଁ ପଦ୍ଧତିରେ ନବଉଦ୍ଭାବନକୁ ପ୍ରସାରିତ କରାଯାଏ', ତାହାକୁ ବିସରଣ ଭାବରେ ସଂଜ୍ଞାଭୁକ୍ତ କରିଛନ୍ତି।



ଚିତ୍ର-୨

ନବ ଉଦ୍ଭାବନର ବିସରଣ ଉଭୟ ନୂତନ ଧାରଣାଗୁଡ଼ିକର ସ୍ୱତଃସ୍ଫୂର୍ତ୍ତ ପ୍ରସାର ଏବଂ ଏକ ନୂଆ ଧାରଣାକୁ ପ୍ରଚାର କରିବାର ଯୋଜନାବଦ୍ଧ ପ୍ରଣାଳୀକୁ ଅନ୍ତର୍ଭୁକ୍ତ କରେ।

| ନମୁନାର ଉପାଦାନ ସମୂହ | ଉତ୍ସ | ବାର୍ତ୍ତା | ପ୍ରଣାଳୀ | ପୁନଃବ୍ୟବହାର | ପ୍ରଭାବ |
|---|---|---|---|---|---|
| ନବ ଉଦ୍ଭାବନଗୁଡ଼ିକର ବିସରଣରେ ଅନୁରୂପ ମୌଳିକ ଉପାଦାନ | ଉଦ୍ଭାବକ, ବୈଜ୍ଞାନିକ, ପରିବର୍ତ୍ତନକାରୀ ଚାଳକ ସମୂହ, ବିଚାରବନ୍ତ ନେତୃତ୍ୱ | ନବ ଉଦ୍ଭାବନ (ସ୍ୱୀକୃତ / ଗୃହୀତଗୁଣାବଳୀ ସମୂହ ଯଥା ଆପେକ୍ଷିକ ସୁବିଧା ଅନୁକୂଳତା ଇତ୍ୟାଦି) | ଯୋଗାଯୋଗର ପ୍ରଣାଳୀ, (ଗଣମାଧ୍ୟମ ବା ପାରସ୍ପରିକ | ଏକ ସାମାଜିକ ବ୍ୟବସ୍ଥାର ସଦସ୍ୟବୃନ୍ଦ | ଅତିବାହିତ ସମୟ ସହିତ ପରିଣତି ପରିବର୍ତ୍ତନ ୧. ଜ୍ଞାନ ୨. ମନୋବୃତ୍ତି ପରିବର୍ତ୍ତନ (ପ୍ରବର୍ତ୍ତନତା) ୩. ବ୍ୟବହାରିକ ପରିବର୍ତ୍ତନ (ଗ୍ରହଣ ବା ପ୍ରତ୍ୟାଖ୍ୟାନ) |

**ଚିତ୍ର ୩: ନବ ଉଦ୍ଭାବନ ବିସରଣ**

## ୨.୬: ନବଉଦ୍ଭାବନ ମଡେଲର ବିସରଣର ମୌଳିକ ଉପାଦାନ ସମୂହ

### ୧. ନବ ଉଦ୍ଭାବନ

ରୋଜରସ୍ (୨୦୦୫, ପୃ-୧୨) ନବ ଉଦ୍ଭାବନକୁ 'ଏକ ଧାରଣା, ପ୍ରଥା ବା ବସ୍ତୁ ଯାହା କୌଣସି ବ୍ୟକ୍ତିବିଶେଷ ବା ଗ୍ରହଣର ଅନ୍ୟ କୌଣସି ୟୁନିଟ୍ ବା ଏକକ ଦ୍ୱାରା ନୂଆ ଭାବରେ ଗ୍ରହଣ କରାଯାଇଛି' ବୋଲି ସଂଜ୍ଞାଭୁକ୍ତ କରିଛନ୍ତି।

ଏକ ଉତ୍ତମ ରୂପେ-ପ୍ରତିଷ୍ଠିତ ପ୍ରଥା ସମ୍ବନ୍ଧରେ ପ୍ରଥମ ଥର ଜ୍ଞାନକୁ 'ନୂଆ' ଭାବରେ ଏବଂ ସେହି ନିର୍ଦ୍ଦିଷ୍ଟ ଗୋଷ୍ଠୀର ବ୍ୟକ୍ତିବିଶେଷଙ୍କ ପାଇଁ ନବ ଉଦ୍ଭାବନ ଭାବରେ ଗ୍ରହଣ କରାଯାଇ ପାରିବ। ରୋଜରସ୍‌ଙ୍କ କହିବା ଅନୁସାରେ, 'ନୂତନତ୍ୱକୁ ଜ୍ଞାନ, ପ୍ରୋତ୍ସାହନ ବା ଗ୍ରହଣ କରିବା ନିମନ୍ତେ ଏକ ନିଷ୍ପତ୍ତି ଭାବରେ ବର୍ଣ୍ଣନା କରାଯାଇପାରେ।'

ସବୁ ନବ ଉଦ୍ଭାବନ ଲାଭଦାୟକ ଏବଂ ସବୁ ନବ ଉଦ୍ଭାବନକୁ ସମାନ ଭାବରେ ଗ୍ରହଣ କରାଯାଏ ବୋଲି ଗ୍ରହଣ କରିନେବା ଠିକ୍ ନୁହେଁ। ଏକ ନବ ଉଦ୍ଭାବନର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ଯାହା ଏହାର ଗ୍ରହଣୀୟତା (ବା ପ୍ରତ୍ୟାଖ୍ୟାନ)କୁ ଉଲ୍ଲେଖନୀୟ ଭାବରେ ପ୍ରଭାବିତ କରିଥାଏ, ସେଗୁଡ଼ିକ ହେଉଛି:

୧. ଆପେକ୍ଷିକ ସୁବିଧା
୨. ଅନୁକୂଳତା
୩. ଜଟିଳତା
୪. ପରୀକ୍ଷଣ-ସାମର୍ଥ୍ୟ
୫. ପର୍ଯ୍ୟବେକ୍ଷଣୀୟତା

**୨. ଯୋଗାଯୋଗର ପ୍ରଣାଳୀ ସମୂହ**

ଯୋଗାଯୋଗ ଧାରଣାଗୁଡ଼ିକର ପ୍ରସାରଣ କରିବାରେ ଏବଂ ସୂଚନାକୁ ବାଣ୍ଟିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରୋଜରସ୍ (୨୦୦୫,ପୃ.୧୮)ଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ସଂଜ୍ଞା ଅନୁସାରେ, ଯୋଗାଯୋଗ ହେଉଛି, 'ଏକ ପ୍ରକ୍ରିୟା ଯାହା ଜରିଆରେ ଅଂଶଗ୍ରହଣକାରୀମାନେ ଏକ ପାରସ୍ପରିକ ବୁଝାମଣାରେ ଉପନୀତ ହେବା ନିମନ୍ତେ ଜଣେ ଅନ୍ୟ ଜଣକ ସହିତ ମିଶି ସୂଚନା ସୃଷ୍ଟି କରନ୍ତି ଏବଂ ଆବଣ୍ଟନ କରନ୍ତି।' ବାର୍ତ୍ତାଗୁଡ଼ିକ ଜଣେ ବ୍ୟକ୍ତିବିଶେଷଙ୍କଠାରୁ ଅନ୍ୟ ଜଣଙ୍କ ନିକଟକୁ ଯୋଗାଯୋଗ ପ୍ରଣାଳୀଗୁଡ଼ିକ ଜରିଆରେ ପ୍ରବାହିତ ହୋଇଥାଏ। ଦୁଇଗୋଟି ସର୍ବାଧିକ ଶକ୍ତିଶାଳୀ ଯୋଗାଯୋଗ ପ୍ରଣାଳୀ ହେଉଛି ଗଣମାଧ୍ୟମ ଏବଂ ପାରସ୍ପରିକ ଯୋଗାଯୋଗ। ପ୍ରଥମଟି ଏକ ନବ ଉଦ୍ଭାବନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ଜ୍ଞାନର ବଣ୍ଟନ କରିବାରେ ସାହାଯ୍ୟ କରିଥାଏ, ଯେତେବେଳେ କି ଦ୍ୱିତୀୟଟି ନବ ଉଦ୍ଭାବନ ସମ୍ପର୍କରେ ଏକ ମତାମତ ସୃଷ୍ଟି କରିବାରେ ତଥା ଏହାର ସମ୍ଭାବ୍ୟ ଗ୍ରହଣ ବା ପ୍ରତ୍ୟାଖ୍ୟାନ ପ୍ରଭାବୀ ହୋଇଥାଏ। ସର୍ବାଧିକ ପ୍ରଭାବଶାଳୀ ଯୋଗାଯୋଗ ସମାନ ପୃଷ୍ଠଭୂମିରୁ ଯଥା; ଶିକ୍ଷା ଏବଂ ସାମାଜିକ-ଅର୍ଥନୀତିକ ସ୍ଥିତି ଏବଂ ସେହିଭଳି ପୃଷ୍ଠଭୂମିରୁ ଆସିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ହୋଇଥାଏ। ଏଭଳି ଏକ ଯୋଗାଯୋଗକୁ ସମବର୍ଗୀୟ (ହୋମୋଫିଲିକ୍) ଯୋଗାଯୋଗ କୁହାଯାଏ। କିନ୍ତୁ ପ୍ରାୟତଃ ନବ ଉଦ୍ଭାବନର ବିସରଣରେ ବିସମବର୍ଗୀୟ (ହିଟେରୋଫିଲିକ୍) ଯୋଗାଯୋଗ ଘଟିଥାଏ, ଯାହ ନବ ଉଦ୍ଭାବନ ସମ୍ପର୍କରେ ଉତ୍ତମ ଜ୍ଞାନ ଏବଂ ବୁଝାମଣା ଥିବା ଜଣେ ବ୍ୟକ୍ତିଙ୍କ ସହିତ ସ୍ୱଳ୍ପ ସଚେତନତା ଥିବା ଜଣେ ବ୍ୟକ୍ତିଙ୍କର ହୋଇଥାଏ।

### ୩. ସମୟ

ବିସରଣ ଗବେଷଣା ଅଧ୍ୟୟନରେ ସମୟ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ସମୟ ବିସରଣର ବିଭିନ୍ନ ପର୍ଯ୍ୟାୟ ସହିତ ସମ୍ପୃକ୍ତ ରହିଥାଏ, ମୁଖ୍ୟତଃ,

କ) ନବ ଉଦ୍ଭାବନ ନିଷ୍ପତ୍ତି ଗ୍ରହଣକାରୀ ପ୍ରକ୍ରିୟା;

ଖ) ବ୍ୟକ୍ତିବିଶେଷ ନବ ଉଦ୍ଭାବନତା, ଅର୍ଥାତ୍, ନବ ଉଦ୍ଭାବନକୁ ଗ୍ରହଣ/ପ୍ରତ୍ୟାଖ୍ୟାନ କରିବା ନିମନ୍ତେ ଜଣେ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଅନ୍ୟମାନଙ୍କ ତୁଳନାରେ ନିଆ ଯାଉଥିବା ସମୟ; ଏବଂ

ଗ) ନବ ଉଦ୍ଭାବନ ଗ୍ରହଣର ହାର।

### ୪. ସାମାଜିକ ବ୍ୟବସ୍ଥା

ଏକ ସାମାଜିକ ବ୍ୟବସ୍ଥାର ଏକ ନିର୍ଦ୍ଦିଷ୍ଟ ସଂରଚନା ରହିଥାଏ, ଏକ ବ୍ୟବସ୍ଥା ଏବଂ କେତେକ ବିଧି ବିଧାନର ସମାହାର ଭିତରେ ୟୁନିଟ୍ (ଏକକ)ଗୁଡ଼ିକର ନିର୍ଦ୍ଦିଷ୍ଟ ଢଙ୍ଗରେ ସଜ୍ଜୀକରଣ ଭାବରେ (ରୋଜରସ୍,୨୦୦୫,ପୃ.୨୫) ସଂଜ୍ଞାଭୁକ୍ତ କରାଯାଇଅଛି। ଏଣୁ, ଏକଥା ସ୍ପଷ୍ଟ ଯେ ନବ ଉଦ୍ଭାବନର ବିସରଣ ଏବଂ ଗ୍ରହଣ ସାମାଜିକ ବ୍ୟବସ୍ଥା ଏବଂ ସେହି ବ୍ୟବସ୍ଥାର ବ୍ୟକ୍ତିବିଶେଷ ୟୁନିଟ୍‌ଗୁଡ଼ିକର ବୈଶିଷ୍ଟ୍ୟଗୁଡ଼ିକ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥାଏ।

## ୨.୭: ନବ ଉଦ୍ଭାବନ ଏବଂ ଗ୍ରହଣର ହାର

ଯେତେବେଳେ ଏକ ନୂଆ ଧାରଣା ପ୍ରକଟ ହୋଇଥାଏ, ସେତେବେଳେ ପ୍ରଥମ ପ୍ରତିକ୍ରିୟା ହୋଇଥାଏ ଏହାକୁ ଯାଞ୍ଚ କରିବା। ଏହି ଗୁଣାବଳୀ ଏବଂ ମନୋଭାବ ଏଥି ସମ୍ପର୍କିତ ବୈଶିଷ୍ଟ୍ୟ, ସୁବିଧା ଏବଂ ଅସୁବିଧାଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିଥାଏ। ଏହା ଆମକୁ ଏକ ମାନସିକ ଛବି ପ୍ରସ୍ତୁତ କରିବା ସହିତ ନବ ଉଦ୍ଭାବନକୁ ଉତ୍ତମ ରୂପେ ବ୍ୟାଖ୍ୟା କରିବାରେ ସାହାଯ୍ୟ କରିଥାଏ। ଏହି କ୍ଷେତ୍ରରେ ହିଁ ଏକ ନବ ଉଦ୍ଭାବନର ଗୁଣାବଳୀଗୁଡ଼ିକୁ ବୁଝିବାର ଗୁରୁତ୍ୱ ସାମ୍ନାକୁ ଆସିଥାଏ, ଯାହା ତା'ପରେ ଏହାର ଗ୍ରହଣୀୟତାର ହାରକୁ ପ୍ରଭାବିତ କରିଥାଏ।

ରୋଜରସ୍ (୨୦୦୫) ଗ୍ରହଣୀୟତାର ହାରର ସଂଜ୍ଞା ନିରୂପଣ କରିବାକୁ ଯାଇ କହିଛନ୍ତି 'ଆପେକ୍ଷିକ ଗତି ଯେଉଁ ଗତିରେ ଏକ ନବ ଉଦ୍ଭାବନକୁ ଏକ ସାମାଜିକ ବ୍ୟବସ୍ଥାର ସଦସ୍ୟମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥାଏ।' ଉଦାହରଣ ସ୍ୱରୂପ, ଏକ ସଂଗଠନ ବା ଖୁବ୍ ଜୋର୍‌ରେ ଏକ ସାମୂହିକ ନବ ଉଦ୍ଭାବନ-ନିଷ୍ପତ୍ତିକୁ ସମ୍ପୃକ୍ତ କରୁଥିବା ଏକ ନବ ଉଦ୍ଭାବନ ଅପେକ୍ଷା ବ୍ୟକ୍ତିଗତ ଏବଂ ଅତିରିକ୍ତ ନବ ଉଦ୍ଭାବନଗୁଡ଼ିକ ସାଧାରଣତଃ ଦ୍ରୁତ ଗତିରେ ଗୃହୀତ ହୋଇଥାଏ। ସର୍ବୋପରି, ଏକ ନବ ଉଦ୍ଭାବନକୁ ଗ୍ରହଣ କରିବାର ହାରର ସଂଚୟୀ/ବର୍ଦ୍ଧିଷ୍ଣୁ (କ୍ୟୁମୁଲେଟିଭ୍- ଯାହା ପରବର୍ତ୍ତୀ ସମୟର ଯୋଗଗୁଡ଼ିକ ସହିତ ବୃଦ୍ଧି ପାଏ) କାର୍ଯ୍ୟ ହେଉଛି ଏକ ଇଂରାଜୀ ଅକ୍ଷର 'ଏସ୍' ଆକୃତିର ବକ୍ର ରେଖା। ଆରମ୍ଭରେ ଏସ୍-ଆକୃତିର ବକ୍ର ରେଖା ବେଶ୍ ଧୀମା ଗତିରେ ବୃଦ୍ଧି ପାଇଥାଏ ଯାହାର ଅର୍ଥ ହେଉଛି ମାତ୍ର ଅଳ୍ପ କେତେଜଣ ଗ୍ରହଣକାରୀ ରହିଛନ୍ତି। ଏହା କ୍ରମେ କ୍ରମେ ବୃଦ୍ଧି ପାଏ ଏବଂ ଗ୍ରହଣକାରୀମାନଙ୍କ ମଧ୍ୟରୁ ଅଧାରୁ ଅଧିକ ଲୋକ ଯେତେବେଳେ ଗ୍ରହଣ କରି ସାରନ୍ତି, ସେତେବେଳେ ସର୍ବାଧିକ ସ୍ତରକୁ ଚାଲିଯାଏ।

ଏହା କ୍ରମେ କ୍ରମେ ବୃଦ୍ଧି ପାଇବା ଜାରି ରଖେ, କିନ୍ତୁ ଧୀର ଗତିରେ, ଯାହା ବାଦ୍ ପଡ଼ିଥିବା ଗୋଷ୍ଠୀର ଲୋକମାନଙ୍କ ନବ ଉଦ୍ଭାବନକୁ ଗ୍ରହଣ କରିବାର ସୂଚନା ପ୍ରଦାନ କରିଥାଏ।

**୧. ଆପେକ୍ଷିକ ସୁବିଧା**

ରୋଜରସ୍ (୨୦୦୫,ପୃ.୨୧୯) ଆପେକ୍ଷିକ ସୁବିଧାକୁ 'ଯେଉଁ ପରିମାଣରେ ଏକ ନବ ଉଦ୍ଭାବନକୁ ଏହା ଅତିକ୍ରମ କରୁଥିବା ଧାରଣାଠାରୁ ଅଧିକ ଭଲ ଭାବରେ ଗ୍ରହଣ କରାଯାଏ' ଭାବରେ ସଂଜ୍ଞାଭୁକ୍ତ କରିଛନ୍ତି। ପ୍ରାରମ୍ଭିକ ଗ୍ରହୀଣକାରୀ, ନବ ଉଦ୍ଭାବକ ଏବଂ ପ୍ରାରମ୍ଭିକ ଅତ୍ୟଧିକ ସାମାଜିକ ମର୍ଯ୍ୟାଦା ଏକ ଅତ୍ୟଧିକ ପ୍ରୋତ୍ସାହନ ପ୍ରଦାନକାରୀ ଉପାଦାନ। ଏକ ନବ ଉଦ୍ଭାବନର ଆପେକ୍ଷିକ ସୁବିଧା ଯେତେ ବେଶୀ, ଏହାର ଗ୍ରହଣୀୟତାର ହାର ସେତେ ବେଶୀ। ଉଦାହରଣ ସ୍ୱରୂପ, କାରିଗରୀ ବିଦ୍ୟାକୁ ଶିକ୍ଷା ସହିତ ମିଶାଇବାକୁ ହେଲେ ଶିକ୍ଷକମାନେ ପ୍ରଥମେ ଏହାର ଉପଯୋଗିତା ଏବଂ ଏହା ସେମାନଙ୍କର ଶିକ୍ଷାଦାନରେ ସହାୟକ ହେଉଥିବା ସମ୍ପର୍କରେ ଦେଖିବା କଥା (ଫିନ୍‌ଲେ,୨୦୦୩)। ଥରେ ଜଣେ ଗ୍ରହଣକାରୀ ଏକ ନବ ଉଦ୍ଭାବନର ଆପେକ୍ଷିକ ସୁବିଧା ଦେଖିବା ପରେ ଗ୍ରହଣକାରୀ ସାଧାରଣତଃ ଭାବି ନେଇଥାଏ ଯେ ସେହି ନବ ଉଦ୍ଭାବନଟି ସେମାନଙ୍କର ସାମ୍ପ୍ରତିକ ଅବସ୍ଥା ସହିତ କେତେ ଖାପ ଖାଉଛି।

**୨. ସୁସଙ୍ଗତି**

ସୁସଙ୍ଗତିର ସଂଜ୍ଞା ହେଉଛି, 'ବିଦ୍ୟମାନ ମୂଲ୍ୟବୋଧ ବ୍ୟବସ୍ଥା, ଅତୀତର ଅନୁଭୂତି ସମୂହ ଏବଂ ସମ୍ଭାବ୍ୟ ଗ୍ରହଣକାରୀମାନଙ୍କର ଆବଶ୍ୟକତା ସହିତ ଏକ ନବ ଉଦ୍ଭାବନ ଯେଉଁ ପରିମାଣରେ ଅବିରୁଦ୍ଧ ବୋଲି ଗ୍ରହଣ କରାଯାଏ।' ଏକ ଅନୁକୂଳ ନବ ଉଦ୍ଭାବନ ଗ୍ରହଣୀୟତାର ଉତ୍ତମ ହାର ବହନ କରିଥାଏ।

**୩. ଜଟିଳତା**

କେତେକ ନବ ଉଦ୍ଭାବନ ବୁଝିବା ଏବଂ ବ୍ୟବହାର କରିବା ପାଇଁ ସହଜ ହୋଇଥିବା ବେଳେ ଅନ୍ୟ କେତେକକୁ ବ୍ୟାଖ୍ୟା କରିବା ଯଥେଷ୍ଟ କଷ୍ଟସାଧ୍ୟ ହୋଇଥାଏ। ଜଟିଳତାର ସଂଜ୍ଞା ହେଉଛି, 'ଏକ ନବ ଉଦ୍ଭାବନ ଆପେକ୍ଷିକ ଭାବରେ ବୁଝିବା ଏବଂ ବ୍ୟବହାର କରିବା ପାଇଁ ଯେଉଁ ପରିମାଣରେ କଷ୍ଟକର ହୋଇଥାଏ ବୋଲି ଗ୍ରହଣ କରି ନିଆ ଯାଇଥାଏ।'

**୪. ପରୀକ୍ଷଣ ଯୋଗ୍ୟତା**

ଏହା ହେଉଛି 'ଏକ ପରିମାଣ ଯାହା ଅନୁସାରେ ଏକ ନବ ଉଦ୍ଭାବନର ସୀମିତ ଭିତ୍ତିରେ ପରୀକ୍ଷଣ କରାଯାଇ ପାରିବ।' ଯେତେବେଳେ ଏକ ନବ ଉଦ୍ଭାବନର ପରୀକ୍ଷା କରାଯାଇ ପାରିଥାଏ, ସେତେବେଳେ ଏହା ଗ୍ରହଣୀୟତାର ସମ୍ଭାବନାକୁ ବଢ଼ାଇ ଦେଇଥାଏ। ପରୀକ୍ଷା ପର୍ଯ୍ୟାୟରେ ବ୍ୟବହାରକାରୀମାନଙ୍କ ମତ ମନ୍ତବ୍ୟ ଅନୁସାରେ ଏକ ନବ ଉଦ୍ଭାବନକୁ ପରିବର୍ତ୍ତନ କରାଯାଇଥାଏ। ସେହିଭଳି, ଅଧିକାଂଶ ଡାକ୍ତରୀ ଔଷଧ ସେଗୁଡ଼ିକର ପ୍ରକୃତ ବଜାର ପ୍ରବେଶ ପୂର୍ବରୁ ବାଧ୍ୟତାମୂଳକ ପରୀକ୍ଷଣ ପର୍ଯ୍ୟାୟ ଦେଇ ଗତି କରିଥାନ୍ତି। ସାଧାରଣତଃ ଗ୍ରହଣକାରୀମାନେ ଏକ ନବ ଉଦ୍ଭାବନର କାର୍ଯ୍ୟକାରୀ ପ୍ରଭାବଗୁଡ଼ିକରୁ ଲାଭ ଉଠାଇବାକୁ ଇଚ୍ଛା କରନ୍ତି, କିନ୍ତୁ କୌଣସି ପ୍ରକାରର ଦୁଷ୍କ୍ରିୟାଶୀଳ ପ୍ରଭାବକୁ ଏଡ଼ାଇ ଯିବାକୁ ଚାହାନ୍ତି। ପରୀକ୍ଷଣ ଗ୍ରହଣୀୟତାର ହାରକୁ କମାଇ ଦେଇପାରେ।

### ୫. ପର୍ଯ୍ୟବେକ୍ଷଣ କ୍ଷମତା

'ଏକ ନବ ଉଦ୍ଭାବନର ଫଳାଫଳ ଯେଉଁ ପରିମାଣରେ ଅନ୍ୟମାନଙ୍କୁ ପରିଦୃଶ୍ୟ ହୁଏ' ତାକୁ ପର୍ଯ୍ୟବେକ୍ଷଣ କ୍ଷମତା କୁହାଯାଏ। ଏହା ସକାରାତ୍ମକ ଭାବରେ ଗ୍ରହଣୀୟତାର ହାର ସହିତ ସମ୍ପର୍କିତ। ଯେତେବେଳେ ଆମେ ଆମର ସମବର୍ଗୀମାନେ ଏକ ନୂଆ ଉପକରଣ ବ୍ୟବହାର କରୁଥିବାର ଦେଖୁ, ଆମେମାନେ ଏହାକୁ କିଣି ଆମେ ନିଜେ ପରୀକ୍ଷା କରିବାକୁ ଆଗ୍ରହୀ ହୋଇଉଠୁ। ଏହା ଦର୍ଶାଇ ଥାଏ ଯେ, ସହଜରେ ଲକ୍ଷ୍ୟ କରାଯାଉଥିବା ଏବଂ ଭାବ ବିନିମୟ କରାଯାଉଥିବା ଧାରଣାଗୁଡ଼ିକ ଗ୍ରହଣୀୟ ହେବାର ସମ୍ଭାବନା ଅଧିକ ରହିଛି।

## ୨.୮: ନବ ଉଦ୍ଭାବନ-ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା

ଏହା ହେଉଛି ଏକ ପ୍ରକ୍ରିୟା ଯାହା ସମୟ କ୍ରମେ ଘଟିଥାଏ ଯେଉଁଠି ଏକ ନବ ଉଦ୍ଭାବନର ସୁବିଧା ଏବଂ ଅସୁବିଧାଗୁଡ଼ିକର ପରୀକ୍ଷା ବା ଓଜନ କରାଯାଇଥାଏ ଏବଂ ସେହି ନବ ଉଦ୍ଭାବନକୁ ଗ୍ରହଣ କରିବା ବା ପ୍ରତ୍ୟାଖ୍ୟାନ କରିବାର ଏକ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ। ଏହା ୫ ଗୋଟି ସ୍ତରରେ ହୋଇଥାଏ: ଜ୍ଞାନ, ପ୍ରବର୍ତ୍ତାଇବା, ନିଷ୍ପତ୍ତି ଗ୍ରହଣ, କାର୍ଯ୍ୟାନ୍ୱୟନ ଏବଂ ପୁଷ୍ଟିକରଣ।

### ୨.୮.୧ ପ୍ରଥମ ସ୍ତର: ଜ୍ଞାନ

ଏହା ହେଉଛି ସେହି ସ୍ତର ଯେତେବେଳେ କି ବ୍ୟବହାରକାରୀ ବା ସମ୍ଭାବ୍ୟ ଗ୍ରହଣକାରୀମାନେ ପ୍ରଥମେ ନବ ଉଦ୍ଭାବନର ବିଦ୍ୟମାନତା ବିଷୟରେ ଶୁଣନ୍ତି ଏବଂ ତା'ପରେ ଏହାର ବିଭିନ୍ନ କାର୍ଯ୍ୟକାରିତା ସମ୍ବନ୍ଧରେ ଜ୍ଞାନ ଆହରଣ କରନ୍ତି ଏବଂ ବୁଝନ୍ତି। ଏହି ପ୍ରଶ୍ନଗୁଡ଼ିକ ସହିତ ଜଡ଼ିତ ତିନି ପ୍ରକାରର ଜ୍ଞାନ ରହିଛି:

**କ) ସଚେତନତା-ଜ୍ଞାନ:** ଯେତେବେଳେ ଜଣେ ସମ୍ଭାବ୍ୟ ଗ୍ରହଣକାରୀ ନବ ଉଦ୍ଭାବନଟି କେଉଁ ବିଷୟରେ, ତାହା ଜାଣିବାକୁ ସୂଚନା ଆବଶ୍ୟକ କରେ, ଅନୁସନ୍ଧିତ୍ସା ମନୋଭାବ ପୋଷଣ କରେ ଯାହା ଜ୍ଞାନର ପ୍ରଥମ ବର୍ଗ ମଧ୍ୟରେ ଆସିଥାଏ। ଏହା ଅନ୍ୟ ଅନୁସରଣକାରୀ ଗ୍ରହଣକାରୀମାନଙ୍କୁ ନବ ଉଦ୍ଭାବନ ସମ୍ବନ୍ଧରେ ସମାନ ଧରଣର ସୂଚନା ହାସଲ କରିବାକୁ ପ୍ରୋତ୍ସାହିତ କରିପାରେ ଏବଂ ସେମାନଙ୍କୁ ଆହୁରି ଅଧିକ ପ୍ରଶ୍ନ ପଚାରିବାକୁ ଅନୁପ୍ରେରିତ କରିପାରେ।

**ଖ) କିପରି- ଜ୍ଞାନ:** ଏହି ଧରଣର ଜ୍ଞାନ ବ୍ୟବହାରକାରୀମାନଙ୍କ ନିକଟରେ ନବ ଉଦ୍ଭାବନକୁ କିପରି ଠିକ୍ ଭାବରେ ବ୍ୟବହାର କରିବାକୁ ହେବ, ତାହା ଉଲ୍ଲେଖ କରିଥାଏ। ନବ ଉଦ୍ଭାବନର ପରୀକ୍ଷଣ ଏବଂ ଗ୍ରହଣ ପୂର୍ବରୁ ଯଦି ବ୍ୟବହାରକାରୀଙ୍କର ଉପଯୁକ୍ତ ଏବଂ ସଠିକ୍ 'କିପରି' (ହାଓ-ଟୁ) ଜ୍ଞାନ ରୁହେ, ତା'ହେଲେ ଗ୍ରହଣୀୟତାର ସମ୍ଭାବନା ହାରକୁ ବଢ଼ାଇ ଦେଇଥାଏ।

**ଗ) ନୀତିଗତ- ଜ୍ଞାନ:** ଏକ ନବ ଉଦ୍ଭାବନ ସମ୍ପର୍କରେ ନୀତିଗତ-ଜ୍ଞାନର ଅଭାବ ଏହାର ଅପବ୍ୟବହାର ଏବଂ ପରବର୍ତ୍ତୀ ସମୟରେ ବିଚ୍ଛିନ୍ନତା ଦିଗରେ ବାଟ କଢ଼ାଇ ନେଇପାରେ। ଏହିସବୁ 'ଅନୁଭୂତ ବା କୌଶଳଗତ ଜ୍ଞାନ' (ନୋ-ହାଓ) ଦ୍ୱାରା ବ୍ୟକ୍ତିବିଶେଷମାନେ ଯେ କୌଣସି ନବ ଉଦ୍ଭାବନର ପ୍ରଭାବକାରିତାକୁ ବିଚାର କରିବାକୁ ଉତ୍ତମ ରୂପେ ସଜ୍ଜିତ ହୋଇ ପାରିଥାନ୍ତି। କିନ୍ତୁ ଏହା ନବ ଉଦ୍ଭାବନର ଗ୍ରହଣୀୟତା ସମ୍ପର୍କରେ କିଛି ନିଶ୍ଚିତତା ପ୍ରଦାନ କରି ନଥାଏ, କାରଣ ଏହା ମଧ୍ୟ ବ୍ୟକ୍ତିବିଶେଷମାନଙ୍କର ଏଥିପ୍ରତି ରହିଥିବା ମନୋଭାବ ଉପରେ ନିର୍ଭର କରିଥାଏ।

### ୨.୮.୨ ଦ୍ୱିତୀୟ ସ୍ତର: ପ୍ରବର୍ତ୍ତାଇବା

ଏହି ସ୍ତରରେ ଜଣେ ବ୍ୟକ୍ତିବିଶେଷ ଏକ ନବ ଉଦ୍ଭାବନ ପ୍ରତି ଅନୁକୂଳ ବା ପ୍ରତିକୂଳ ମନୋଭାବ ଗଠନ କରିଥାଏ, କିନ୍ତୁ ଏହି ମନୋଭାବ ନବ ଉଦ୍ଭାବନଟିର ଗ୍ରହଣ ବା ପ୍ରତ୍ୟାଖ୍ୟାନ ଆଡ଼କୁ ବାଟ କଢ଼େଇ ନେବ ବୋଲି କୁହାଯାଇ ନପାରେ। ରୋଜର୍ସ୍ ଉଲ୍ଲେଖ କରିଛନ୍ତି ଯେ ପ୍ରଥମଟି ଅଧିକ ସଜ୍ଞାନାତ୍ମକ ବା ବା ଜାଣିବା ଭଳିଆ, ଯେତେବେଳେ କି ପରବର୍ତ୍ତୀଟି ଅଧିକ ପ୍ରଭାବଶାଳୀ ବା ଅନୁଭୂତି। ଏହା ହେଉଛି ଅଭିନ୍ନ ସ୍ତର ଯେଉଁଠି ବ୍ୟବହାରକାରୀ ନବ ଉଦ୍ଭାବନ

ବିଷୟରେ ଏକ ଧାରଣା ଗଠନ କରିବାକୁ ଆରମ୍ଭ କରେ ଏବଂ ସେଥିପାଇଁ ଏହା ଅଧିକ ଜଟିଳ ଭାବରେ ତଥା ମନସ୍ତାତ୍ତ୍ୱିକ ଭାବରେ ସମ୍ପୃକ୍ତ ହୋଇଥାଏ। ବ୍ୟବହାରକାରୀ ନବ ଉଦ୍ଭାବନ ବିଷୟରେ ସୂଚନା ସଂଗ୍ରହ କରିବା ଜାରି ରଖିଥାଏ।

**୨.୮.୩ ତୃତୀୟ ସ୍ତର: ନିଷ୍ପତ୍ତି**

ଏହି ସ୍ତରରେ ବ୍ୟକ୍ତିବିଶେଷ ନିଜର ଜ୍ଞାନ ଏବଂ ମତାମତକୁ କାର୍ଯ୍ୟରେ ଲଗାଇଥାନ୍ତି ଏବଂ ସ୍ଥିର କରିଥାନ୍ତି ଏକ ଉଦ୍ଭାବନକୁ ଗ୍ରହଣ କରିବେ ବା ପ୍ରତ୍ୟାଖ୍ୟାନ କରିବେ। ଗ୍ରହଣ ହେଉଛି 'ନବ ଉଦ୍ଭାବନର ସମ୍ପୂର୍ଣ୍ଣ ବ୍ୟବହାର ଯାହା ସର୍ବୋତ୍କୃଷ୍ଟ ଉପଲବ୍ଧ କାର୍ଯ୍ୟ ହୋଇଥାଏ' ଏବଂ ପ୍ରତ୍ୟାଖ୍ୟାନ ଏକ ନବ ଉଦ୍ଭାବନକୁ ଗ୍ରହଣ ନ କରିବାକୁ ବୁଝାଇ ଥାଏ।

**୨.୮.୪ ଚତୁର୍ଥ ସ୍ତର: କାର୍ଯ୍ୟାନ୍ୱୟନ**

ନବ ଉଦ୍ଭାବନକୁ ଯେତେବେଳେ କାର୍ଯ୍ୟରେ ଲଗାଯାଏ, ସେତେବେଳେ କାର୍ଯ୍ୟାନ୍ୱୟନ ଘଟିଥାଏ। ଜଣେ ବ୍ୟକ୍ତି ନବ ଉଦ୍ଭାବନ ବିଷୟରେ ସମସ୍ତ ଆବଶ୍ୟକୀୟ ସୂଚନା ସଂଗ୍ରହ କରନ୍ତି ଏବଂ ଏହାକୁ ଗ୍ରହଣ କରିବା ବା ପ୍ରତ୍ୟାଖ୍ୟାନ କରିବା ସମ୍ପର୍କରେ ଏକ ନିଷ୍ପତ୍ତି ନେବା ସ୍ତରକୁ ଆସନ୍ତି। ଶେଷରେ ଏହି ସ୍ତରରେ ଏହାକୁ କାର୍ଯ୍ୟରେ ଲଗାଯାଏ। ପରିବର୍ତ୍ତନକାରୀ ଏଜେଣ୍ଟ୍‌ମାନଙ୍କ ଭୂମିକା ଏଠାରେ ଗୁରୁତ୍ୱପୂର୍ଣ୍ଣ କାରଣ ବୈଷୟିକ ପରାମର୍ଶଦାତା ଭାବରେ ସେମାନେ ନବ ଉଦ୍ଭାବନ ସମ୍ବନ୍ଧରେ ବିଭିନ୍ନ ପ୍ରକାର ପ୍ରଶ୍ନର ଦେଇଥାନ୍ତି। ଯେତେବେଳେ ଏକ ସଂଗଠନ ସମ୍ପୃକ୍ତ ହୋଇଥାଏ, କାର୍ଯ୍ୟାନ୍ୱୟନ ସେତେବେଳେ ଅଧିକ ଆହ୍ୱାନପୂର୍ଣ୍ଣ ହୋଇଥାଏ ଯେହେତୁ ବ୍ୟବହାରକାରୀମାନେ ବିଭିନ୍ନ ଧରଣର ଲୋକମାନେ ହୋଇଥାନ୍ତି ଏବଂ ପ୍ରାୟତଃ ନିଷ୍ପତ୍ତି ଗ୍ରହଣକାରୀଙ୍କଠାରୁ ଭିନ୍ନ ହୋଇଥାନ୍ତି।

**୨.୮.୫ ପଞ୍ଚମ ସ୍ତର: ପୁଷ୍ଟିକରଣ**

ଏହି ସ୍ତର ନିଷ୍ପତ୍ତିର ଗ୍ରହଣ ଏବଂ ବିଦ୍ୟମାନ ପ୍ରଥାଗୁଡ଼ିକ ମଧ୍ୟରେ ନୂତନ ନବ ଉଦ୍ଭାବନର ଏକତ୍ରିକରଣକୁ ପୁନଃପ୍ରତିଷ୍ଠିତ କରାଇ ଥାଏ। ଏହା ମଧ୍ୟ ସମ୍ଭବପର ହୋଇଥାଏ ଯେ ବ୍ୟକ୍ତିବିଶେଷ ଯଦି ନବ ଉଦ୍ଭାବନ ବିଷୟରେ କୌଣସି ପ୍ରକାରର ଦ୍ୱନ୍ଦ୍ୱାତ୍ମକ ମତାମତ ସଂସ୍ପର୍ଶରେ ଆସନ୍ତି, ତା'ହେଲେ ସେ ତାଙ୍କର ଗ୍ରହଣ କରିବାର ନିଷ୍ପତ୍ତିକୁ ବିପରୀତ କରିବାକୁ ନିଷ୍ପତ୍ତି ନେଇ ପାରନ୍ତି।

**ନବ ଉଭାବନ ପ୍ରକ୍ରିୟାରେ ନିଷତ୍ତି ଗ୍ରହଣର ପାଞ୍ଚଗୋଟି ସ୍ତର**




## ୨.୭: ଆସ ପ୍ରଗତି ମାପିବା

୧. ନବ ଉଭାବନ ବିସରଣର ଚାରିଗୋଟି ମୌଳିକ ଉପାଦାନଗୁଡ଼ିକ କ'ଣ ?

---------------------------------------------------------------------------------------------------------------
---------------------------------------------------------------------------------------------------------------
---------------------------------------------------------------------------------------------------------------
------------------------------------------

୨. ରୋଜରସ୍‌ଙ୍କ ନବ ଉଭାବନ ପ୍ରସାର ନମୁନା ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର।

---------------------------------------------------------------------------------------------------------------
---------------------------------------------------------------------------------------------------------------
---------------------------------------------------------------------------------------------------------------
------------------------------------------

୩. ବିଭିନ୍ନ ପ୍ରକାରର ବିକାଶ ପ୍ରସଙ୍ଗ ଏବଂ ଉପ-ପ୍ରସଙ୍ଗଗୁଡ଼ିକ କ'ଣ ?

---------------------------------------------------------------------------------------------------------------
---------------------------------------------------------------------------------------------------------------
---------------------------------------------------------------------------------------------------------------
------------------------------------------

## ୟୁନିଟ୍- ୩: ବ୍ୟବସ୍ଥା ସମୂହ ତତ୍ତ୍ୱ, ମୌଳିକ ଆବଶ୍ୟକତା ଆଭିମୁଖ୍ୟ


୩.୦: ବିଷୟର ଗଠନ

୩.୧: ପଠନର ଉଦ୍ଦେଶ୍ୟ

୩.୨: ବିଷୟ ପରିଚୟ

୩.୨: ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ପରିଚୟ

୩.୩: ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ବିବର୍ତ୍ତନ

୩.୪: ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ଲକ୍ଷ୍ୟ

୩.୫: ତତ୍ତ୍ୱର ମୂଳ

୩.୬: ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ରାଜନୀତିକ ଦିଗ

୩.୭: ପ୍ରୟୋଗ ଏବଂ ସମ୍ଭାବନା

୩.୮: ପରିସୀମା

୩.୯: ମୌଳିକ ଆବଶ୍ୟକତା ଆଭିମୁଖ୍ୟର ପରିଚୟ

୩.୧୦: ମୌଳିକ ଆବଶ୍ୟକତା ଆଭିମୁଖ୍ୟର ବିବର୍ତ୍ତନ

୩.୧୧: ମୌଳିକ ଆବଶ୍ୟକତା ଆଭିମୁଖ୍ୟର ସୀମା

୩.୧୨: ଆସ ପ୍ରଗତି ମାପିବା


### ୩.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍‌ରେ ଆମେମାନେ ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ଆବିର୍ଭାବ ସହିତ ପୁଞ୍ଜିବାଦ ତତ୍ତ୍ୱର ପ୍ରତ୍ୟାଖ୍ୟାନ ସମ୍ପର୍କରେ ପାଠ କରିବା ସଙ୍ଗେ ସଙ୍ଗେ ଏହାର ପାଠ୍ୟକ୍ରମ ଏବଂ ଏହି ତତ୍ତ୍ୱ ପ୍ରତି ଇମାନୁଏଲ ୱାଲେରଷ୍ଟେଇନ୍‌ଙ୍କ ଅବଦାନ ବିଷୟରେ ଶିକ୍ଷାଲାଭ କରିବା। ଆମେମାନେ ମଧ୍ୟ ମୌଳିକ ଆବଶ୍ୟକତା ଆଭିମୁଖ୍ୟ ବିଷୟରେ ଏବଂ ବିକାଶଶୀଳ ବା ତୃତୀୟ ବିଶ୍ୱ ଦେଶମାନଙ୍କରେ ଯେଉଁ ଉପାଦାନଗୁଡ଼ିକ ଏହାକୁ ସୀମିତ କରିଥାଏ, ସେ ସମ୍ପର୍କରେ ପାଠ କରିବା।

### ୩.୨: ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ପରିଚୟ

ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱ ସମ୍ପର୍କିତ ଆଭିମୁଖ୍ୟ ହେଉଛି ଏକ ସ୍ଥୁଳ-ସମାଜତାତ୍ତ୍ୱିକ ଦୃଷ୍ଟିକୋଣ ଯାହା ଏକ 'ସାମଗ୍ରିକ ସାମାଜିକ ବ୍ୟବସ୍ଥା' ଭାବରେ 'ପୁଞ୍ଜିବାଦୀ ବିଶ୍ୱ ଅର୍ଥନୀତି'ର ଗତିଶୀଳତାକୁ ବର୍ଣ୍ଣନା କରିଥାଏ। ଏହି ଆଭିମୁଖ୍ୟର ଏକ ମହାନ ଉଦାହରଣ ଇମାନୁଏଲ ୱାଲେରଷ୍ଟେଇନ୍‌ଙ୍କ ସହିତ ସଂଶ୍ଳିଷ୍ଟ, ଯିଏ ୧୯୭୪ରେ 'ବିଶ୍ୱ ପୁଞ୍ଜିବାଦୀ ବ୍ୟବସ୍ଥାର ଅଭ୍ୟୁଦୟ ଏବଂ ଭବିଷ୍ୟତର ଅନ୍ତର୍ଦ୍ଧାନ: ତୁଳନାତ୍ମକ ବିଶ୍ଳେଷଣ ପାଇଁ ଅବଧାରଣା' ପ୍ରକାଶ କରିଥିଲେ। ୧୯୭୬ରେ ୱାଲେରଷ୍ଟେଇନ୍ 'ଆଧୁନିକ ବିଶ୍ୱ ବ୍ୟବସ୍ଥା

୧: ଷୋଡ଼ଶ ଶତାବ୍ଦୀରେ ପୁଞ୍ଜିବାଦୀ କୃଷି ଏବଂ ୟୁରୋପୀୟ ବିଶ୍ୱ-ଅର୍ଥନୀତିର ଉଦ୍ଭବ' ପ୍ରକାଶ କରିଥିଲେ। ଏହା ହେଉଛି ସାମାଜିକ ଏବଂ ଐତିହାସିକ ଚିନ୍ତାଧାରାକୁ ୱାଲେରଷ୍ଟେଇନ୍‌ଙ୍କର ଯୁଗାନ୍ତକାରୀ ଅବଦାନ। ବିଶ୍ୱ ବ୍ୟବସ୍ଥା ତତ୍ତ୍ୱର ମୁଖ୍ୟ ଅବଧାରଣା ଏବଂ ବୌଦ୍ଧିକ ନିର୍ମାଣ ଗୋଷ୍ଠୀର କାରଣରୁ ଏହା ବିକଶିତ ବିଶ୍ୱ ଦ୍ୱାରା ସାଦରେ ଗୃହୀତ ହୋଇ ଆସିଛି।

ବିଶ୍ୱ ବ୍ୟବସ୍ଥା ତତ୍ୱକୁ ଐତିହାସିକ ସମାଜ ତତ୍ତ୍ୱ ଏବଂ ଅର୍ଥନୀତିକ ଇତିହାସ ଅଧୀନରେ ବର୍ଗୀକୃତ କରାଯାଇଛି। ଏଥି ସହିତ, ଦେଶମାନଙ୍କ ମଧ୍ୟରେ ବିକାଶ ଏବଂ ଅସମାନ ସୁଯୋଗ ଉପରେ ଗୁରୁତ୍ୱାରୋପ ଯୋଗୁଁ ଏହା ବିକାଶ ତତ୍ତ୍ୱବିତ୍ ଏବଂ ପେସାଦାରମାନଙ୍କ ଦ୍ୱାରା ଗୃହୀତ ହୋଇ ଆସିଛି।

ୱାଲେରଷ୍ଟେଇନ୍‌ଙ୍କ ଆଭିମୁଖ୍ୟ ହେଉଛି - ଏକ ପ୍ରୟୋଗର ଆଭିମୁଖ୍ୟ ଯେଉଁଥିରେ ସିଦ୍ଧାନ୍ତ ଏବଂ ପ୍ରୟୋଗରେ ପରିଣତ କରିବା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଏବଂ ବୌଦ୍ଧିକ କାର୍ଯ୍ୟକଳାପର ଉଦ୍ଦେଶ୍ୟ ହେଉଛି ଜ୍ଞାନ ସୃଷ୍ଟି କରିବା ଯାହା ଲୁକ୍କାୟିତ ସଂରଚନାକୁ ଉନ୍ମୋଚନ କରିବା ସହିତ ଜଣକୁ ବିଶ୍ୱରେ ଏହାକୁ ନେଇ କାର୍ଯ୍ୟ କରିବାର ଅନୁମତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହାକୁ ବଦଳାଇବାକୁ ଅନୁମତି ଦେଇଥାଏ। 'ମଣିଷର ନିଜ ବ୍ୟବସ୍ଥାର ବିବର୍ତ୍ତନରେ ବୌଦ୍ଧିକ ଭାବରେ ଅଂଶଗ୍ରହଣ କରିବାର ସାମର୍ଥ୍ୟ ତା'ର ସମଗ୍ର ଅବସ୍ଥାକୁ ବୁଝିବାର ସାମର୍ଥ୍ୟ ଉପରେ ନିର୍ଭର କରିଥାଏ।' (ପୃ.୧୦)

ବିଶ୍ୱ-ବ୍ୟବସ୍ଥା ଗବେଷଣା ହେଉଛି ଅଧିକତଃ ଗୁଣାତ୍ମକ, ଯଦିଓ ପ୍ରଥମାବସ୍ଥାରେ ୱାଲେରଷ୍ଟେଇନ୍ ବିଶ୍ୱକୁ ବୁଝିବାକୁ ନାମମାତ୍ର (ନୋମୋଥେଟିକ୍) ଏବଂ ନିଛକ କଥନିକା (ଇଡିଓଗ୍ରାଫିକ୍) ପ୍ରଣାଳୀଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ପ୍ରତ୍ୟାଖ୍ୟାନ କରିଥିଲେ। ୱାଲେରଷ୍ଟେଇନ୍‌ଙ୍କ ନିମନ୍ତେ ଏକ ବସ୍ତୁନିଷ୍ଠ ବିଶ୍ୱ (ଅବ୍‌ଜେକ୍ଟିଭ୍ ୱର୍ଲଡ୍) ରହିଛି ଯାହାକୁ ପରିମାଣାତ୍ମକ ଭାବରେ ବୁଝାଯାଇପାରିବ, କିନ୍ତୁ ଏହା ହେଉଛି ଇତିହାସର ଏକ ଉତ୍ପାଦ। କିନ୍ତୁ ଅଧିକାଂଶ ଭାଗରେ ତାଙ୍କର ପ୍ରଣାଳୀଗୁଡ଼ିକ ଇତିହାସ ଏବଂ ତର୍କାତ୍ମକ ସମାଜ ତତ୍ତ୍ୱ ସହିତ ଜଡ଼ିତ। ତାଙ୍କର କୃତୀ ପଦ୍ଧତିଗତ ଦୃଷ୍ଟିରୁ କେତେକାଂଶରେ ମାର୍କ୍ସ ଏବଂ ୱେବରଙ୍କ ମଧ୍ୟବର୍ତ୍ତୀ ସ୍ଥାନର, ଯେଉଁମାନଙ୍କ ମଧ୍ୟରୁ ପ୍ରତ୍ୟେକ ତାଙ୍କର ନିଜର କୃତୀ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଥିଲେ।

## ୩.୩: ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ବିବର୍ତ୍ତନ

ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱ ଇମାନୁଏଲ ୱାଲେରଷ୍ଟେଇନ୍‌ଙ୍କ ସହିତ ନିବିଡ଼ ଭାବରେ ସମ୍ପର୍କିତ ହୋଇ ଥିବାରୁ ୱାଲେରଷ୍ଟେଇନ୍‌ଙ୍କ ସମ୍ପର୍କରେ ଜାଣିବା ଅତି ଗୁରୁତ୍ୱପୂର୍ଣ୍ଣ।

ଇମାନୁଏଲ ୱାଲେରଷ୍ଟେଇନ୍ ୧୯୩୦ରେ ନ୍ୟୁୟର୍କ୍‌ରେ ଜନ୍ମଗ୍ରହଣ କରିଥିଲେ, ଯେଉଁଠି ସେ ବଡ଼ ହୋଇଥିଲେ ଏବଂ ନିଜର ସବୁଯାକ ଶିକ୍ଷା ଶେଷ କରିଥିଲେ। ସେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିଥିଲେ, ଯେଉଁଠୁ ସେ ତାଙ୍କର ବିଏସ୍, ଏମ୍ଏ ଏବଂ ପିଏଚ୍‌ଡି ଡିଗ୍ରୀଗୁଡ଼ିକ ହାସଲ କରିଥିଲେ। ସେ କଲମ୍ବିଆ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗରେ ଜଣେ ଅଧ୍ୟାପକ ଭାବରେ ୧୯୫୮ରୁ ୧୯୭୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ।

କଲମ୍ବିଆରେ ତାଙ୍କର କାର୍ଯ୍ୟକାଳ ଥିଲା କଲମ୍ବିଆର ବିଶ୍ୱବାଦ ଏବଂ ବିଦ୍ରୋହ ଭାବର ଶିଖର ଦେଶରେ ଥିଲା ଯାହା ହାର୍ଭାର୍ଡ୍ ଏବଂ ୟେଲ୍ ବିଶ୍ୱବିଦ୍ୟାଳୟର ମୃଦୁ ଉଦାରବାଦର ଠିକ୍ ବିପରୀତ ଥିଲା । ତାଙ୍କର ପ୍ରଥମ ଗୁରୁ ଥିଲେ ସି. ରାଇଟ୍ ମିଲ୍ସ୍ ଯାହାଙ୍କଠାରୁ ୱାଲେରଷ୍ଟେଇନ୍ ନିଜର ଐତିହାସିକ ସମ୍ବେଦନଶୀଳତା, ସ୍ଥୂଳ-ସଂରଚନାଗୁଡ଼ିକୁ ବୁଝିବାର ନିଜର ଆକାଂକ୍ଷା ଏବଂ ଉଭୟ ଉଦାରବାଦ ଏବଂ କିଛି ପରିମାଣରେ ମାର୍କ୍ସବାଦର ପ୍ରତ୍ୟାଖ୍ୟାନକୁ ଶିକ୍ଷା କରିଥିଲେ । କଲମ୍ବିଆରେ ଅଧ୍ୟାପନା କାଳରେ ୱାଲେରଷ୍ଟେଇନ୍ ଆଫ୍ରିକା ମହାଦେଶ ଉପରେ ନିଜର ରୁଚି ପ୍ରଦର୍ଶନ କରିଥିଲେ ଏବଂ ପ୍ୟାରିସ୍‌ରେ ମଧ୍ୟ ସମୟ କଟାଇ ଥିଲେ । ପ୍ୟାରିସ୍‌ରେ ସେ ଦୁଇଗୋଟି ପ୍ରମୁଖ ବୌଦ୍ଧିକ ପ୍ରଭାବ- ଐତିହାସିକମାନଙ୍କର ଆନ୍ନେଲସ୍ ଗୋଷ୍ଠୀ ଏବଂ ସେହି ସମୟରେ ଯାହା ଥିଲା ଉଗ୍ର ରାଜନୀତିକ ଅବଧାରଣା, ତା'ର ସଂସ୍ପର୍ଶରେ ଆସିବାର ସୁଯୋଗ ଲାଭ କରିଥିଲେ । ପ୍ୟାରିସ୍ ଥିଲା ଆଫ୍ରିକୀୟ, ଏସୀୟ ଏବଂ ଲାଟିନ୍ ଆମେରିକୀୟମାନଙ୍କ ଭିତରେ ରାଜନୀତିକ ଏବଂ ବୌଦ୍ଧିକ ଉଗ୍ରବାଦର କେନ୍ଦ୍ର ଏବଂ ଆଙ୍ଗ୍ଲୋ- ଆମେରିକୀୟ ଉଦାରବାଦ ଏବଂ ସାମ୍ରାଜ୍ୟବାଦ ପ୍ରତି ପ୍ରମୁଖ ଆହ୍ୱାନର ସ୍ଥାନ । ଆଫ୍ରିକାରେ ସେ କ୍ଷେତ୍ରସ୍ତରୀୟ କାର୍ଯ୍ୟ କରିଥିଲେ ଯାହା ତାଙ୍କୁ ତୃତୀୟ ବିଶ୍ୱ ସହିତ ପରିଚିତ କରାଇ ଥିଲା ଏବଂ ସେ ପଶ୍ଚିମ ଆଫ୍ରିକାରେ ଜାତୀୟ ଗଠନର ପ୍ରକ୍ରିୟା ଉପରେ ନିଜର ନିବନ୍ଧ ରଚନା କରିଥିଲେ । ତୃତୀୟ ବିଶ୍ୱ ପ୍ରତି ତାଙ୍କର ଉନ୍ମୁଖତା ତାଙ୍କର କୃତିଗୁଡ଼ିକ ଉପରେ ଯଥେଷ୍ଟ ପ୍ରଭାବ ପକାଇ ଥିଲା । ଆଧୁନିକ ବିଶ୍ୱ ବ୍ୟବସ୍ଥାର ଉପକ୍ରମଣିକାରେ ୱାଲେରଷ୍ଟେଇନ୍ ଏକ ବିବରଣାତ୍ମକ ବକ୍ତବ୍ୟରେ କୁହନ୍ତି ଯେ 'ସାଧାରଣରେ ଦଳିତମାନଙ୍କର ଆଖିରେ ବର୍ତ୍ତମାନର ବାସ୍ତବତା ସମ୍ପର୍କରେ ଏକ ଗଭୀର ଦ୍ୱନ୍ଦ୍ୱ ଅତି ଉତ୍କଟ ରୂପ ପରିଗ୍ରହ କରିଛି । କେବଳ ସେମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ଶାସକମାନଙ୍କର ମିଥ୍ୟାବାଦିତାକୁ ଉନ୍ମୋଚନ କରିବା ପାଇଁ ପରିସ୍ଥିତିକୁ ଠିକ୍ ଭାବରେ ଅବଲୋକନ କରିବାର ଆବଶ୍ୟକତା ରହିଛି । ଆଦର୍ଶଗତ ଅଧୋଗତିରେ ସେମାନଙ୍କର ରୁଚି ଅତି ସ୍ୱଳ୍ପ ।'

## ୩.୪ : ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ଲକ୍ଷ୍ୟ

ୱାଲେରଷ୍ଟେଇନ୍‌ଙ୍କ କୃତୀ ଏପରି ଏକ ସମୟରେ ବିକଶିତ ହେଲା ଯେତେବେଳେ କି ବିକାଶକୁ ବୁଝିବା ପାଇଁ ପ୍ରମୁଖ ଆଭିମୁଖ୍ୟ, ଆଧୁନିକୀକରଣ ତତ୍ତ୍ୱ (ପ୍ରମୁଖ ଦୃଷ୍ଟାନ୍ତ) ଅନେକଗୁଡ଼ିଏ ଦିଗରୁ ଆକ୍ରମଣର ଶିକାର ହେଉଥିଲା, ଏବଂ ସେ ଏହି ପଥକୁ ଅନୁସରଣ କଲେ । ସେ ନିଜେ ସ୍ୱୀକାର କରିଛନ୍ତି ଯେ ତାଙ୍କର ଲକ୍ଷ୍ୟ ଥିଲା ଏକ ବିକଳ୍ପ ବ୍ୟାଖ୍ୟା ସୃଷ୍ଟି କରିବା (ୱାଲେରଷ୍ଟେଇନ୍, ୨୦୦୦) । ସେ 'ଆଧୁନିକୀକରଣ'ର ତତ୍ତ୍ୱ ସହିତ ଏକ ସ୍ପଷ୍ଟ ଅବଧାରଣାମୂଳକ ବିରାମ ହାସଲ କରିବାର ଲକ୍ଷ୍ୟ ରଖିଥିଲେ ଏବଂ ଏହିପରି ଭାବରେ ପୁଞ୍ଜିବାଦ, ଶିଳ୍ପବାଦ ଏବଂ ଜାତୀୟ ରାଷ୍ଟ୍ର ସମୂହର ଆବିର୍ଭାବ ଏବଂ ବିକାଶ ବାବଦରେ ଆମର ତଦନ୍ତକୁ ଏକ ନୂତନ ତାତ୍ତ୍ୱିକ ଦୃଷ୍ଟାନ୍ତ ପ୍ରଦାନ କରିବାକୁ ଚାହୁଁଥିଲେ (ସ୍କକ୍‌ପୋଲ, ୧୯୭୭, ପୃ.୧୦୭୫) । ଆଧୁନିକୀକରଣର ସମାଲୋଚନାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ:

କ) ବିଶ୍ଳେଷଣର ଏକମାତ୍ର ଏକକ ଭାବରେ ଜାତୀୟ-ରାଷ୍ଟ୍ରର ପଦାର୍ଥୀକରଣ;

ଖ) ଧରି ନିଆଯାଏ ଯେ ସବୁ ଦେଶ ବିବର୍ତ୍ତନକାରୀ ବିକାଶର କେବଳ ଗୋଟିଏ ମାତ୍ର ପଥକୁ ଅନୁସରଣ କରିବେ;

ଗ) ଅର୍ନ୍ତରାଷ୍ଟ୍ରୀୟ ସଂରଚନାଗୁଡ଼ିକର ବିଶ୍ୱ-ଐତିହାସିକ ବିକାଶ ପ୍ରତି ଅବମାନନା ଯାହା ସ୍ଥାନୀୟ ଏବଂ ଜାତୀୟ ବିକାଶ ପଥରେ ପ୍ରତିବନ୍ଧକ ସୃଷ୍ଟି କରୁଥାଏ; ଏବଂ

ଘ) 'ପରମ୍ପରା' ବନାମ 'ଆଧୁନିକତା'ର ଅଣଐତିହାସିକ ଆଦର୍ଶ ବ୍ୟାଖ୍ୟାକୁ ଜାତୀୟ କ୍ଷେତ୍ରଗୁଡ଼ିକରେ ବିସ୍ତୃତ ଭାବରେ ବର୍ଣ୍ଣନା ଏବଂ ପ୍ରୟୋଗ କରାଯାଇଥାଏ।

ଆଧୁନିକୀକରଣ ତତ୍ତ୍ୱ ପ୍ରତି ପ୍ରତିକ୍ରିୟା ପ୍ରକାଶ କରି ୱାଲେରଷ୍ଟେଇନ୍ ପାଞ୍ଚଗୋଟି ପ୍ରମୁଖ ବିଷୟବସ୍ତୁବିଶିଷ୍ଟ ଏକ ଗବେଷଣା କାର୍ଯ୍ୟସୂଚୀର ଉଲ୍ଲେଖ କରିଥିଲେ: ଏକ ବ୍ୟବସ୍ଥା ଭାବରେ ପୁଞ୍ଜିବାଦୀ ବିଶ୍ୱ-ଅର୍ଥନୀତିର କାର୍ଯ୍ୟ, ଏହାର ଉଦ୍ଭବର କିପରି ଏବଂ କାହିଁକି, ପୂର୍ବବର୍ତ୍ତୀ ଶତାବ୍ଦୀଗୁଡ଼ିକରେ ଏହାର ଅଣ-ପୁଞ୍ଜିବାଦୀ ସଂରଚନାଗୁଡ଼ିକ ସହିତ ସମ୍ପର୍କ, ଉତ୍ପାଦନର ବିକଳ୍ପ ମାଧ୍ୟମଗୁଡ଼ିକର ତୁଳନାତ୍ମକ ଅଧ୍ୟୟନ ଏବଂ ସମାଜବାଦ ଦିଗକୁ ଚାଲୁ ରହିଥିବା ପରିବର୍ତ୍ତନ (ଗୋଲ୍ଡଫ୍ରାଙ୍କ୍, ୨୦୦୦; ୱାଲେରଷ୍ଟେଇନ୍, ୧୯୭୯)।

## ୩.୫: ତତ୍ତ୍ୱର ମୂଳ ସମୂହ

ୱାଲେରଷ୍ଟେଇନ୍‌ଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ତିନିଗୋଟି ପ୍ରମୁଖ ବୌଦ୍ଧିକ ମୌଳିକ ପିଣ୍ଡ ରହିଛି- ଆନେଲସ୍ ମତ, ମାର୍କ୍ସ ଏବଂ ନିର୍ଭରଶୀଳତା ତତ୍ତ୍ୱ। ଏହି ମୌଳିକ ପିଣ୍ଡଗୁଡ଼ିକ ୱାଲେରଷ୍ଟେଇନ୍‌ଙ୍କ ଜୀବନର ଅନୁଭୂତି ଏବଂ ବିଭିନ୍ନ ପ୍ରସଙ୍ଗ, ତତ୍ତ୍ୱ ଏବଂ ଅବସ୍ଥାଗୁଡ଼ିକ ପ୍ରତି ତାଙ୍କର ଉନ୍ମୁଖତା ସହିତ ସମ୍ପୃକ୍ତ।



ଇମାନୁଏଲ୍ ୱାଲେରଷ୍ଟେଇନ

ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱ ଆନେଲସ୍ ମତ ନିକଟରେ ଋଣୀ। ତାଙ୍କର ପ୍ରମୁଖ ପ୍ରତିନିଧି ହେଉଛନ୍ତି ଫର୍ଣ୍ଣାଣ୍ଡ୍ ବ୍ରଡେଲ, ଏହାର ଐତିହାସିକ ଆଭିମୁଖ୍ୟ। ୱାଲେରଷ୍ଟେଇନ୍ ଦୀର୍ଘକାଳୀନତା (ଲା ଲଙ୍ଗ୍ ଡ୍ୟୁରୀ) ଉପରେ ତାଙ୍କର ଆଗ୍ରହ ବ୍ରଡେଲଙ୍କଠାରୁ ପ୍ରାପ୍ତ ହୋଇଥିଲେ। ସେ ମଧ୍ୟ ବିଶ୍ଳେଷଣର ଏକକ ଭାବରେ ଭୂ-ପାରିବେଶିକ ଅଞ୍ଚଳ ଉପରେ ଧ୍ୟାନ ଦେବା, ଗ୍ରାମୀଣ ଇତିହାସ ପ୍ରତି ଧ୍ୟାନ ଦେବା ଏବଂ ସାମ୍ରାଜ୍ୟବାଦୀ ଉପାଦାନଗୁଡ଼ିକ ଉପରେ ଭରସା କରିବା ଇତ୍ୟାଦି ବ୍ରଡେଲଙ୍କଠାରୁ ଶିକ୍ଷାଲାଭ କରିଥିଲେ। ସାଧାରଣ ପଦ୍ଧତିଗତ ସ୍ତରରେ ଆନେଲସ୍‌ଙ୍କର ପ୍ରଭାବ ରହିଛି ।

ମାର୍କ୍ସଙ୍କଠାରୁ ୱାଲେରଷ୍ଟେଇନ୍ ଗ୍ରହଣ କରିଥିଲେ:

୧) ପାର୍ଥିବ ଭିତ୍ତିକ ମାନବ ଗୋଷ୍ଠୀଗୁଡ଼ିକ ମଧ୍ୟରେ ସାମାଜିକ ସଂଘର୍ଷ ରହିବା ହେଉଛି ମୌଳିକ ବାସ୍ତବତା;

୨) ଏକ ଉପଯୁକ୍ତ ସାମଗ୍ରିକତା ବିଷୟରେ ଚିନ୍ତା;

୩) ସେମାନଙ୍କ ସମ୍ବନ୍ଧରେ ସାମାଜିକ ରୂପ ଏବଂ ତତ୍ତ୍ୱ ସମୂହର କ୍ଷଣସ୍ଥାୟୀ ସ୍ୱଭାବ;

୪) ଏକତ୍ରୀକରଣ ପ୍ରକ୍ରିୟାର କୈନ୍ଦ୍ରିକତା ଏବଂ ଏଥିରୁ ସୃଷ୍ଟ ପ୍ରତିଯୋଗିତାମୂଳକ ଶ୍ରେଣୀ ସଂଘର୍ଷ; ଏବଂ

୫) ସଂଘର୍ଷ ଏବଂ ବିରୁଦ୍ଧାଚରଣ ଜରିଆରେ ଗତିଶୀଳତାର ଏକ ଦ୍ୱନ୍ଦ୍ୱାତ୍ମକ ଭାବନା

(ୱାଲେରଷ୍ଟେଇନ୍‌ଙ୍କ ଆକାଂକ୍ଷା ଖୋଦ୍ ମାର୍କ୍ସବାଦକୁ ସଂଶୋଧନ କରିବା ରହି ଆସିଛି)।

ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱ ଅନେକ ଭାବରେ ନିର୍ଭରଶୀଳତା ତତ୍ତ୍ୱ (ଚିରୋଟ୍ ଏବଂ ହଲ୍,୧୯୮୨)ର ଏକ ଉଦ୍ଧୃତି। ୱାଲେରଷ୍ଟେଇନ୍ ବିକାଶଶୀଳ ବିଶ୍ୱରେ ଲୋକପ୍ରିୟ ହୋଇଥିବା ବିକାଶ ପଦ୍ଧତିର ଏକ ନବ-ମାର୍କ୍ସବାଦୀ ବ୍ୟାଖ୍ୟା ନିର୍ଭରଶୀଳତା ତତ୍ତ୍ୱରୁ ପ୍ରଚୁର ପରିମାଣରେ ଚିନ୍ତାଧାରା ଆହରଣ କରିଛନ୍ତି।

ନିର୍ଭରଶୀଳତା ତତ୍ତ୍ୱ ମୌଳିକ ପାରିପାର୍ଶ୍ୱିକ ସମ୍ପର୍କ ଉପରେ ଦୃଷ୍ଟିପାତ କରି 'ପରିପାର୍ଶ୍ୱ'କୁ ବୁଝିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ ଏବଂ ଏହା ପାରିପାର୍ଶ୍ୱିକ ଅଞ୍ଚଳ ଯଥା ଲାଟିନ୍ ଆମେରିକାରେ ଖୁବ୍ ପ୍ରସିଦ୍ଧି ଲାଭ କରିଥିଲା। ଏକ ନିର୍ଭରଶୀଳତା ତତ୍ତ୍ୱ ଦୃଷ୍ଟିକୋଣରୁ ହିଁ ବିଶ୍ୱ ପୁଞ୍ଜିବାଦର ଅନେକ ସମସାମୟିକ ସମାଲୋଚକ ଆସିଥାନ୍ତି।

ୱାଲେରଷ୍ଟେଇନ୍‌ଙ୍କ କାର୍ଯ୍ୟରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଭାବଗୁଡ଼ିକ ଯାହା ଏବେ ବି ବିଶ୍ୱ-ବ୍ୟବସ୍ଥା ଗବେଷଣାରେ ଉପସ୍ଥିତ ରହୁଛି, ସେମାନେ ହେଉଛନ୍ତି କାର୍ଲ ପୋଲାନ୍ୟି ଏବଂ ଜୋଶେଫ୍ ସ୍କମ୍ପିଟର। ଦ୍ୱିତୀୟ ବ୍ୟକ୍ତିଙ୍କଠାରୁ ବ୍ୟବସାୟ ଚକ୍ରରେ ବିଶ୍ୱ ବ୍ୟବସ୍ଥାର ରୁଚି ଆସୁଥିବା ବେଳେ ପ୍ରଥମ ବ୍ୟକ୍ତିଙ୍କଠାରୁ ଅର୍ଥନୀତିକ ସଂଗଠନର ତିନିଗୋଟି ମୌଳିକ ଅବସ୍ଥାର ପ୍ରଣାଳୀ ଯଥା ଦିଆନିଆ (ରେସିପ୍ରୋକାଲ), ପୁନଃବଣ୍ଟନୀୟ (ରିଡିଷ୍ଟ୍ରିବ୍ୟୁଟିଭ୍) ଏବଂ ବଜାର ପ୍ରଣାଳୀ ସମୂହ (ମାର୍କେଟ୍ ମୋଡସ୍) ଆସିଥାଏ।

ଏସବୁ ୱାଲେରଷ୍ଟେଇନ୍‌ଙ୍କ କ୍ଷୁଦ୍ର-ବ୍ୟବସ୍ଥା, ବିଶ୍ୱ-ସାମ୍ରାଜ୍ୟ ସମୂହ ଏବଂ ବିଶ୍ୱ-ଅର୍ଥନୀତି ସମୂହର ଅବଧାରଣାଗୁଡ଼ିକ ସହିତ ସମାନ।

ୱାଲେରଷ୍ଟେଇନ୍‌ଙ୍କ ପାଇଁ, 'ଏକ ବିଶ୍ୱ-ବ୍ୟବସ୍ଥା ହେଉଛି ଏକ ସାମାଜିକ ବ୍ୟବସ୍ଥା, ଯାହାର ସୀମା, ସଂଗଠନ, ସଦସ୍ୟ ଗୋଷ୍ଠୀ, ବୈଧୀକରଣ କରିବାର ନିୟମ ଏବଂ ସୁସଙ୍ଗତି ରହିଥିବ। ଏହାର ଏକ ଜୈବିକ ସତ୍ତାର ବୈଶିଷ୍ଟ୍ୟ ଏହିପରି ଭାବରେ ରହିଥିବ ଯେ ଏହାର ଏକ ଜୀବନ କାଳ ରହିବ ଯେଉଁଥିରେ କେତେକ ଦିଗରୁ ଏହାର ବୈଶିଷ୍ଟ୍ୟଗୁଡ଼ିକ ପରିବର୍ତ୍ତନ ହେଉଥିବା ବେଳେ ଅନ୍ୟ କେତେକ ଦିଗରେ ସ୍ଥିର ରହିଥିବ...। ଏହା ଭିତରେ ଜୀବନ ଅଧିକତଃ ଆତ୍ମ-ସକ୍ଷମ ହୋଇଥାଏ ଏବଂ ଏହାର ବିକାଶର ଗତିଶୀଳତା ଅଧିକ ପରିମାଣରେ ଆଭ୍ୟନ୍ତରୀଣ ହୋଇଥାଏ' (ୱାଲେରଷ୍ଟେଇନ୍, ପୃ.୩୪୭)। ଏକ ବିଶ୍ୱ-ବ୍ୟବସ୍ଥା ହେଉଛି, ଯାହାକୁ ୱାଲେରଷ୍ଟେଇନ୍ ଏକ 'ବିଶ୍ୱ ଅର୍ଥନୀତି' କୁହନ୍ତି ଯାହା ରାଜନୀତିକ କେନ୍ଦ୍ର ଅପେକ୍ଷା ଏକ ବଜାର ଜରିଆରେ ଏକତ୍ରିତ ହୋଇଥାଏ। ଏଥିରେ ଖାଦ୍ୟ, ଜାଳେଣି ଏବଂ ସୁରକ୍ଷା ଭଳି ଆବଶ୍ୟକତା ବାବଦରେ ଦୁଇ କିମ୍ବା ତତୋଧିକ ଅଞ୍ଚଳ ପରସ୍ପର ଉପରେ ନିର୍ଭରଶୀଳ ହୋଇଥାନ୍ତି ଏବଂ ସବୁଦିନ ପାଇଁ ଗୋଟିଏ କେନ୍ଦ୍ର ଉଭା ହେବା ଅପେକ୍ଷା ଦୁଇ କିମ୍ବା ତତୋଧିକ ରାଜନୀତିକ ଶକ୍ତି ପରସ୍ପର ଉପରେ ପ୍ରାଧାନ୍ୟ ବିସ୍ତାର କରିବା ନିମନ୍ତେ ପ୍ରତିଯୋଗିତା କରିଥାନ୍ତି (ଗୋଲ୍ଡଫ୍ରାଙ୍କ,୨୦୦୦)।

ନିଜର ପ୍ରଥମ ସଂଜ୍ଞାରେ ୱାଲେରଷ୍ଟେଇନ୍ (୧୯୭୪) ବିଶ୍ୱ-ବ୍ୟବସ୍ଥାକୁ 'ଶ୍ରମର ଏକ ବହୁସାଂସ୍କୃତିକ ସୀମାନ୍ତ ବିଭାଜନ ଯେଉଁଥିରେ ଏହାର ବାସିନ୍ଦାମାନଙ୍କର ଦୈନନ୍ଦିନ ଜୀବନ ନିମନ୍ତେ ଆବଶ୍ୟକ ମୌଳିକ ଦ୍ରବ୍ୟ ଏବଂ କଞ୍ଚାମାଲଗୁଡ଼ିକର ଉତ୍ପାଦନ ଏବଂ ବିନିମୟ' ଭାବରେ ବର୍ଣ୍ଣନା କରିଥିଲେ। ଶ୍ରମର ଏହି

ବିଭାଜନ ସାମଗ୍ରିକ ଭାବରେ ବିଶ୍ୱ ଅର୍ଥନୀତିର ଉତ୍ପାଦନର ଶକ୍ତି ଏବଂ ସମ୍ପର୍କ ଭାବରେ ବୁଝାଇ ଥାଏ ଏବଂ ଏହା ଦୁଇଗୋଟି ସ୍ୱାଧୀନ ଅଞ୍ଚଳର ସ୍ଥିତି: କେନ୍ଦ୍ରସ୍ଥଳୀ ଏବଂ ପରିପାର୍ଶ୍ୱ- ଦିଗରେ ପଥ କଢ଼ାଇ ନେଇଥାଏ। ଏଗୁଡ଼ିକ ଭୌଗୋଳିକ ଏବଂ ସାଂସ୍କୃତିକ ଦୃଷ୍ଟିରୁ ଭିନ୍ନ ଭିନ୍ନ ହୋଇଥାନ୍ତି, ଗୋଟିଏ ଶ୍ରମ-ଭିତ୍ତିକ ହେବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ବେଳେ ଅନ୍ୟଟି ପୁଞ୍ଜି-ଭିତ୍ତିକ ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ (ଗୋଲ୍ଡଫ୍ରାଙ୍କ୍,୨୦୦୦)। କେନ୍ଦ୍ର-ପରିପାର୍ଶ୍ୱ ସମ୍ପର୍କ ସାଂଗଠନିକ ଅଟେ। ଅର୍ଦ୍ଧ-ପାରିପାର୍ଶ୍ୱିକ ରାଜ୍ୟଗୁଡ଼ିକ କେନ୍ଦ୍ର ଏବଂ ପରିପାର୍ଶ୍ୱ ମଧ୍ୟରେ ମଧ୍ୟବର୍ତ୍ତୀ ଅଞ୍ଚଳ ଭାବରେ କାର୍ଯ୍ୟ କରିଥାନ୍ତି ଏବଂ ସେଗୁଡ଼ିକରେ ରହିଥିବା କାର୍ଯ୍ୟକଳାପର ପ୍ରକାର ଏବଂ ଅନୁଷ୍ଠାନଗୁଡ଼ିକର ମିଶ୍ରଣକୁ ରଖିଥାନ୍ତି (ସ୍କୋକ୍‌ପୋଲ,୧୯୭୭)।

ସାମ୍ପ୍ରତିକ ବିଶ୍ୱ-ବ୍ୟବସ୍ଥାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସଂଗଠନଗୁଡ଼ିକର କେନ୍ଦ୍ର ଏବଂ ପରିପାର୍ଶ୍ୱ ମଧ୍ୟରେ ରହିଛି ଏକ କ୍ଷମତା ଅନୁକ୍ରମ, ଯେଉଁଥିରେ କ୍ଷମତାଶାଳୀ ଏବଂ ଧନୀ 'କେନ୍ଦ୍ର' ସମାଜଗୁଡ଼ିକ ଦୁର୍ବଳ ଏବଂ ଗରିବ ପାରିପାର୍ଶ୍ୱିକ ସମାଜଗୁଡ଼ିକ ଉପରେ ପ୍ରାଧାନ୍ୟ ବିସ୍ତାର କରନ୍ତି ଏବଂ ଶୋଷଣ କରନ୍ତି। କେନ୍ଦ୍ର ବା ପରିପାର୍ଶ୍ୱରେ ଏକ ଅଞ୍ଚଳକୁ ସ୍ଥାପିତ କରିବା ପାଇଁ ପ୍ରଯୁକ୍ତି ହେଉଛି ଏକ କେନ୍ଦ୍ରୀୟ ଉପାଦାନ। ଉନ୍ନତ ବା ବିକଶିତ ଦେଶଗୁଡ଼ିକ ହେଉଛନ୍ତି କେନ୍ଦ୍ର ଏବଂ ସ୍ୱଳ୍ପ ବିକଶିତଗୁଡ଼ିକ ରହିଥାନ୍ତି ପରିପାର୍ଶ୍ୱରେ। ପାରିପାର୍ଶ୍ୱିକ ଦେଶଗୁଡ଼ିକ ଏକ ପ୍ରକାରର ବିକାଶକୁ ଅନୁଭବ କରିବାରୁ ସାଙ୍ଗଠନିକ ଭାବରେ ବ୍ୟାଘାତପ୍ରାପ୍ତ ହୋଇଥାନ୍ତି ଯାହା ସେମାନଙ୍କର ଅଧୀନସ୍ଥ ସ୍ଥିତିକୁ ପୁନଃଉପସ୍ଥାପିତ କରିଥାଏ (ଚେଜ୍-ଡନ୍ ଏବଂ ଗ୍ରାଇମସ୍,(୧୯୯୫)। ବ୍ୟବସ୍ଥା ଭିତରେ ରହିଥିବା ବହୁବିଧ ରାଷ୍ଟ୍ରଗୁଡ଼ିକର ଭିନ୍ନ ଭିନ୍ନ ପ୍ରକାରର ଶକ୍ତି ବ୍ୟବସ୍ଥାକୁ ଏକ ସାମଗ୍ରିକ ବ୍ୟବସ୍ଥା ଭାବରେ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, କାରଣ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ସୁଦୃଢ଼ ହୋଇଥାନ୍ତି ଏବଂ ଉଦ୍‌ବୃତ୍ତ ବା ବଳକା ଜିନିଷଗୁଡ଼ିକର ଅନ୍ତରର ପ୍ରବାହକୁ କେନ୍ଦ୍ର ଅଞ୍ଚଳକୁ ପଠାଇବାର ପରିମାଣକୁ ବଢ଼ାଇ ଦେଇଥାନ୍ତି (ସ୍କକ୍‌ପୋଲ,୧୯୭୭)। ଏହାକୁ ହିଁ ୱାଲେରଷ୍ଟେଇନ୍ ଅସମାନ ବିନିମୟ ବୋଲି କହୁଥିଲେ, ପରିପାର୍ଶ୍ୱରେ ଥିବା ଅର୍ଦ୍ଧ-ଶ୍ରମଜୀବୀ ଉଦ୍ୟୋଗଗୁଡ଼ିକରୁ ବଳକା ଜିନିଷଗୁଡ଼ିକର ଅଧିକ-ଜ୍ଞାନକୌଶଳସମ୍ପନ୍ନ ଶିଳ୍ପଭିତ୍ତିକ କେନ୍ଦ୍ର ଅଞ୍ଚଳକୁ ବିଧିବଦ୍ଧ ହସ୍ତାନ୍ତରଣ ହେଉଥିଲା (ଗୋଲ୍ଡଫ୍ରାଙ୍କ୍,୨୦୦୦)। ଏହା ବିଶ୍ୱ ସ୍ତରରେ ପୁଞ୍ଜି ଜମାଟ ବାନ୍ଧିବାର ଏକ ପ୍ରକ୍ରିୟା ଆଡ଼କୁ ବାଟ କଢ଼ାଇ ନେଇଥାଏ ଏବଂ ସ୍ୱାଭାବିକ ଭାବରେ ପାରିପାର୍ଶ୍ୱିକ ବଳକାର ଅପହରଣ ଏବଂ ରୂପାନ୍ତରଣକୁ ଅନ୍ତର୍ଭୁକ୍ତ କରିଥାଏ।

## ୩.୬: ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ରାଜନୀତିକ ଦିଗ

ୱାଲେରଷ୍ଟେଇନଙ୍କ ପାଇଁ ରାଷ୍ଟ୍ରବାଦୀ-ରାଷ୍ଟ୍ରଗୁଡ଼ିକ ପରିବର୍ତ୍ତନଶୀଳ ଅର୍ଥାତ୍ ବ୍ୟବସ୍ଥା ଭିତରେ ମୌଳିକ ଉପାଦାନ। କେନ୍ଦ୍ରୀୟ ଦେଶଗୁଡ଼ିକଙ୍କ କ୍ଷେତ୍ରରେ ରାଷ୍ଟ୍ରମାନଙ୍କୁ ଶ୍ରେଣୀ ଶକ୍ତିମାନଙ୍କ ଦ୍ୱାରା ସେମାନଙ୍କର ସ୍ୱାର୍ଥଗୁଡ଼ିକୁ ହାସଲ କରିବା ପାଇଁ ବ୍ୟବହାର କରାଯାଏ।

**ସାମ୍ରାଜ୍ୟବାଦ** କହିଲେ ଶକ୍ତିଶାଳୀ କେନ୍ଦ୍ରୀୟ ରାଷ୍ଟ୍ରମାନଙ୍କ ଦ୍ୱାରା ପାରିପାର୍ଶ୍ୱିକ ଦୁର୍ବଳ ରାଷ୍ଟ୍ରମାନଙ୍କ ଉପରେ ପ୍ରାଧାନ୍ୟ ବିସ୍ତାରକୁ ବୁଝାଇ ଥାଏ।

**ନାୟକତ୍ୱ** କହିଲେ ଅସ୍ଥାୟୀ ଭାବରେ ଅବଶିଷ୍ଟ ରାଷ୍ଟ୍ରଙ୍କୁ ପଛରେ ପକାଇ ଗୋଟିଏ କେନ୍ଦ୍ରୀୟ ରାଷ୍ଟ୍ର ବିଦ୍ୟମାନ ରହିବା। ନାୟକବାଦୀ ଶକ୍ତିଗୁଡ଼ିକ କ୍ଷମତାର ଏକ ସ୍ଥିର ଭାରସାମ୍ୟ ରକ୍ଷା କରନ୍ତି ଏବଂ ଯେ ପର୍ଯ୍ୟନ୍ତ ଏହା ସେମାନଙ୍କୁ ସୁହାଉ ଥାଏ, ସେ ପର୍ଯ୍ୟନ୍ତ ଅବାଧ ବାଣିଜ୍ୟ କାରବାର କାର୍ଯ୍ୟକାରୀ କରିଥାନ୍ତି।

ତେବେ, ଶ୍ରେଣୀ ସଂଘର୍ଷ ଏବଂ ପ୍ରଯୁକ୍ତିଗତ ସୁବିଧାର ପ୍ରସାର ଯୋଗୁଁ ନାୟକତ୍ୱ ଅସ୍ଥାୟୀ ହୋଇଥାଏ। ଶେଷରେ, ଏକ ବିଶ୍ୱସ୍ତରୀୟ ଶ୍ରେଣୀ ସଂଘର୍ଷ ହୋଇଥାଏ।

ସାମ୍ପ୍ରତିକ ବିଶ୍ୱ-ଅର୍ଥନୀତି ନିୟମିତ ଚକ୍ରାକାର ଛନ୍ଦଗୁଡ଼ିକ ଦ୍ୱାରା ପରିଚିହ୍ନିତ ହୋଇଥାଏ, ଯାହା ୱାଲେରଷ୍ଟେଇନ୍‌ଙ୍କର ଆଧୁନିକ ଇତିହାସକୁ ପର୍ଯ୍ୟାୟକରଣ କରିବାରେ ମୂଳ ଭିତ୍ତି ପ୍ରଦାନ କରେ (ଗୋଲ୍ଡଫ୍ରାଙ୍କ,୨୦୦୦)। ଆମର ସାମ୍ପ୍ରତିକ ପର୍ଯ୍ୟାୟ ପରେ ୱାଲେରଷ୍ଟେଇନ୍ ଏକ ସମାଜବାଦୀ ବିଶ୍ୱ-ସରକାର ସୃଷ୍ଟି ହେବା ଦେଖି ପାରନ୍ତି, ଯାହା ହେଉଛି ଏକମାତ୍ର ବିକଳ୍ପ ବିଶ୍ୱ-ବ୍ୟବସ୍ଥା ଯାହା ଅତ୍ୟଧିକ ପରିମାଣର ଉତ୍ପାଦକତା ରକ୍ଷା କରି ପାରିବ ଏବଂ ରାଜନୀତିକ ତଥା ଅର୍ଥନୀତିକ ନିଷ୍ପତ୍ତି-ଗ୍ରହଣକାରୀ ପ୍ରକ୍ରିୟାକୁ ଏକତ୍ରିତ କରି ବଣ୍ଟନ ବ୍ୟବସ୍ଥାକୁ ପରିବର୍ତ୍ତନ କରିପାରିବ। ଅନ୍ୟ ଭାବରେ କହିଲେ, ୱାଲେରଷ୍ଟେଇନ୍ ବିଶ୍ୱକୁ ଏକ ଏକକ, ପୁଞ୍ଜିବାଦୀ ଅର୍ଥନୀତିକ ବ୍ୟବସ୍ଥା ଭାବରେ ଦେଖୁଥିଲେ। ଏହି ତତ୍ତ୍ୱ ବିଶ୍ୱ ବ୍ୟବସ୍ଥାକୁ ତିନିଗୋଟି ସମାହାରର ରାଷ୍ଟ୍ର ଭାବରେ ସଂଜ୍ଞାଭୁକ୍ତ କରି ଆଗକୁ ଗତି କରିଥିଲା: କ) କେନ୍ଦ୍ରୀୟ ରାଷ୍ଟ୍ରମାନଙ୍କର ଏକ ସମାହାର ଯଥା ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପୀୟ ରାଷ୍ଟ୍ରସଂଘ ଏବଂ ଜାପାନ, ଖ) ପାରିପାର୍ଶ୍ୱିକ ରାଷ୍ଟ୍ର ସମୂହ ଯଥା ଆଫ୍ରିକା, ଲାଟିନ୍ ଆମେରିକା ଏବଂ ଏସିଆ। ଏଗୁଡ଼ିକ ଦୁର୍ବଳ ରାଷ୍ଟ୍ର ଏବଂ କେତେକ ପରିମାଣରେ କେନ୍ଦ୍ରୀୟ ରାଷ୍ଟ୍ରମାନଙ୍କ ଉପରେ ଅର୍ଥନୀତି ଦୃଷ୍ଟିରୁ ନିର୍ଭରଶୀଳ ଏବଂ ଗ) ଅର୍ଦ୍ଧ-ପରିପାର୍ଶ୍ୱ ଯଥା ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସମୂହ ଏବଂ ଦକ୍ଷିଣପୂର୍ବ ଏସିଆର କେତେକ ରାଷ୍ଟ୍ର। ୱାଲେରଷ୍ଟେଇନ୍‌ଙ୍କ ମତରେ କେନ୍ଦ୍ରୀୟ ରାଷ୍ଟ୍ରଗୁଡ଼ିକ ଉଚ୍ଚତର ସୋପାନର ଦକ୍ଷତା ଏବଂ ଅଧିକ ପରିମାଣର ପୁଞ୍ଜି ସଂରକ୍ଷଣ ତଥା ନିୟନ୍ତ୍ରଣ ଜରିଆରେ ସେମାନଙ୍କର ଶ୍ରେଷ୍ଠତା ରକ୍ଷା କରିବାରେ ସକ୍ଷମ ହୋଇଛନ୍ତି। ବିଶ୍ୱ ବ୍ୟବସ୍ଥାକୁ ରକ୍ଷା କରିବାରେ ଏକ ରାଷ୍ଟ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ରାଷ୍ଟ୍ରର ସଂରଚନାର ସଂଜ୍ଞା ନିର୍ଦ୍ଧାରଣ ଦୃଷ୍ଟିରୁ ଏହି ବ୍ୟବସ୍ଥା ନିର୍ଭରଶୀଳତାର ଦୃଷ୍ଟାନ୍ତଠାରୁ ଭିନ୍ନ। ରାଷ୍ଟ୍ର ଏହାର ମୂଲ୍ୟଗୁଡ଼ିକୁ ଶୋଷଣ କରି ତଥା ଏହା ଯେଉଁସବୁ ସାମାଜିକ ସମସ୍ୟା ସୃଷ୍ଟି କରେ, ସେସବୁକୁ ପରିଚାଳନା କରି ପୁଞ୍ଜିବାଦକୁ ସ୍ଥିରତା ପ୍ରଦାନ କରିବାରେ ସାହାଯ୍ୟ କରେ (ୱାଟରସ୍,୧୯୯୫)।

## ୩.୭: ପ୍ରୟୋଗ ଏବଂ ସମ୍ଭାବନା

ବିଶ୍ୱ-ବ୍ୟବସ୍ଥା ଉପରେ ସାମ୍ପ୍ରତିକ ଗବେଷଣାର କେନ୍ଦ୍ର ହେଉଛି 'ଫର୍ଣ୍ଣାଣ୍ଡ୍ ସେଣ୍ଟର ଫର୍ ଦ ଷ୍ଟଡି ଅଫ୍ ଇକୋନୋମିଜ୍, ହିଷ୍ଟୋରିକାଲ ସିଷ୍ଟମସ୍ ଆଣ୍ଡ୍ ସିଭିଲାଇଜେସନସ୍'ସ୍ଥିତ **ସନି** ବିଙ୍ଗହାମ୍‌ଟନ୍।

ଯଦିଓ କେତେକ ଗବେଷକ ସାରା ଦେଶରେ ଏହି ଆଭିମୁଖ୍ୟକୁ ଅନୁଧାବନ କରୁଛନ୍ତି, ତୃତୀୟ-ବିଶ୍ୱର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଏହାର ସର୍ବାଧିକ ପ୍ରଭାବ ରହିଛି, ଯେଉଁଠି ୱାଲେରଷ୍ଟେଇନ୍‌ଙ୍କୁ ପ୍ରଥମ-

ଧାଡ଼ିର ବୁଦ୍ଧିଜୀବୀ ସହିତ ବିଶ୍ୱ-ଗତିଶୀଳତାକୁ ବୁଝିବା ନିମନ୍ତେ ପ୍ରମୁଖ ଅବଦାନକାରୀ ଭାବରେ ବିବେଚନା କରାଯାଏ।

ଅଧିକାଂଶ ପ୍ରକାଶନ ବିଶ୍ୱ ବ୍ୟବସ୍ଥା ଗବେଷଣାର ମୁଖପତ୍ରରେ ତଥା ଫର୍ଣ୍ଣାଣ୍ଡ୍ ବ୍ରଡେଲ ସେଣ୍ଟର ଦ୍ୱାରା ପ୍ରକାଶିତ ସମୀକ୍ଷା (ରିଭ୍ୟୁ)ରେ ସ୍ଥାନିତ ହୋଇଥାଏ। ଆମେରିକୀୟ ସମାଜତାତ୍ତ୍ୱିକ ସଂଗଠନରେ ବିଶ୍ୱ ବ୍ୟବସ୍ଥାର ରାଜନୀତିକ ଅର୍ଥନୀତି ଉପରେ ଏକ ଅଧ୍ୟାୟ ରହିଛି। ଏଥି ସହିତ ୱାଲେରଷ୍ଟେଇନ୍ ଆନ୍ତର୍ଜାତିକ ସମାଜତାତ୍ତ୍ୱିକ ସଂଗଠନ (ଇଣ୍ଟରନ୍ୟାସନାଲ ସୋସିଓଲୋଜିକାଲ ଆସୋସିଏସନ୍)ର ୧୯୯୪ରୁ ୧୯୯୮ ପର୍ଯ୍ୟନ୍ତ ଅଧ୍ୟକ୍ଷ (ପ୍ରେସିଡେଣ୍ଟ) ଥିଲେ। ଯଦିଓ ତାଙ୍କର ଧ୍ୟାନ ସମାଜ ବିଜ୍ଞାନର ଦର୍ଶନ ଆଡ଼କୁ ଚାଲି ଯାଇଥିଲା, ତଥାପି ବିଶ୍ୱ-ବ୍ୟବସ୍ଥା ଗବେଷଣାରେ ୱାଲେରଷ୍ଟେଇନ୍ ଏକ ପ୍ରମୁଖ ବ୍ୟକ୍ତିତ୍ୱ ହୋଇ ରହିଛନ୍ତି।

ନିଜ ପାଇଁ ଐତିହାସିକ ସମାଜ ବିଜ୍ଞାନକୁ ବୈଧୀକରଣ କରିବା ପରେ ବିଶ୍ୱ-ବ୍ୟବସ୍ଥା ଗବେଷଣା ଅସଂଖ୍ୟ ଗବେଷଣା କାର୍ଯ୍ୟକ୍ରମକୁ ଅନୁପ୍ରେରିତ କରିଛି। ଏହା ଭିତରେ ସମ୍ଭବତଃ ବର୍ତ୍ତମାନ ସୁଦ୍ଧା ବୋଧହୁଏ ଏକମାତ୍ର ସର୍ବାଧିକ କୁଖ୍ୟାତ ହେଉଛି ଦୀର୍ଘକାଳୀନ ବ୍ୟବସାୟିକ ଚକ୍ରର ଅଧ୍ୟୟନ। ଏଥି ସହିତ ଏହା ହେଉଛି ଏକ ଆଭିମୁଖ୍ୟ ଯାହା ଉନ୍ନତ ଅର୍ଥନୀତି ଏବଂ ତୃତୀୟ ବିଶ୍ୱ ମଧ୍ୟରେ ରହିଥିବା ସମ୍ପର୍କକୁ ବୁଝିବା ନିମନ୍ତେ ବିକାଶ ଗତିଶୀଳତା ସମ୍ପର୍କରେ ଆଲୋଚନା କରିବାକୁ ବ୍ୟାପକ ଭାବରେ ବ୍ୟବହାର କରାଯାଉଥିବା ଏକ ଆଭିମୁଖ୍ୟ। ଏକ ଅର୍ନ୍ତବିଷୟ ତତ୍ତ୍ୱ ଭାବରେ ଏହା ମଧ୍ୟ ସମାଜ ବିଜ୍ଞାନର ଅନେକଗୁଡ଼ିଏ ବିଭାଗ: ଇତିହାସ, ନୃତତ୍ତ୍ୱ, ସାଂସ୍କୃତିକ ଅଧ୍ୟୟନ, ଅର୍ଥନୀତିକ ଇତିହାସ ଏବଂ ବିକାଶ ଅଧ୍ୟୟନର ବିଦ୍ୱାନମାନଙ୍କ ଧ୍ୟାନ ଆକର୍ଷଣ କରିଛି।

## ୩.୮ : ସୀମିତତା

ବିଶ୍ୱ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ପାଇଁ ପାରିପାର୍ଶ୍ୱିକ ରାଷ୍ଟ୍ରମାନଙ୍କରେ ରାଜନୀତିକ ଏବଂ ଅର୍ଥନୀତିକ ଅଭିଜାତ ବର୍ଗ ତଥା ସାମରିକ ଶାସକମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି (ମେଲ୍‌କୋଟ୍, ୨୦୧୫)। ବିଶ୍ୱ ବ୍ୟବସ୍ଥା ତତ୍ତ୍ୱ ଏହାର ବିଶ୍ୱ ଦୃଷ୍ଟିକୋଣ ଯୋଗୁଁ ଖ୍ୟାତ। ତେବେ ନିର୍ଭରଶୀଳତା ତତ୍ତ୍ୱ ଭଳି ଏହା ବିକାଶର ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହେବା ନିମନ୍ତେ କୌଣସି କୌଶଳ ପ୍ରଦାନ କରେନାହିଁ। ଅର୍ଥନୀତି ଉପରେ ଅନାବଶ୍ୟକ ଧ୍ୟାନ କେନ୍ଦ୍ରିତ କରିବା କେନ୍ଦ୍ରୀୟ, ଅର୍ଦ୍ଧ-ପାରିପାର୍ଶ୍ୱିକ ଏବଂ ପାରିପାର୍ଶ୍ୱିକ ଅବଧାରଣାଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ବର୍ଣ୍ଣନା କରିବାରେ ବିଫଳ ହୋଇଥାଏ।

## ୩.୯ : ମୌଳିକ ଆବଶ୍ୟକତା ଆଭିମୁଖ୍ୟର ପରିଚୟ

ମୌଳିକ ଆବଶ୍ୟକତା ଆଭିମୁଖ୍ୟ ଆଧୁନିକୀକରଣ ତତ୍ତ୍ୱ, ନିର୍ଭରଶୀଳତା ତତ୍ତ୍ୱ ଏବଂ ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ବିପରୀତ। ଏହା ପାଣ୍ଡିତ୍ୟପୂର୍ଣ୍ଣ ଅର୍ଥନୀତିରୁ ଏହାର ଧ୍ୟାନକୁ ହଟାଇ ନେଇଥାଏ। ୧୯୭୦ ଦଶକରେ ବ୍ୟକ୍ତିବିଶେଷଙ୍କ ଜୀବନର ଏକ ଉତ୍ତମ ମାନ ବଜାୟ ରଖିବା ପାଇଁ ମୌଳିକ ଆବଶ୍ୟକତା ଜନିତ ସମସ୍ୟାର ସମାଧାନ କରିବା ନିମନ୍ତେ ଏହି ଅବଧାରଣା ସୃଷ୍ଟି ହୋଇଥିଲା। ଏହା ଜିଡିପି (ମୋଟ ଘରୋଇ ଉତ୍ପାଦ) ବା ମୁଣ୍ଡପିଛା ଆୟ ଜରିଆରେ ବିକାଶକୁ ମାପିବା ପରିବର୍ତ୍ତେ ଦାରିଦ୍ର୍ୟର କେତେକ ଅତି କଦର୍ଯ୍ୟ ଦିଗକୁ ନିର୍ମୂଳ କରିବାର ଲକ୍ଷ୍ୟ ବହନ କରିଥିଲା।

'ଧାରଣା ଥିଲା କେବଳ ଆର୍ଥିକ ପୁଞ୍ଜିନିବେଶରୁ ଆଗକୁ ଯାଇ ମୌଳିକ ବିଶେଷତ୍ୱ ଭାବରେ ସମ୍ପଦ ଏବଂ ଆୟ, ସାମାଜିକ ନ୍ୟାୟ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଏବଂ ଏହିଭଳି ଅନେକ କ୍ଷେତ୍ରରେ ସମାନ ବଣ୍ଟନ ରୂପରେ ମାନବ ସମ୍ବଳରେ ବିନିବେଶ କରିବା' (ବ୍ରେଇଡୋଟି ଏବଂ ଅନ୍ୟମାନେ,୧୯୯୪:୧୭)(ମେଲ୍‌କୋଟ୍,୨୦୧୫)। ଏହି ଆଭିମୁଖ୍ୟ ଲୋକମାନଙ୍କର ମୌଳିକ ଆବଶ୍ୟକତାଗୁଡ଼ିକ ସହିତ ମାନବୀୟ ଅଧିକାରଗୁଡ଼ିକ ପ୍ରତି ସମ୍ମାନବୋଧ ଉପରେ ଗୁରୁତ୍ୱାରୋପ କରୁଥିଲା। ପଲ୍ ଷ୍ଟ୍ରିଟିନ୍ ମୌଳିକ ଆବଶ୍ୟକତା ଆଭିମୁଖ୍ୟର ପ୍ରମୁଖ ଲକ୍ଷ୍ୟଗୁଡ଼ିକର ନିମ୍ନମତେ ସାରାଂଶ ବାହାର କରନ୍ତି:

୧) ପର୍ଯ୍ୟାପ୍ତ ଖାଦ୍ୟ ଏବଂ ପରିଷ୍କାର ପାନୀୟ ଜଳ ଯୋଗାଇବା;

୨) ଉତ୍ତମ ବାସଗୃହ ଯୋଗାଇ ଦେବା;

୩) ଶିକ୍ଷା ପ୍ରଦାନ କରିବା;

୪) ଜୀବିକାର୍ଜନର ସୁରକ୍ଷା ପ୍ରଦାନ କରିବା;

୫) ପର୍ଯ୍ୟାପ୍ତ ପରିବହନ ସୁବିଧା ଯୋଗାଇ ଦେବା;

୬) ନିଷ୍ପତ୍ତି ଗ୍ରହଣରେ ଲୋକମାନଙ୍କୁ ଅଂଶଗ୍ରହଣ କରିବାରେ ସହାୟତା ପ୍ରଦାନ କରିବା; ଏବଂ

୭) ବ୍ୟକ୍ତିଙ୍କର ମର୍ଯ୍ୟାଦା ଏବଂ ଆତ୍ମସମ୍ମାନର ରକ୍ଷା କରିବା।

## ୩.୧୦: ମୌଳିକ ଆବଶ୍ୟକତା ଆଭିମୁଖ୍ୟର ବିବର୍ତ୍ତନ

ସମ୍ବଳର ଉପଲବ୍ଧତା ଏବଂ ପାରିବେଶିକ ପ୍ରତିବନ୍ଧକଗୁଡ଼ିକୁ ଆକଳନ କରି ଲୋକମାନଙ୍କର ମୌଳିକ ଆବଶ୍ୟକତାଗୁଡ଼ିକ ଉପରେ ଆର୍ଜେଣ୍ଟିନାର ବାରିଲୋଚ୍ ପ୍ରତିଷ୍ଠାନ (୧୯୭୨)ରେ ପ୍ରଥମ ଥର ପାଇଁ ଏକ ବିଶ୍ୱସ୍ତରୀୟ ନମୁନା ବିକଶିତ କରିଥିଲେ। ଏହି ଆଭିମୁଖ୍ୟକୁ ପରବର୍ତ୍ତୀ ସମୟରେ ଅନେକ ସଂଖ୍ୟକ ବିକାଶ ତତ୍ତ୍ୱବିତ୍ ସ୍ୱୀକାର କରିଥିଲେ। ଉଦ୍ୟମ ଥିଲା ଗରିବମାନଙ୍କର ଉନ୍ନତି ଏବଂ ସେମାନଙ୍କର ସର୍ବନିମ୍ନ (ମୌଳିକ) ଆବଶ୍ୟକତାକୁ ପୂରଣ କରିବା। କର୍ମନିଯୁକ୍ତି ଏବଂ ଆୟ ଜରିଆରେ ଖାଦ୍ୟ, ପୋଷଣ ତତ୍ତ୍ୱ, ଶିକ୍ଷା ଏବଂ ବାସଗୃହ ଆକାରରେ ଯୋଗାଇ 'ସର୍ବନିମ୍ନ ଆୟକାରୀ ଗୋଷ୍ଠୀ'ଙ୍କର ମୌଳିକ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଏହା ଥିଲା ଏକ ଉଦ୍ୟମ। ସର୍ବନିମ୍ନ ୪୦ ପ୍ରତିଶତ ଆୟକାରୀ ବର୍ଗଙ୍କର କର୍ମନିଯୁକ୍ତି ଏବଂ ଆୟ ଜରିଆରେ ଖାଦ୍ୟ, ପୋଷଣ ତତ୍ତ୍ୱ, ସ୍ୱାସ୍ଥ୍ୟ, ଶିକ୍ଷା, ବାସଗୃହ ଭଳି ମୌଳିକ ଆବଶ୍ୟକତାଗୁଡ଼ିକୁ ପୂରଣ କରି ବିଶ୍ୱ ଦାରିଦ୍ର୍ୟ ସହିତ ସିଧାସଳଖ ମୁକାବିଲା କରିବା ପାଇଁ ଏହା ଥିଲା ଏକ ଉଦ୍ୟମ (ନରୁଲା ଉମା,୧୯୯୪)। ୧୯୭୬ରେ ଆନ୍ତର୍ଜାତିକ ଶ୍ରମ କାର୍ଯ୍ୟାଳୟ (ଆଇଏଲ୍‌ଓ) ଏହି ପ୍ରତିବଦ୍ଧତାକୁ ରୂପରେଖ ପ୍ରଦାନ କରିଥିଲା ଏବଂ ମୌଳିକ ସର୍ବନିମ୍ନ ଆବଶ୍ୟକତା ଢାଂଚା/ନମୁନାକୁ ଗ୍ରହଣ କରିଥିଲା। ଅନେକ ପ୍ରକାରର ଉପାଦାନ ଏହି ନମୁନାକୁ ସଫଳତା ପ୍ରଦାନ କରିବା ପାଇଁ ବାଟ କଢ଼ାଇ ନେଇଥିଲା, ବିଶେଷକରି, ସେମାନଙ୍କର ପରିବେଶ ସମ୍ପର୍କରେ ବ୍ୟକ୍ତିବିଶେଷଙ୍କର ସଚେତନତା, ସମ୍ବଳର ଉପଲବ୍ଧତା, ଆବଶ୍ୟକତାଗୁଡ଼ିକୁ ମେଣ୍ଟାଇବା ପାଇଁ ମାଧ୍ୟମ, ହାସଲ ହୋଇଥିବା ବିକାଶର ସ୍ତର ସମ୍ପର୍କରେ ଅନୁଭୂତି ଏବଂ ଯୋଜନାକାରୀ ଏବଂ ନିଷ୍ପତ୍ତି ଗ୍ରହଣକାରୀଙ୍କର ଅନୁଭୂତି ସମୂହ (ନରୁଲା,୧୯୯୪)।

ଆଇଏଲ୍‌ଓ ବିକାଶ ପାଇଁ ଅତ୍ୟାବଶ୍ୟକ କେତେକ ବର୍ଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲା, ଯଥା:

୧) ନିୟାମକ ଆବଶ୍ୟକତା- ସ୍ୱାସ୍ଥ୍ୟ ଏବଂ ପୋଷକ ତତ୍ତ୍ୱର ସର୍ବନିମ୍ନ ସ୍ତର, ଏହା ବ୍ୟତୀତ ବିକାଶ ସଫଳ ହୋଇ ପାରିବ ନାହିଁ;

୨) ଅନୁଭୂତ ଆବଶ୍ୟକତା- ବ୍ୟକ୍ତିବିଶେଷଙ୍କର ସେମାନଙ୍କ ଆବଶ୍ୟକତାର ଅନୁଭୂତି

୩) ପ୍ରକାଶିତ/ଚାହିଦାଗତ ଆବଶ୍ୟକତା- ଲୋକମାନଙ୍କର ଚାହିଦା ସେମାନଙ୍କର ଅନୁଭୂତ ଆବଶ୍ୟକତା ଉପରେ ପର୍ଯ୍ୟବସିତ; ଏବଂ

୪) ତୁଳନାତ୍ମକ ଆବଶ୍ୟକତା- ଅନ୍ୟ ଗୋଷ୍ଠୀମାନଙ୍କର ବୈଶିଷ୍ଟ୍ୟ ସହିତ ସାମଞ୍ଜସ୍ୟ ରଖୁଥିବା ଏକ ଗୋଷ୍ଠୀର ଦାବିଗତ ଆବଶ୍ୟକତା।

ବିକାଶଶୀଳ ଦେଶଗୁଡ଼ିକରେ ସମାଜର ବଞ୍ଚିତ ବର୍ଗ ସେମାନଙ୍କ ନିକଟରେ ଉପଲବ୍ଧ ସର୍ବନିମ୍ନ ସମ୍ବଳରେ ବଞ୍ଚି ରହୁଥିବା ବିଶ୍ୱାସ କରାଯାଉଥିଲା। ଗରିବ ଲୋକମାନେ ସେମାନଙ୍କର ଆୟରେ ସେମାନଙ୍କର ମୌଳିକ ଆବଶ୍ୟକତାକୁ ପୂରଣ କରୁଥିଲେ ବୋଲି ପ୍ରଥମରୁ ଗ୍ରହଣ କରି ନିଆଯାଇଥିବା ଧାରଣାକୁ ଏହା ସିଦ୍ଧାନ୍ତରେ ଉପନୀତ ହେବାରେ ସହାୟକ ହୋଇଥିଲା। କେବଳ ବଞ୍ଚି ରହିବା ଉପରେ ଯେଉଁଠି ସବୁଯାକ ଧ୍ୟାନ କେନ୍ଦ୍ରିତ, ସେଠାରେ ବିକାଶ ପ୍ରକ୍ରିୟାରେ ଏକ ନିଷ୍ପତ୍ତି ଗ୍ରହଣକାରୀ ଅଂଶ ଭାବରେ ଅଂଶଗ୍ରହଣ କରିବା ସମ୍ଭବପର ନଥିଲା। ବିକାଶର ଏହି ଢାଞ୍ଚାରେ ଯୋଜନା ଦୃଷ୍ଟିରୁ ବ୍ୟକ୍ତିବିଶେଷଙ୍କର ଅଂଶଗ୍ରହଣ ଏକ ପ୍ରାଥମିକ ଆବଶ୍ୟକତା। ଗ୍ରାମଗୁଡ଼ିକର ସ୍ୱାୟତ୍ତତା ଦିଗରେ ବିକେନ୍ଦ୍ରୀକରଣ ପ୍ରମୁଖ ଆବଶ୍ୟକତା ଏବଂ ବିକାଶ ପ୍ରକ୍ରିୟାର ଉପଯୁକ୍ତ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନରେ ସକ୍ରିୟ ଗ୍ରାମୀଣ ଭାଗିଦାରୀ ସହାୟକ ହୋଇଥାଏ।



ତଳୁ-ଉପର ଆଭିମୁଖ୍ୟ (ଚିତ୍ର ୧)



ଉପରୁ-ତଳ ଆଭିମୁଖ୍ୟ (ଚିତ୍ର ୨)

ତେଣୁ, ଏହି ନମୁନା ଦ୍ୱିପାକ୍ଷିକ ଯୋଗାଯୋଗ, ଉଭୟ ଉପରୁ-ତଳ ଏବଂ ତଳୁ-ଉପର ଆଭିମୁଖ୍ୟ ସମ୍ପର୍କରେ ପରାମର୍ଶ ପ୍ରଦାନ କରିଥାଏ। ଉପରୁ-ତଳ ଯୋଗାଯୋଗ ହେଉଛି ସରକାରଙ୍କଠାରୁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ ଲୋକମାନଙ୍କୁ ସଚେତନତା ଏବଂ ସୁବିଧାସୁଯୋଗ ପ୍ରଦାନ କରିବା। ଏବଂ ତଳୁ-ଉପର ଆଭିମୁଖ୍ୟ ହେଉଛି ଆବଶ୍ୟକତା-ଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସରକାରଙ୍କୁ ଯୋଗାଯୋଗ କରାଯିବା।

ସୂଚନା ନେଟ୍‌ୱର୍କ୍‌ଗୁଡ଼ିକର କେନ୍ଦ୍ରୀକରଣ ଏବଂ ସେଗୁଡ଼ିକର ନିୟନ୍ତ୍ରଣର ଗଣତାନ୍ତ୍ରିକୀକରଣ ଏହି ନମୁନାର ସଫଳତା ନିମନ୍ତେ ଏକ ଅତ୍ୟାବଶ୍ୟକ ପ୍ରାଥମିକ ସର୍ତ୍ତ। ଠିକ୍ ସମୟରେ ଦାରିଦ୍ର୍ୟ ଦୂରୀକରଣ ଘଟୁଥିଲେ ସୁଦ୍ଧା ଏହି ଆଭିମୁଖ୍ୟ ଅତ୍ୟାବଶ୍ୟକ। ଏହା କେବଳ ସୂଚନାକୁ ଉପଯୋଗ କରିବାର କଥା ନୁହେଁ, ବରଂ ସେଗୁଡ଼ିକର ଆବଣ୍ଟନ ଏବଂ ନିୟନ୍ତ୍ରଣ କରିବା ବିଷୟରେ ହୋଇଥାଏ। ତେଣୁ, ଯୋଗାଯୋଗର ସମଗ୍ର ନିୟନ୍ତ୍ରଣ ଆଞ୍ଚଳିକ ଏବଂ ସ୍ଥାନୀୟ ସ୍ତରରେ ପରିଚାଳନା କରାଯିବା ଉଚିତ। ସବୁ ପ୍ରକାରର ଆବଶ୍ୟକତା (ନିୟାମକ, ଅନୁଭୂତ, ଅଭିବ୍ୟକ୍ତ ଏବଂ ତୁଳନାତ୍ମକ)କୁ ହାସଲ କରିବା ପାଇଁ ଯୋଗାଯୋଗର ଉଭୟ ଗଣମାଧ୍ୟମ ଏବଂ ଅର୍ନ୍ତବ୍ୟକ୍ତିଗତ ପ୍ରଣାଳୀଗୁଡ଼ିକ ଆବଶ୍ୟକ। ଗଣମାଧ୍ୟମର ପହଞ୍ଚ କମ୍ ହେବ କାରଣ ସ୍ୱଳ୍ପ କ୍ରୟ କ୍ଷମତା ଯାହା ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗର ସ୍ୱଳ୍ପ ଆୟ ସହିତ ସଂଶ୍ଲିଷ୍ଟ। ଯଦିଓ ସରକାର ଗୋଷ୍ଠୀ ଟେଲିଭିଜନ୍, ରେଡିଓ ସେବା ଏବଂ ସମ୍ବାଦପତ୍ର ପ୍ରଦାନ କରିଥାନ୍ତି, ତେବେ କେବଳ ଏସବୁ ସୁବିଧାର ଉପଲବ୍ଧତା ସେମାନଙ୍କୁ ସାହାଯ୍ୟ କରିପାରି ନଥାଏ। ସେମାନେ ଉପଯୁକ୍ତ ନିର୍ଦ୍ଦେଶାତ୍ମକ ସହାୟତା ଆବଶ୍ୟକ କରିଥାନ୍ତି (ନରୁଲା,୧୯୯୪)।

## ୩.୧୧: ମୌଳିକ ଆବଶ୍ୟକତା ଆଭିମୁଖ୍ୟର ସୀମିତତା

ଯଦିଓ ଏହା ତୃତୀୟ ବିଶ୍ୱ ଦେଶରେ ଉଦ୍ଭବ ହୋଇଥିଲା, ତେବେ ତୃତୀୟ-ବିଶ୍ୱର ଅଧିକାଂଶ ଦେଶ ମୌଳିକ ଆବଶ୍ୟକତା ନମୁନାର ଅବଧାରଣାକୁ ଗ୍ରହଣ କରିବାକୁ ମନା କରି ଦେଇଥିଲେ। ଯେଉଁଭଳି ଶୈଳୀରେ ଏହି ଅବଧାରଣା ଗ୍ରହଣ କରାଯାଇଥିଲା ଏବଂ ବିକଶିତ ଦେଶମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥିଲା, ସେଥି ଯୋଗୁଁ ଏଭଳି ମନୋଭାବ ପ୍ରକାଶିତ ହୋଇଥିଲା।

୧) ବିକଶିତ ଦେଶଗୁଡ଼ିକ ସେମାନଙ୍କର ବିଦେଶୀ ସହାୟତା ସମ୍ବଳଗୁଡ଼ିକୁ ମୌଳିକ ଆବଶ୍ୟକତା ପ୍ରକଳ୍ପଗୁଡ଼ିକ ସହିତ ଯୋଡ଼ି ଦେଇଥିଲେ ଯାହା ତୃତୀୟ ବିଶ୍ୱ ଦେଶଗୁଡ଼ିକର ଗରିବ ବ୍ୟକ୍ତିବିଶେଷମାନଙ୍କ ମୌଳିକ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପରିବର୍ତ୍ତେ ସ୍ୱଚ୍ଛଳ ବର୍ଗଙ୍କ ପାଇଁ ଅଧିକ ଲାଭଦାୟକ ହୋଇଥିଲା।

୨) ଯଦିଓ ସାମାନ୍ୟ ଭଲ ଖାଉଥିଲେ, ଘରେ ରହୁଥିଲେ ଏବଂ ଶିକ୍ଷିତ ହୋଇଥିଲେ, ତେବେ ବିକଶିତ ଦେଶମାନଙ୍କର ଉଦ୍ୟମଗୁଡ଼ିକ ତୃତୀୟ ବିଶ୍ୱର ଦେଶଗୁଡ଼ିକୁ ଅଣପ୍ରତିଯୋଗିତାମୂଳକ-ଗାଉଁଲି ସମାଜ ଭାବରେ ରଖିବାର ଉଦ୍ୟମ ଭଳି ଦେଖା ଯାଉଥିଲା।

୩) ସମ୍ପୂର୍ଣ୍ଣ ଗରିବମାନଙ୍କ ନିକଟରେ ପହଞ୍ଚିବା କଥା ଉଠିଲା ବେଳକୁ ରାଷ୍ଟ୍ରୀୟ ସ୍ତରରେ ଏହି ନମୁନା ଗୁରୁତର ତ୍ରୁଟିର ସମ୍ମୁଖୀନ ହୋଇଥାଏ।

୪) ଆଧିକାରୀକ ଆଭିମୁଖ୍ୟ କ୍ଷମତାହୀନତା ଏବଂ ନିର୍ଭରଶୀଳତା ଦିଗରେ ବାଟ କଢ଼ାଇ ନେଇଥାଇ ପାରେ।

୫) ଏହି ଢାଞ୍ଚାରେ ରହି ନଥିବା ଉପାଦାନଟି ଥିଲା, ଗରିବମାନଙ୍କୁ ସେମାନଙ୍କର ପ୍ରସଙ୍ଗଗୁଡ଼ିକର ସମାଧାନ କରିବା ନିମନ୍ତେ ସମଗ୍ର ବିକାଶ ପ୍ରକ୍ରିୟାରେ ମାଲିକାନା ପ୍ରଦାନ କରିବାରେ ଅସାମର୍ଥ୍ୟତା। ପରିଣତି ସ୍ୱରୂପ, ଏହା ଆବଶ୍ୟକତା କରୁଥିବା ବ୍ୟକ୍ତିମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିବାରେ ବିଫଳ ହୋଇଥିଲା।

ଏସବୁ ପ୍ରତିବନ୍ଧକ ସତ୍ତ୍ୱେ ମୌଳିକ ଆବଶ୍ୟକତା ନମୁନା ବିକାଶ ନିମନ୍ତେ ଏକ ଅବଧାରଣାଗତ ଏବଂ କାର୍ଯ୍ୟକାରୀ ଉପକରଣ ପ୍ରଦାନ କରିଥିଲା ଯାହା ବିକାଶ ଯୋଗାଯୋଗର ଭାଗିଦାରୀ ଆଭିମୁଖ୍ୟ ଉପରେ ପର୍ଯ୍ୟବସିତ ଏକ ନୂତନ ଉଦୀୟମାନ ଦୃଷ୍ଟାନ୍ତ ଆଡ଼କୁ ବାଟ କଢ଼ାଇ ନେଇଥିଲା। 'ମୌଳିକ ଆବଶ୍ୟକତା ନମୁନା' ସ୍ୱୟଂ ଏକ ବିକାଶ କୌଶଳ ନୁହେଁ। ଏହା ବରଂ ବିକାଶ କୌଶଳରେ ରହିଥିବା ଅଭିବୃଦ୍ଧିର ଏକ ଅତ୍ୟାବଶ୍ୟକ ଉପାଦାନ।

## ୩.୧୨: ଆସ ପ୍ରଗତି ମାପିବା

୧. ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱ କ'ଣ ?

--------------------------------------------------------------------

--------------------------------------------------------------------

--------------------------------------------------------------------

----------------------------------

୨. ବିଶ୍ୱ-ବ୍ୟବସ୍ଥା ତତ୍ତ୍ୱର ରାଜନୀତିକ ଦିଗ କ'ଣ ?

--------------------------------------------------------------------

--------------------------------------------------------------------

--------------------------------------------------------------------

--------------------------------------

୩. ମୌଳିକ ଆବଶ୍ୟକତା ଆଭିମୁଖ୍ୟ କ'ଣ ?

-----------------------------------------------------------------

-----------------------------------------------------------------

-----------------------------------------------------------------

---------------------------------------------

## ୟୁନିଟ୍-୪: ଭାଗିଦାରୀ ନମୁନା ଏବଂ ବିକାଶମୂଳକ ଯୋଗାଯୋଗ ନିମନ୍ତେ ଆଇସିଟି

### ୪.୦: ବିଷୟର ଗଠନ


୪.୧: ପଠନର ଉଦ୍ଦେଶ୍ୟ

୪.୨: ବିଷୟ ପରିଚୟ

୪.୨: ଭାଗିଦାରୀ ନମୁନା ସମ୍ବନ୍ଧରେ ପରିଚୟ

୪.୩: ଭାଗିଦାରୀ ନମୁନା ଉଦ୍ଦେଶ୍ୟରେ ଆଭିମୁଖ୍ୟ

୪.୪: ଉଦୀୟମାନ ଦୃଷ୍ଟାନ୍ତ: ଭାଗିଦାରୀ

୪.୫: ବିକାଶମୂଳକ ଯୋଗାଯୋଗ ସମ୍ପର୍କରେ ପ୍ରମୁଖ ପ୍ରସଙ୍ଗ ସମୂହ

୪.୬: ବିକାଶମୂଳକ ଯୋଗାଯୋଗର ମୌଳିକ ନୀତି ସମୂହ

୪.୭: ବିକାଶମୂଳକ ଯୋଗାଯୋଗ ପାଇଁ ଭାଗିଦାରୀ ନମୁନା

୪.୮: ବିକାଶ ନିମନ୍ତେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି

୪.୭: ଆସ ପ୍ରଗତି ମାପିବା


### ୪.୧: ପଠନର ଉଦ୍ଦେଶ୍ୟ

ଏହି ଏକକରେ ଆମେ ବିକାଶ ଯୋଗଯୋଗ ପାଇଁ ଭାଗିଦାରୀ ନମୁନାର ଗୁରୁତ୍ୱ ଏବଂ ବିକାଶ ଯୋଗାଯୋଗ ନିମନ୍ତେ ସୂଚନା ଯୋଗାଯୋଗ ପ୍ରଯୁକ୍ତି ସମ୍ପର୍କରେ ମଧ୍ୟ ପଢ଼ିବା ।

### ୪.୨: ବିଷୟ ପରିଚୟ

ଭାଗିଦାରୀ ନମୁନାର ମୂଳ 'ଏମର୍ଜିଂ ପାରାଡାଇମ୍'/ ଉଦୀୟମାନ ଆଦର୍ଶରେ ରହିଛି। ବିଶ୍ୱ ଦୃଶ୍ୟପଟ୍ଟରେ ପରିବର୍ତନ ସହିତ ନୂତନ ଯୁଗ ପରିପ୍ରେକ୍ଷୀରେ ସାମାଜିକ ପରିବର୍ତ୍ତନ ପାଇଁ ଯୋଗଯୋଗର ବ୍ୟବହାର କରାଯାଇଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ବିଶ୍ୱ ସ୍ତରରେ ଯୋଗାଯୋଗ ପ୍ରଯୁକ୍ତି କ୍ଷେତ୍ରରେ ଉନ୍ନତି ଅନୁକୂଳିତ ହେବା ସହିତ ଏହା ଦ୍ରୁତ ହୋଇଛି। ଲୋକମାନେ ଅଧିକ ପରିମାଣରେ ଭ୍ରମଣକାରୀ ଏବଂ ସହରୀ ହେଉଛନ୍ତି। ଭୌଗୋଳିକ, ରାଜନୈତିକ ଏବଂ ସାମାଜିକ ରୂପରେଖ ମଧ୍ୟ ପରିବର୍ତ୍ତିତ ହୋଇଛି। ଏହି କାରକଗୁଡ଼ିକ ଆମର ଯୋଗାଯୋଗର ଶୈଳୀକୁ କ୍ରମେକ୍ରମେ ରୂପରେଖ ପ୍ରଦାନ କରୁଛି। ଏହି ପରିବର୍ତ୍ତନଗୁଡ଼ିକ ସାମାଜିକ ପରିବର୍ତ୍ତନ ନିମନ୍ତେ ରହିଥିବା ଯୋଗାଯୋଗର ଆଦର୍ଶ ଉପରେ ଯୁକ୍ତିସଙ୍ଗତ ପ୍ରଶ୍ନ ଉତ୍‌ଥାପନ କରିଛି। ଆମେ ପ୍ରଥମ ଏକକରେ ପଢ଼ିଛେ ଯେ କିପରି ପ୍ରାଧାନ୍ୟ ବିସ୍ତାରକାରୀ ଆଦର୍ଶ (ଡୋମିନାଣ୍ଟ ପାରାଡାଇମ୍) ଏବଂ ବିରୋଧକାରୀ ଆଦର୍ଶ (ଅପୋଜିଟ୍ ପାରାଡାଇମ୍)ର ପ୍ରତ୍ୟାଖ୍ୟାନ ଏକ ନୂଆ ଆଦର୍ଶ ଅର୍ଥାତ୍ 'ଉଦୀୟମାନ ଆଦର୍ଶ' (ଏମର୍ଜିଂ ପାରାଡାଇମ୍) ପାଇଁ ପଥ ପରିଷ୍କାର କରିଥିଲା।
ସାମାଜିକ ପରିବର୍ତ୍ତନରେ ବିକାଶ ଯୋଗାଯୋଗକୁ ନେଇ ଦେଖା ଦେଇଥିବା ମୁଖ୍ୟ ଆହ୍ୱାନଗୁଡ଼ିକୁ ସମାଧାନ କରିବା ପାଇଁ ଏହି ଦୃଷ୍ଟିଭଙ୍ଗୀକୁ ୧୯୯୦ ସୁଦ୍ଧା ଆମେରିକା ଏବଂ ଅନ୍ୟାନ୍ୟ ବିକଶିତ ସଙ୍ଗଠନମାନେ ଗ୍ରହଣ କରି ନେଇଥିଲେ।

## ୪.୩: ଭାଗିଦାରୀ ନମୁନା ନିମନ୍ତେ ଦୃଷ୍ଟିଭଙ୍ଗୀ ସମୂହ

ଏହି ଦୃଷ୍ଟିଭଙ୍ଗୀ ଲୋକମାନଙ୍କ ଉପରେ ଏବଂ ସେମାନଙ୍କର ବିକାଶକୁ ନେଇ ଦୃଷ୍ଟିକୋଣ ତଥା ସେମାନଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥାଏ। ଭାଗିଦାରୀ ଦୃଷ୍ଟିଭଙ୍ଗୀ ସମୂହ ବ୍ୟକ୍ତିବିଶେଷଙ୍କୁ ବିକାଶର ପ୍ରୟାସରେ କେବଳ ପରୋକ୍ଷ ଗ୍ରହଣକାରୀରୁ ସକ୍ରିୟ ବାହକ କରିଥାଏ।

ପ୍ରାଥମିକତାଗୁଡ଼ିକ ରାଜନୈତିକ ନମୁନା ଯାହା ଉତ୍ତମ ଶାସନ ଏବଂ ଗଣତାନ୍ତ୍ରିକ ନୀତି ନିୟମ ଉପରେ ଆଧାରିତ, ତା'ରି ଅନୁସାରେ ରୂପରେଖ ପାଇଥାଏ, ଉଦାହରଣ ସ୍ୱରୂପ: ସ୍ୱାଧୀନତା ଏବଂ ମାନବାଧିକାର। ଦାରିଦ୍ର୍ୟ ହ୍ରାସ ସହିତ ସେଗୁଡ଼ିକ ମଧ୍ୟ ଲିଙ୍ଗଭିତ୍ତିକ ସମାନତା ଏବଂ ସ୍ୱାସ୍ଥ୍ୟଗତ ପ୍ରସଙ୍ଗଗୁଡ଼ିକୁ ବିକାଶରେ ବାଧା ସୃଷ୍ଟି କରୁଥିବା କାରକ ସମୂହ ଭାବରେ ବିଚାର କରିଥାନ୍ତି।

ବିକାଶମୂଳକ ପଦକ୍ଷେପ ନିମନ୍ତେ ଏହି ଦୃଷ୍ଟିଭଙ୍ଗୀକୁ ଗ୍ରହଣ କରିବାର ପ୍ରମୁଖ କାରଣଗୁଡ଼ିକ ହେଉଛି:

(କ) କମ୍ ମୂଲ୍ୟରେ ସେବା ପ୍ରଦାନ କରିବା।

(ଖ) ଭାଗିଦାରୀ ଯେହେତୁ ଭାଗ ନେଇଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଆନ୍ତରିକ ମୂଲ୍ୟ ରଖିଥାଏ, ଏହା ଲୋକମାନଙ୍କୁ ନିଃସଙ୍ଗ ବା ବାଦ୍ ପଡ଼ି ଯାଇଥିବା ଅନୁଭବ କରିବାକୁ ଦିଏ ନାହିଁ।

(ଗ) ବିକାଶ ଦିଗରେ କରାଯାଉଥିବା ଅନ୍ୟାନ୍ୟ ପ୍ରୟାସଗୁଡ଼ିକ ନିମନ୍ତେ ଭାଗିଦାରୀ ଏକ ଉତ୍ପ୍ରେରକ ରୂପେ କାର୍ଯ୍ୟ କରେ।

(ଘ) ଭାଗିଦାରୀ ପ୍ରକଳ୍ପ ପାଇଁ ଏକ ଦାୟିତ୍ୱବୋଧ ଅନୁଭବ ଆଣି ଦେବା ପାଇଁ ପଥ ପରିଷ୍କାର କରିଥାଏ।

(ଙ) ଭାଗିଦାରୀ ସ୍ୱଦେଶୀ ଜ୍ଞାନ ଏବଂ ଦକ୍ଷତାର ବ୍ୟବହାରକୁ ସୁନିଶ୍ଚିତ କରିଥାଏ।

ଭାଗିଦାରୀ ଏକ ସମ୍ପୂର୍ଣ୍ଣ ଅବଧାରଣା ନୁହେଁ ଏବଂ ସମସ୍ୟାର ଏକ ଅଂଶ ଭାବେ ଏହା ବିଭିନ୍ନ ସ୍ତରରେ ଉପଯୋଗ କରାଯାଇପାରେ। ଏକ ବର୍ଗୀକରଣରେ ଅନ୍ତର୍ଭୁକ୍ତ ୭ଟି ବିଭିନ୍ନ ପ୍ରକାରର ଅଂଶକୁ ବ୍ୟାଖ୍ୟା କରାଯାଇଛି ଏବଂ ବିଭିନ୍ନ ବିକାଶମୂଳକ ସଙ୍ଗଠନରେ ଯାହାକୁ ବ୍ୟବହାର କରାଯାଏ, ତାହା ନିମ୍ନରେ ଉଲ୍ଲେଖ କରାଗଲା:

- ପରୋକ୍ଷ ଅଂଶଗ୍ରହଣ
- ସୂଚନା ପ୍ରଦାନରେ ଅଂଶଗ୍ରହଣ
- ପରାମର୍ଶ ମାଧ୍ୟମରେ ଅଂଶଗ୍ରହଣ
- ସାମଗ୍ରୀ ପ୍ରୋତ୍ସାହନ ପାଇଁ ଅଂଶଗ୍ରହଣ
- କାର୍ଯ୍ୟକ୍ଷମ ଅଂଶଗ୍ରହଣ
- ପାରସ୍ପରିକ ଅଂଶଗ୍ରହଣ
- ଆତ୍ମ-ପ୍ରୋତ୍ସାହନ

ପରୋକ୍ଷ ଅଂଶଗ୍ରହଣରେ ଅଂଶୀଦାରମାନେ ଅବଗତ ହେବା ପାଇଁ ବୈଠକଗୁଡ଼ିକରେ ଯୋଗ ଦେଇଥାନ୍ତି। ଅଂଶଗ୍ରହଣରେ ପରାମର୍ଶ ମାଧ୍ୟମରେ ହିତଧାରକମାନଙ୍କୁ ପରାମର୍ଶ ଦିଆଯାଇଥାଏ, କିନ୍ତୁ ନିଷ୍ପତ୍ତି ନେବାର

କାର୍ଯ୍ୟ ବିଶେଷଜ୍ଞମାନଙ୍କ ହାତରେ ରହିଥାଏ ଏବଂ କାର୍ଯ୍ୟକାରୀ ଭାଗିଦାରୀରେ, ହିତଧାରକମାନେ କିଛି ବିନିବେଶ ଦେବା ପାଇଁ ଅନୁମତି ପାଇଥାନ୍ତି, ଯଦିଓ ଏହି ପ୍ରକ୍ରିୟା ଆରମ୍ଭରୁ ଲାଗୁ ହେବା ଆବଶ୍ୟକ ହୋଇ ନଥାଏ ଏବଂ ସମାନ ଅଂଶୀଦାରୀରେ ହୋଇ ନଥାଏ। ସଶକ୍ତ ଭାଗିଦାରୀରେ ଉପଯୁକ୍ତ ହିତଧାରକମାନେ ବିକାଶ ପଦକ୍ଷେପର ସମ୍ପୂର୍ଣ୍ଣ ଚକ୍ରରେ ଅଂଶଗ୍ରହଣ କରିଥାନ୍ତି ଏବଂ ନିଷ୍ପତ୍ତି ନେବାର ପ୍ରକ୍ରିୟାରେ ତାଙ୍କର ଏକ ସମାନ ପ୍ରଭାବ ରହିଥାଏ।

ସୂଚନା ବଣ୍ଟନ ଏବଂ ପରାମର୍ଶକୁ ଭାଗିଦାରୀର ନିମ୍ନାବସ୍ଥା ବୋଲି ବିଚାର କରାଯାଏ। ନିର୍ଦ୍ଦିଷ୍ଟ ଭାବରେ ଭାଗିଦାରୀ ଗବେଷଣା ପଦ୍ଧତି ସ୍ଥାନୀୟ ହିତଧାରକମାନଙ୍କ ପାଇଁ ଗୁରୁ ଦାୟିତ୍ୱ ନିର୍ବାହ କରିବାକୁ ଏବଂ ସମସ୍ୟା –ବିଶ୍ଳେଷଣ ନିମନ୍ତେ ସ୍ୱଦେଶୀ ଜ୍ଞାନ ଏବଂ ବିକାଶମୂଳକ ପଦକ୍ଷେପର ପ୍ରକ୍ରିୟାରେ ସମସ୍ୟା ସମାଧାନ ପାଇଁ ଅନୁମତି ଦେଇଥାଏ।

ସନ୍ଦର୍ଭର ନମୁନା ପାରମ୍ପରିକଠାରୁ ଉଲ୍ଲେଖନୀୟ ଭାବେ ଭିନ୍ନ ହୋଇଥାଏ, ଯେହେତୁ ଏହା ବର୍ତ୍ତମାନ କଥାବାର୍ତ୍ତା ଦ୍ୱାରା ଏବଂ ଭୂସମାନ୍ତରାଳ ପ୍ରବାହ, ଅନୁଭୂତି ଏବଂ ଜ୍ଞାନର ସନ୍ତୁଳିତ ବଣ୍ଟନ ଦ୍ୱାରା ସକ୍ରିୟ କରିବା ପାଇଁ ଚିହ୍ନଟ କରାଯାଉଛି।

ଏହି ପରିପ୍ରେକ୍ଷୀରେ ଯୋଗାଯୋଗ ଭାଗିଦାରୀର ସୁବିଧା ଏବଂ ସଶକ୍ତିକରଣ ନିମନ୍ତେ ଲକ୍ଷ୍ୟ ରଖି ଅଧିକ ପାରସ୍ପରିକ ସଂଯୋଗକୁ ପ୍ରାପ୍ତ କରାଯାଇଥାଏ। ଏପରିକି ଯେତେବେଳେ ଗଣମାଧ୍ୟମକୁ ବ୍ୟବହାର କରାଯାଏ, ବାହାର ବିଶେଷଜ୍ଞଙ୍କ ପରିବର୍ତେ ଲୋକମାନଙ୍କ ଦ୍ୱାରା ବାର୍ତ୍ତା ସୃଷ୍ଟି କରାଯିବା ନିମନ୍ତେ ଆଶା କରାଯାଏ।

ବିଶ୍ୱ ବ୍ୟାଙ୍କ (୧୯୯୫) ରେ ଚାରି ପ୍ରକାରର ଭାଗିଦାରୀକୁ ଚିହ୍ନଟ କରିଛି।

(କ) ସୂଚନା ବଣ୍ଟନ

(ଖ) ପରାମର୍ଶ

(ଗ) ସହଯୋଗ

(ଘ) ସଶକ୍ତିକରଣ

## ୪.୪: ଉଦୀୟମାନ ଆଦର୍ଶ: ଭାଗିଦାରୀତା

ଭାଗିଦାରୀ ମଡେଲ୍ ରାଜନୈତିକ- ଅର୍ଥନୈତିକ ଦିଗ ପ୍ରତି କମ୍ ଉନ୍ମୁଖତା ରଖିଥାଏ ଏବଂ ଲୋକମାନଙ୍କ ଅଂଶଗ୍ରହଣ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରି ବିକାଶର ସାଂସ୍କୃତିକ ବାସ୍ତବତାରେ ଅଧିକ ଜଡ଼ିତ ରହିଥାଏ।

ଏହି ନମୁନା ବାସ୍ତବ ରୂପରେ ଦୁଇଟି ମାର୍ଗର ଯୋଗାଯୋଗର ନୀତିନିୟମ ଏବଂ ଅଭ୍ୟାସର ଉପଯୋଗିତାକୁ ଗୁରୁତ୍ୱ ଦେଇଥାଏ। ବିକାଶମୂଳକ ଯୋଗାଯୋଗ ଏକ ସମାନ୍ତରାଳ, ଦୁଇ ମାର୍ଗବିଶିଷ୍ଟ ନମୁନା ଆଡ଼କୁ ଅଧିକ ଗତି କରିଥାଏ, ଯାହା ଗଣମାଧ୍ୟମର ପାରମ୍ପରିକ ଏକତରଫା ସୂଚନା ବିତରଣ ଯୋଗାଯୋଗକୁ ଅତିକ୍ରମ କରି ପରାମର୍ଶ ଏବଂ ଆଲୋଚନା ମାଧ୍ୟମରେ ଲୋକମାନଙ୍କର ପ୍ରତ୍ୟକ୍ଷ ଏବଂ ସିଧାସଳଖ ପାରସ୍ପରିକ ଯୋଗାଯୋଗକୁ ପସନ୍ଦ କରିଥାଏ।

ଏହି ଉପାୟ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ପ୍ରଭାବିତ ଲୋକମାନଙ୍କର ଅନ୍ତର୍ଭୁକ୍ତିକରଣ ନିମନ୍ତେ ଦାବି କରିଥାଏ। ଯୋଗାଯୋଗର ସମାନ୍ତରାଳ ବ୍ୟବହାର, ଯାହା ଆଲୋଚନାକୁ ଉନ୍ମୁକ୍ତ କରିଥାଏ, ବିପଦକୁ ମୂଲ୍ୟାଙ୍କନ କରିଥାଏ, ସମାଧାନକୁ ଚିହ୍ନଟ କରିଥାଏ ଏବଂ କାର୍ଯ୍ୟ ପାଇଁ ସହମତି ପ୍ରଦାନ କରିଥାଏ, ତାକୁ ସଫଳତାର ଚାବିକାଠି ତଥା ବିକାଶଶୀଳ ପ୍ରୟାସର ପରିପୋଷଣୀୟତା ଭାବେ ଦେଖା ଯାଇଥାଏ। ଏହି ଆଦର୍ଶ ଯେଉଁ ଉପାୟରେ ଯୋଗାଯୋଗକୁ ଗ୍ରହଣ କରାଯିବା ସହିତ ଲାଗୁ କରାଯାଉଛି, ତହିଁରେ ପରିବର୍ତ୍ତନ କରୁଛି। ଏହା ସୂଚନା ପ୍ରସାରଣଠାରୁ ପରିସ୍ଥିତିର ବିଶ୍ଳେଷଣ, ପ୍ରୋତ୍ସାହନଠାରୁ ଭାଗିଦାରୀତା ପର୍ଯ୍ୟନ୍ତ ଗୁରୁତ୍ୱକୁ ପରିବର୍ତ୍ତନ କରୁଛି। ଏହା ନିଜର ପରିସରକୁ ବ୍ୟାପକ କରୁଛି, ଲୋକମାନଙ୍କୁ ସୂଚନା ଦେବାର ମୁଖ୍ୟ କାର୍ଯ୍ୟକୁ ବଜାୟ ରଖୁଛି ଏବଂ ପରିବର୍ତ୍ତନକୁ ପ୍ରୋତ୍ସାହିତ କରୁଛି, ତା' ସତ୍ତ୍ୱେ ବିକାଶ ପ୍ରକ୍ରିୟାରେ ଅଂଶୀଦାରମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଗାଯୋଗ ପ୍ରକ୍ରିୟା ବ୍ୟବହାରର ଗୁରୁତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରୁଛି।

## ୪.୫: ବିକାଶମୂଳକ ଯୋଗାଯୋଗ ସମ୍ପର୍କିତ ମୁଖ୍ୟ ପ୍ରସଙ୍ଗ

ବିକାଶମୂଳକ ଯୋଗାଯୋଗକୁ ନେଇ ଅନେକ କଳ୍ପନା ଜଳ୍ପନା ଏବଂ ଭୁଲ୍ ଧାରଣା ରହିଛି। ଏହି ଭୁଲ୍ ଧାରଣାଗୁଡ଼ିକ ପ୍ରାୟତଃ ଭୁଲ୍ ବୁଝାମଣା ସୃଷ୍ଟି କରିବାର କାରଣ ହୋଇଥାଏ ଏବଂ ଯୋଗାଯୋଗର ଅବଧାରଣା ଏବଂ ଅଭ୍ୟାସର ଅସ୍ଥିର ଓ ପ୍ରଭାବହୀନ ବ୍ୟବହାରକୁ ଆଗେଇ ନେଇଥାଏ। ଏହି ତାଲିକାର ପ୍ରଥମ ଦୁଇଟି ପଏଣ୍ଟ ସାଧାରଣ ଭାବେ ଯୋଗାଯୋଗ ସମ୍ପର୍କିତ ହୋଇଥିବା ବେଳେ, ଅନ୍ୟଗୁଡ଼ିକ ନିର୍ଦ୍ଦିଷ୍ଟ ଭାବେ ବିକାଶ ଯୋଗାଯୋଗ ସମ୍ପର୍କିତ।

### ୧. 'ଯୋଗାଯୋଗ ସମୂହ' ଏବଂ 'ଯୋଗାଯୋଗ' ସମାନ ନୁହେଁ-

ଯୋଗାଯୋଗର ବହୁବଚନ ମୁଖ୍ୟତଃ କାର୍ଯ୍ୟକଳାପ ଏବଂ ଉତ୍ପାଦ, ଯାହା ମଧ୍ୟରେ ସୂଚନା ପ୍ରଯୁକ୍ତି, ଗଣମାଧ୍ୟମ ଉତ୍ପାଦ ଏବଂ ସେବା (ଇଣ୍ଟରନେଟ୍, ଉପଗ୍ରହ, ବେତାର ପ୍ରସାରଣ ଏବଂ ଅନ୍ୟାନ୍ୟ) ଅନ୍ତର୍ଭୁକ୍ତ ହୋଇଥାଏ, ତାହାକୁ ବୁଝାଇଥାଏ। ଅନ୍ୟ ପକ୍ଷରେ ଯୋଗାଯୋଗର ଏକବଚନ ସାଧାରଣତଃ ଯୋଗାଯୋଗର ପ୍ରକ୍ରିୟା, ଏହାର ଅବଗତ କରାଇବାର ପ୍ରକୃତି ଏବଂ ଗଣମାଧ୍ୟମ ଉତ୍ପାଦ ତୁଳନାରେ ଏହାର ସଂଳାପାତ୍ମକ ଏବଂ ବିଶ୍ଳେଷଣାତ୍ମକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥାଏ। ଏହି ବିଭେଦ ସୈଦ୍ଧାନ୍ତିକ, ପଦ୍ଧତିମୂଳକ ଏବଂ ପରିଚାଳନାତ୍ମକ ସ୍ତରରେ ଉଲ୍ଲେଖନୀୟ ହୋଇଥାଏ।

### ୨. ଦୈନନ୍ଦିନ ଯୋଗାଯୋଗ ଏବଂ ବୃତ୍ତିଗତ ଯୋଗାଯୋଗ ମଧ୍ୟରେ ଏକ ତୀବ୍ର ପାର୍ଥକ୍ୟ ରହିଛି

ଏମିତି କିଛି ମାନେ ନାହିଁ ଯେ ଭଲ ଭାବେ ଯୋଗାଯୋଗ କରି ପାରୁଥିବା ଜଣେ ବ୍ୟକ୍ତି ଯୋଗାଯୋଗକୁ ପ୍ରଭାବଶାଳୀ ଏବଂ ବୃତ୍ତିଗତ ଢଙ୍ଗରେ ବ୍ୟବହାର କରି ପାରିବେ। ଏକ ବୃତ୍ତିଗତ (ବିକାଶମୂଳକ) ଯୋଗାଯୋଗ ବିଶେଷଜ୍ଞ ଯୁକ୍ତିଯୁକ୍ତ ସିଦ୍ଧାନ୍ତ ଏବଂ ଅଭ୍ୟାସକୁ ବୁଝିଥାନ୍ତି ଏବଂ ଅଭୀଷ୍ଟ ଉଦ୍ଦେଶ୍ୟ ସାଧନ ପାଇଁ ଯୋଗାଯୋଗର ପୂର୍ଣ୍ଣ ପରିସର ଏବଂ ପଦ୍ଧତିରୁ ଅଣାଯାଇଥିବା ପ୍ରଭାବଶାଳୀ ରଣନୀତିକୁ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଥାନ୍ତି।

**୩. ବିକାଶ ଯୋଗାଯୋଗ ଏବଂ ଯୋଗାଯୋଗ ବିଷୟ ସମ୍ପର୍କିତ ଅଧ୍ୟୟନର ଅନ୍ୟାନ୍ୟ ପ୍ରକାର ମଧ୍ୟରେ ପାର୍ଥକ୍ୟ ରହିଛି**

ଉଭୟ ସୈଦ୍ଧାନ୍ତିକ ଏବଂ ବ୍ୟବହାରିକ ଦୃଷ୍ଟିକୋଣରୁ ଯୋଗାଯୋଗର ବିଭିନ୍ନ ପ୍ରକାରର ବ୍ୟବହାର ରହିଛି। ଚାରି ପ୍ରକାରର ମୁଖ୍ୟ ଯୋଗାଯୋଗ ରହିଛ ଏବଂ ସେଗୁଡ଼ିକ ହେଉଛି; ଓକିଲାତି ଯୋଗାଯୋଗ, କର୍ପୋରେଟ ଯୋଗଯୋଗ, ଆଭ୍ୟନ୍ତରୀଣ ଯୋଗାଯୋଗ ଏବଂ ବିକାଶ ଯୋଗାଯୋଗ। ସେଗୁଡ଼ିକର ବିଭିନ୍ନ ପରିସର ରହିଛି ଏବଂ ଦକ୍ଷତା ହାସଲ କରିବା ପାଇଁ ଏହା ନିର୍ଦ୍ଦିଷ୍ଟ ଜ୍ଞାନ ଓ ଦକ୍ଷତା ଆବଶ୍ୟକ କରିଥାଏ।

**୪. ବିକାଶ ଯୋଗାଯୋଗର ମୁଖ୍ୟ ପରିସର ଏବଂ କାର୍ଯ୍ୟ କେବଳ ସୂଚନା ଏବଂ ବାର୍ତ୍ତା ସମ୍ପର୍କରେ ଯୋଗାଯୋଗ କରିବା ନୁହେଁ, ବରଂ ସେଗୁଡ଼ିକ ଅଂଶଗ୍ରହଣକାରୀଙ୍କ ସମ୍ପୃକ୍ତିକୁ ଅନ୍ତର୍ଭୁକ୍ତ କରିବା ସହିତ ପରିସ୍ଥିତିର ମୂଲ୍ୟାୟନ କରିଥାନ୍ତି।** ସମ୍ପ୍ରତି, ବିକାଶ ଯୋଗାଯୋଗର ପରିସର ବ୍ୟାପକ ହୋଇଛି ଯାହା ମଧ୍ୟରେ ବିଶେଷଣାତ୍ମକ ଦିଗ ତଥା କଥାବାର୍ତ୍ତାର ପ୍ରକ୍ରିୟା ଅନ୍ତର୍ଭୁକ୍ତ ହୋଇଛି ଯାହା ସାର୍ବଜନୀନ ସ୍ଥାନକୁ ଉନ୍ମୁକ୍ତ କରୁଛି ଯେଉଁଥିରେ ଉପଯୁକ୍ତ ହିତଧାରକମାନଙ୍କର ମତାମତ ଏବଂ ଜ୍ଞାନର ବିନିମୟ ହୋଇଥାଏ।

**୫. ରଣନୀତି ସମ୍ପର୍କରେ ନିଷ୍ପତି ନେବା ପୂର୍ବରୁ ଉପଯୁକ୍ତ/ ସଠିକ୍ ଯୋଗାଯୋଗ ଗବେଷଣା ପରିଚାଳନା କରା ନଗଲେ ବିକାଶ ଯୋଗାଯୋଗ ପଦକ୍ଷେପ କଦାପି ସଫଳ ହେବନାହିଁ।** ଜଣେ ଯୋଗଯୋଗ ବୃତ୍ତିଧାରୀ ଏକ ଯୋଗାଯୋଗ ପ୍ରଚାର ବା ରଣନୀତିକୁ ପ୍ରସ୍ତୁତ କରିବା ଉଚିତ୍, ଯେଉଁଥିରେ ସୂଚିତ କରିବା ପାଇଁ ନିଷ୍ପତ୍ତି ନେବା କ୍ଷେତ୍ରରେ ଯେଉଁ ବ୍ୟବଧାନ ରହିଛି, ତାହାକୁ ଚିହ୍ନଟ କରିବା ପାଇଁ ଉପଯୁକ୍ତ ତଥ୍ୟ ରହିଥିବ।

**୬. ପ୍ରବୀଣ ହେବା ପାଇଁ ବିକାଶ ଯୋଗାଯୋଗ ବିଶେଷଜ୍ଞଙ୍କର ସେମାନଙ୍କ ବିଷୟ ସମ୍ପର୍କିତ ସିଦ୍ଧାନ୍ତ ଏବଂ ବ୍ୟବହାରିକ ଉପଯୋଗିତା ଉପରେ ଗଭୀର ଜ୍ଞାନ ରହିବା ଦରକାର।** ଏହା ସହିତ ବିଭିନ୍ନ ଯୋଗାଯୋଗ ସିଦ୍ଧାନ୍ତ, ମଡେଲ୍ ଏବଂ ବ୍ୟବହାରର ଉପଯୁକ୍ତ ସାହିତ୍ୟ ସହିତ ପରିଚିତ ହେବା ପାଇଁ ବିକାଶ ଯୋଗାଯୋଗ ବିଶେଷଜ୍ଞମାନେ ମୌଳିକ ନୀତିନିୟମ ଏବଂ ଅନ୍ୟାନ୍ୟ ଆନ୍ତଃ-ସମ୍ପର୍କିତ ବିଷୟର ଅଭ୍ୟାସ, ଯଥା- ନୃତତ୍ତ୍ୱ, ବିପଣନ, ସମାଜ ଶାସ୍ତ୍ର, ନୃବଂଶ ବିଜ୍ଞାନ, ମନସ୍ତତ୍ତ୍ୱ ବିଜ୍ଞାନ, ପ୍ରୌଢ଼ଶିକ୍ଷା ଏବଂ ସାମାଜିକ ଗବେଷଣା ଉପରେ ମଧ୍ୟ ଶିକ୍ଷିତ ହେବା ଉଚିତ୍। ଜଣେ ଭଲ ବୃତ୍ତିଧାରୀଙ୍କର ଲୋକମାନଙ୍କ ପ୍ରତି ଉତ୍ତମ ମନୋଭାବ ରହିବା ଉଚିତ୍। ଜଣେ ସହାନୁଭୂତିସମ୍ପନ୍ନ ବ୍ୟକ୍ତି ଏବଂ ଭଲ ଶ୍ରୋତା କଥାବାର୍ତ୍ତାରେ ସାହାଯ୍ୟ କରିଥାନ୍ତି। ଜଣେ ବିକାଶ ଯୋଗାଯୋଗ ବୃତ୍ତିଧାରୀ ବିଶେଷଜ୍ଞ ସଂସ୍ଥା-କୈନ୍ଦ୍ରିକ ହେବା ଅପେକ୍ଷା ପ୍ରସଙ୍ଗ କୈନ୍ଦ୍ରିକ ହେବା ଉଚିତ୍।

**୭. ବିକାଶ ଯୋଗାଯୋଗ ଉଦ୍ଦେଶ୍ୟ ପ୍ରସ୍ତୁତି**

ଯଦି ପ୍ରକଳ୍ପର ଉଦ୍ଦେଶ୍ୟ ଠିକ୍ ଭାବେ ନିର୍ଦ୍ଧାରିତ କରାଯାଇ ନଥାଏ କିମ୍ବା ଅଂଶୀଦାରମାନଙ୍କର ବ୍ୟାପକ ସହମତି ନଥାଏ, ତା'ହେଲେ ଯୋଗାଯୋଗର କୌଶଳ ବିଫଳ ହେବ।

ଯଦି ବିକାଶ ଯୋଗାଯୋଗର ମୌଳିକ ମୂଳଦୁଆଗୁଡ଼ିକୁ ଅବହେଳା କରାଯାଏ, ତେବେ ଏହାର ଫଳାଫଳ ନିରାଶ କରିଥାଏ।

**୮. ବିକାଶ ଯୋଗାଯୋଗ କେବଳ ବ୍ୟବହାର ପରିବର୍ତ୍ତନ ପାଇଁ ହୋଇନଥାଏ**

ବିକାଶ ଯୋଗଯୋଗ କ୍ଷେତ୍ରରେ ହସ୍ତକ୍ଷେପ ଏବଂ ଉପଯୋଗିତା ଆଚରଣ ପରିବର୍ତ୍ତନର ପାରମ୍ପରିକ ଧାରଣା ବାହାରକୁ ପ୍ରସାରିତ ହୋଇଥାଏ।

**୯. ଗଣମାଧ୍ୟମ ଏବଂ ସୂଚନା ପ୍ରଯୁକ୍ତି ବିକାଶ ଯୋଗାଯୋଗର ମେରୁଦଣ୍ଡ ନୁହେଁ**

ଗଣମାଧ୍ୟମ ଏବଂ ସୂଚନା ପ୍ରଯୁକ୍ତି ଅବଶ୍ୟ ବିକାଶ ଯୋଗାଯୋଗର ଅଂଶ ଏବଂ ସେଗୁଡ଼ିକ ବିକାଶକୁ ସହାୟତା ଦେବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଏବଂ ଆବଶ୍ୟକୀୟ ମାଧ୍ୟମ ହୋଇଥାଏ। ସେସବୁର ପ୍ରଭାବ ଗବେଷଣା ପର୍ଯ୍ୟାୟରେ କରାଯାଇଥିବା ଯୋଗାଯୋଗ କାର୍ଯ୍ୟକୁ ବହୁ ପରିମାଣରେ ପ୍ରଭାବିତ କରିଥାଏ।

ପୂର୍ବ ଅଭିଜ୍ଞତା ସୂଚିତ କରେ କି ଯେ ପର୍ଯ୍ୟନ୍ତ ସେହିଭଳି ଉପାଦାନ ଅନ୍ୟାନ୍ୟ ଦୃଷ୍ଟିକୋଣ ସହିତ ସଂଯୋଜିତ ନ ହୋଇ କାର୍ଯ୍ୟ କରେ ଏବଂ ଉପଯୁକ୍ତ ଗବେଷଣା ଉପରେ ଆଧାରିତ ହୋଇ ନଥାଏ, ସେସବୁ ଅଭୀଷ୍ଟ ଫଳାଫଳ ପ୍ରଦାନ କରି ନଥାଏ।

**୧୦. ଭାଗିଦାରୀ ଦୃଷ୍ଟିକୋଣ ସମୂହ ଏବଂ ଭାଗିଦାରୀ ଯୋଗାଯୋଗର ଦୃଷ୍ଟିକୋଣ ସମୂହ ସମାନ ହୋଇ ନଥାଏ**

ଭାଗିଦାରୀ ଦୃଷ୍ଟିକୋଣ ସମୂହ ଏବଂ ଭାଗିଦାରୀ ଯୋଗାଯୋଗର ଉପାୟ ସମୂହ ସମାନ ଜିନିଷ ହୋଇ ନଥାଏ ଏବଂ ଗୋଟିକ ବଦଳରେ ଅନ୍ୟଟି ବ୍ୟବହୃତ ହେବା ଉଚିତ୍ ନୁହେଁ; ଯଦିଓ ଏହି ଶବ୍ଦଗୁଡ଼ିକ ଗବେଷଣା ପର୍ଯ୍ୟାୟରେ ଏକାଠି ବ୍ୟବହୃତ ହୋଇପାରେ, କାରଣ ସେମାନଙ୍କର କାର୍ଯ୍ୟଗୁଡ଼ିକ ପ୍ରାୟତଃ ପରସ୍ପରର ପରିପୂରକ ହୋଇଥାଏ।

## ୪.୬: ବିକାଶ ଯୋଗାଯୋଗର ମୌଳିକ ସିଦ୍ଧାନ୍ତ

**(କ) ବାର୍ତ୍ତାଳାପ**- ବାର୍ତ୍ତାଳାପ ହେଉଛି ନୂତନ ଯୋଗାଯୋଗ ଆଦର୍ଶର ହୃଦୟ। ବିକାଶ ଯୋଗାଯୋଗ ପାରସ୍ପରିକ ବୁଝାମଣା, ପରିସ୍ଥିତିର ମୂଲ୍ୟାୟନ ଏବଂ ବ୍ୟାପକ ପାରସ୍ପରିକ ସହମତିର ସୁବିଧା ନିମନ୍ତେ କଥୋପକଥନକୁ ପ୍ରୋତ୍ସାହିତ କରିଥାଏ। ବିଶ୍ୱାସ ସୃଷ୍ଟି କରିବା, ଜ୍ଞାନ ବୃଦ୍ଧି କରିବା, ବିପଦକୁ କମ୍ କରିବା ଏବଂ ବିଭିନ୍ନ ସ୍ଥିତିର ସମାଧାନ କରିବା ପାଇଁ ବୃତ୍ତିଗତ ଭାବେ ନିର୍ଦ୍ଦେଶିତ କଥୋପକଥନ ହେଉଛି ଏକ ଅମୂଲ୍ୟ ଗବେଷଣା ଉପକରଣ।

**(ଖ) ଅନ୍ତର୍ଭୁକ୍ତି**- ଏହି ପଦ୍ଧତିଭିତ୍ତିକ ଢାଞ୍ଚା ଅଂଶୀଦାରମାନଙ୍କର ବଛା ବଛା ଗୋଷ୍ଠୀମାନଙ୍କ ଉପରେ ଗୁରୁତ୍ୱ ଦେଇପାରେ। ଏକ ଅପ୍ରାସଙ୍ଗିକ ମନେ ହେଉଥିବା ଘଟଣା ଭିତ୍ତିରେ ଏକ ଗୋଷ୍ଠୀକୁ ବାଦ୍ ଦେବା ସମସ୍ୟା ସୃଷ୍ଟି କରିପାରେ। ଦ୍ୱିପାକ୍ଷିକ ଯୋଗାଯୋଗ ସେହିସବୁ ଗୋଷ୍ଠୀଙ୍କ ଉପରେ ବିଶେଷ ଧ୍ୟାନ ଦେବା ଉଚିତ ଯେଉଁମାନେ ସମାଜରେ ଉପେକ୍ଷିତ ହୋଇଥାନ୍ତି କିମ୍ବା ଅସୁବିଧାରେ ଥାଆନ୍ତି।

ଲିଙ୍ଗଭିତ୍ତିକ ପ୍ରସଙ୍ଗଗୁଡ଼ିକ ସବୁବେଳେ ଏହି ପରିପ୍ରେକ୍ଷୀରେ ପ୍ରାଥମିକ ପ୍ରସଙ୍ଗ ହୋଇ ରହି ଆସିବା ସହିତ ଗରିବ ଶ୍ରେଣୀ ଏବଂ ଅନ୍ୟାନ୍ୟ ଅସୁରକ୍ଷିତ ଗୋଷ୍ଠୀର ପ୍ରସଙ୍ଗ ମଧ୍ୟ।

**(ଗ) ଆନୁଭାବିକ-** ବିକାଶ ଯୋଗାଯୋଗର ଅନୁମାନି ଏବଂ ଅନୁସନ୍ଧାନମୂଳକ ପରିସର ବିଶ୍ଲେଷଣ ଏବଂ କଥୋପକଥନରୁ ତା'ର ଶକ୍ତି ଆହରଣ କରିଥାଏ। ବିକାଶମୂଳକ ପଦକ୍ଷେପର ପୂର୍ବ ବିଫଳତାକୁ ସମାଧାନ ଏବଂ ସଂଶୋଧନ କରି ସେମାନେ ମୂଲ୍ୟ ଯୋଗ କରିଥାନ୍ତି।

**(ଘ) ବିଶ୍ଲେଷଣାତ୍ମକ-** ଏହା ରାଜନୀତିକ ବିପଦ ଏବଂ ସୁଯୋଗଗୁଡ଼ିକର, କାର୍ଯ୍ୟକଳାପଗୁଡ଼ିକର ପ୍ରଚାର ଏବଂ ପ୍ରସାରର ପ୍ରଭାବକୁ ମୂଲ୍ୟାୟନ କରିଥାଏ ଏବଂ ଲୋକମାନଙ୍କର ଅନୁଭୂତି ଏବଂ ମତାମତକୁ ଏହା ସଶକ୍ତ କରିଥାଏ।

**(ଙ) ଭାଗିଦାରୀ-** ବାସ୍ତବ ଯୋଗାଯୋଗ ପ୍ରଭାବଶାଳୀ ଭାଗିଦାରୀତାର ସୁବିଧା ପ୍ରଦାନ କରିଥାଏ ଏବଂ ଭିନ୍ନ ଭିନ୍ନ ପ୍ରକାରର ଭାଗିଦାରୀତା ରହିଥାଏ।

| **ଭାଗିଦାରୀର ପର୍ଯ୍ୟାୟ** | **ଯୋଗାଯୋଗ ସମ୍ପର୍କିତ ମୌଳିକ ବିଶେଷତ୍ୱ** |
|---|---|
| ସୂଚନା ବଣ୍ଟନ | ଏକତରଫା ଯୋଗାଯୋଗ- ମୁଖ୍ୟତଃ ଯାହା କରାଯାଉଛି, ସେ ବିଷୟରେ ଲୋକମାନଙ୍କୁ ସୂଚନା ପ୍ରଦାନ କରି ସେଥିରେ ସାମିଲ କରାଯାଇଥାଏ। |
| ପରାମର୍ଶ | ପ୍ରାଥମିକ ଭାବେ ଏକତରଫା ଯୋଗାଯୋଗ ଏକ ଦୃଢ଼ ମତାମତ ସହିତ- ଅଂଶୀଦାରମାନେ ସେମାନଙ୍କର ମତାମତ ଦେଇଥାନ୍ତି, କିନ୍ତୁ ନିଷ୍ପତ୍ତି ନେବାର ପ୍ରକ୍ରିୟାରେ ଉଲ୍ଲେଖନୀୟ କଥା କହି ପାରନ୍ତି ନାହିଁ। |
| ସହଯୋଗ | ଦ୍ୱିପାକ୍ଷିକ ଯୋଗାଯୋଗ ନିଷ୍ପତ୍ତି ନେବା ସମୟରେ ଖୋଲାଖୋଲି ଆଲୋଚନାକୁ ସମର୍ଥନ କରିଥାଏ- ନିଷ୍ପତ୍ତି ନେବା ସମୟରେ ମତାମତ ସନ୍ତୁଳିତ ରହିଥାଏ। |
| ସଶକ୍ତିକରଣ | ନିଷ୍ପତ୍ତି ଏବଂ ସମ୍ବଳ ଉପରେ ନିୟନ୍ତ୍ରଣର ସ୍ଥାନାନ୍ତରଣ- ଦ୍ୱିପାକ୍ଷିକ ଯୋଗାଯୋଗ ଆବଣ୍ଟିତ ନିଷ୍ପତ୍ତି ଗ୍ରହଣକୁ ସୁନିଶ୍ଚିତ କରାଇଥାଏ। |

**(ଚ) ଆନ୍ତଃବିଭାଗୀୟ** - ଏକ ବିକାଶ ଯୋଗାଯୋଗ ଜ୍ଞାନର ସଂଗଠନ ଭିତରେ ଅନ୍ୟ ବିଷୟରୁ ଧାର ଅଣାଯାଇଥିବା ଅନେକ ନିୟମ ଅନ୍ତର୍ଭୁକ୍ତ ଯେମିତି ନୃବଂଶବିଜ୍ଞାନ, ସମାଜ ଶାସ୍ତ୍ର, ରାଜନୀତିକ ଅର୍ଥନୀତି, ପ୍ରୌଢ଼ ଶିକ୍ଷା ଏବଂ ବିପଣନ।

**(ଛ) ରଣନୀତି-** ଅଭୀଷ୍ଟ ଉଦ୍ଦେଶ୍ୟ ହାସଲ କରିବା ପାଇଁ ରଣନୀତିର ନିୟମ ଯୋଗାଯୋଗ କୌଶଳର ବୃତ୍ତିଗତ ଏବଂ ସମୟାନୁସାରୀ ବ୍ୟବହାରକୁ ଗୁରୁତ୍ୱ ପ୍ରଦାନ କରିଥାଏ।

**(ଜ) ପ୍ରୋତ୍ସାହନମୂଳକ-** ବିକାଶମୂଳକ ଯୋଗାଯୋଗରେ, ପ୍ରୋତ୍ସାହନ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସ୍ୱତଃପ୍ରବୃତ୍ତ ପରିବର୍ତ୍ତନକୁ ପ୍ରେରିତ କରିବା ପାଇଁ ବ୍ୟବହାର କରାଯାଇପାରେ। ପ୍ରୋତ୍ସାହନ ସଠିକ୍ ସୂଚନା ଏବଂ ଦ୍ୱିପାକ୍ଷିକ ଯୋଗାଯୋଗ ପ୍ରସଙ୍ଗ ପରିପ୍ରେକ୍ଷୀ ଉପରେ ଆଧାରିତ ହୋଇଥାଏ।

## ୪.୭: ବିକାଶ ଯୋଗାଯୋଗ ପାଇଁ ଭାଗିଦାରୀ ନମୁନା

"ଭାଗିଦାରୀ ବିକାଶ ଯୋଗାଯୋଗ' ଉପାୟ ଏକ ଦ୍ୱିପାକ୍ଷିକ ଯୋଗାଯୋଗ ପ୍ରକ୍ରିୟା, ଯାହା ପୂର୍ବରୁ ରହିଥିବା ନମୁନା ଭଳି ଏକତରଫା ଯୋଗାଯୋଗର ଦୃଷ୍ଟିଭଙ୍ଗୀକୁ ସମର୍ଥନ କରି ନଥାଏ, ଯେଉଁଥିରେ ବାର୍ତ୍ତାର ପ୍ରଚାର, ସୂଚନାର ପ୍ରସାରଣ କିମ୍ବା ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ପାଇଁ ଲୋକମାନଙ୍କୁ ପ୍ରୋତ୍ସାହିତ କରିବା ଇତ୍ୟାଦି ଅର୍ନ୍ତଭୁକ୍ତ ହୋଇଥାଏ (ଚିତ୍ର-୧୦ ଦେଖ)। ଏହି ମଡେଲ୍ ସମାନ୍ତରାଳ ଉପାୟକୁ ପ୍ରାଥମିକତା ଦେଇଥାଏ, ଯାହା ପ୍ରସଙ୍ଗକୁ ବିଶ୍ଳେଷଣ କରିବାରେ ଏବଂ ତାହାର ସମାଧାନ ଖୋଜି ପାଇବାରେ, ତଥା ତଳୁ –ଉପର /ବଟମ୍ -ଅପ୍ ଆପ୍ରୋଚ୍ ସମୂହ ଯାହା ନିଷ୍ପତି ନେଇଥିବା ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାଏ, ସେହିପରି ବାର୍ତ୍ତାଳାପକୁ ପ୍ରାଥମିକତା ଦେଇଥାଏ। (ଓଟ୍‌ସିନା ଏବଂ ରୋଜେନ୍‌ବର୍ଗ, ୧୯୯୭)। ବାସ୍ତବ ରୂପରେ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବିକାଶ କ୍ଷେତ୍ରରେ ତୃଣମୂଳ ସ୍ତରରୁ ଭାଗିଦାରୀତାର ଆବଶ୍ୟକତାକୁ ନେଇ ଏକ ସାଧାରଣ ଚୁକ୍ତି ରହିଛି।

| ଉପାଦାନ | ଆଧୁନିକୀକରଣ/ ବିଚ୍ଛୁରଣ/ ସ୍ୱଗତୋକ୍ତି | ଅଂଶଗ୍ରହଣ/ଭାଗିଦାରୀ କଥୋପକଥନ ସମ୍ବନ୍ଧୀୟ |
|---|---|---|
| ମୁଖ୍ୟ କ୍ଷେତ୍ର / ମୁଖ୍ୟ ପରିସର | ସୂଚନା ପ୍ରସାର ଏବଂ ଦର୍ଶକ/ ପାଠକ / ଶ୍ରୋତାମାନଙ୍କୁ ସେମାନଙ୍କର ମନୋଭାବ/ ବ୍ୟବହାର ପରିବର୍ତ୍ତନ କରିବା ପାଇଁ ପ୍ରୋତ୍ସାହିତ କରିବା | ପରିବର୍ତ୍ତନକୁ ଆଗେଇ ନେଇ ବ୍ୟାପକ ପାରସ୍ପରିକ ସହମତି ହାସଲ କରିବା ନିମନ୍ତେ ଜ୍ଞାନ ଏବଂ ଅନୁଭୂତିର ଉପଯୁକ୍ତ ଭାବ ଆଦାନ ପ୍ରଦାନକୁ ନିଶ୍ଚିତ କରିବା ପାଇଁ |
| ସନ୍ଦର୍ଭର ନମୁନା | ଏକତରଫା, ରୈଖିକ, ପ୍ରାୟତଃ ଉପରୁ- ତଳକୁ | ଦୁଇ-ତରଫା, ସମାନ୍ତରାଳ ଏବଂ ବୃତ୍ତାକାର |
| ନମୁନା ଅଭିବିନ୍ୟାସ | ଫଳାଫଳ ଆଧାରିତ, ଆରମ୍ଭରୁ ଫଳାଫଳକୁ ବ୍ୟାଖ୍ୟା କରାଯାଇଥାଏ | ପ୍ରକ୍ରିୟା-ଆଧାରିତ, ପ୍ରକ୍ରିୟା ଦ୍ୱାରା ଏବଂ ମାଧ୍ୟମରେ ଫଳାଫଳକୁ ବ୍ୟାଖ୍ୟା କରାଯାଇଥାଏ। |
| ବିକାଶ ଯୋଗାଯୋଗର ମୌଳିକ ଧାରଣା | ବିକାଶ ପରିପ୍ରେକ୍ଷୀରେ ଯୋଗାଯୋଗ ପଦ୍ଧତି ଏବଂ ଗଣମାଧ୍ୟମର ବ୍ୟବହାର | ବାର୍ତ୍ତାଳାପ ସମ୍ବନ୍ଧୀୟ ପଦ୍ଧତିର ବୃତିଗତ ବ୍ୟବହାର ଅଂଶୀଦାରମାନଙ୍କ ଭାଗିଦାରୀର ମୂଲ୍ୟାଙ୍କନ ଏବଂ ସୁନିଶ୍ଚିତ କରିବା ପାଇଁ |
| ଯୋଗାଯୋଗ ବିଶେଷଜ୍ଞମାନଙ୍କର ମୁଖ୍ୟ ଭୂମିକା | ପରିବର୍ତ୍ତନ ପାଇଁ ପାଠକ/ ଶ୍ରୋତା ଦର୍ଶକମାନଙ୍କୁ ପ୍ରେତ୍ସାହିତ କରିବା ନିମନ୍ତେ ପଦ୍ଧତି ଏବଂ ଗଣମାଧ୍ୟମ ଉତ୍ପାଦ ସମ୍ପର୍କରେ ନିଷ୍ପତି ପ୍ରସ୍ତୁତି/ ସଜ୍ଜୀକରଣ ଏବଂ ବ୍ୟବହାର | ପରିବର୍ତ୍ତନ ପାଇଁ ବାର୍ତ୍ତାଳାପର ସୁବିଧା, ପରିସ୍ଥିତିର ବିଶ୍ଳେଷଣ ଏବଂ ଉପଯୁକ୍ତ ରଣନୀତିର ପ୍ରସ୍ତାବ ଦେବା। |
| ଯୋଗାଯୋଗର ହସ୍ତକ୍ଷେପ ପାଇଁ ସମୟ | ସାଧାରଣତଃ କାର୍ଯ୍ୟକାରୀ କରିବାର ପର୍ଯ୍ୟାୟ, ଯେତେବେଳେ ଉଦ୍ଦେଶ୍ୟଗୁଡ଼ିକ ପୂର୍ବରୁ ନିର୍ଣ୍ଣୟ ହୋଇ ଯାଇଥାଏ | ଉଦ୍ଦେଶ୍ୟ ବ୍ୟାଖ୍ୟା କରାଯିବା ପୂର୍ବରୁ, ପ୍ରକଳ୍ପ ଆରମ୍ଭ ହେବା ସମୟରେ ଶ୍ରେଷ୍ଠତମ ବ୍ୟବହାର |

ଉତ୍ସ: (ଫ୍ରେଇରେ, ପାଓଲୋ ୨୦୦୮, ପୃ.୫୯)

ଏହି ଆଦର୍ଶ/ ପର ଅନ୍ୟ ଏକ ଦୃଷ୍ଟିଭଙ୍ଗୀ ହେଉଛି, ଫ୍ରେଇରେଙ୍କ ଦ୍ୱାରା ମଧ୍ୟ ପ୍ରେରିତ- 'ଅନ୍ୟ ବିକାଶର ଆଦର୍ଶ' କେବଳ ସାମଗ୍ରୀ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରି ନଥାଏ, ମୂଲ୍ୟବୋଧ ଏବଂ ସଂସ୍କୃତି ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଥାଏ (ରିଚାର୍ଡସ, ଥୋମାସ୍ ଏଣ୍ଡ ନୈନ୍,୨୦୦୧)

ଯେତେବେଳେ ବିକାଶ ଯୋଗାଯୋଗ ନେଟୱର୍କରେ କାର୍ଯ୍ୟ କରୁଥିବା କ୍ଷୁଦ୍ର ଗଣମାଧ୍ୟମ ଉପରେ ଏବଂ ଯୋଗାଯୋଗ ଦୃଷ୍ଟିଭଙ୍ଗୀର ତୃଣମୂଳ ସ୍ତରର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ଏହି ତତ୍ତ୍ୱରେ ସମ୍ପ୍ରଦାୟଗୁଡ଼ିକ ପାଇଁ ଯାହା ସେମାନଙ୍କ ପାଇଁ ଉପଯୁକ୍ତ, ତାହା ଗ୍ରହଣ କରିବାର ସୁଯୋଗ ସୃଷ୍ଟି କରିବା ନିମନ୍ତେ ତୃଣମୂଳ ସ୍ତରରେ ସୁଦୃଢ଼ୀକରଣ ଅଧିକ ପରିମାଣରେ ବ୍ୟବହାର କରାଯାଇଥାଏ।

ଏହି ଆଦର୍ଶ/ ପାରାଡାଇମ୍ ସହିତ ସଂଯୋଜିତ ଏକ ମଡେଲ୍ ହେଉଛି ସାମ୍ପ୍ରଦାୟିକ ଗଣମାଧ୍ୟମର ପଦ୍ଧତି। ବର୍କେ (୧୯୯୩) ମଧ୍ୟ ଏହା ଚିହ୍ନଟ କରିଛନ୍ତି ଯେ ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ଆତ୍ମ-ନିର୍ଭରଶୀଳତା ସେମାନଙ୍କର ସ୍ଥାନୀୟ ଯୋଗାଯୋଗରେ ଭାଗିଦାରୀ ମାଧ୍ୟମରେ ହୋଇଥାଏ।

ପାରସ୍ପରିକ ଯୋଗାଯୋଗର ଧାରଣା ପାରମ୍ପରିକ ଗଣମାଧ୍ୟମ ଭଳି କାର୍ଯ୍ୟକାରୀ ଉପକରଣ ସହିତ, ଜ୍ଞାନ ଏବଂ ଦକ୍ଷତା ଅଧିଗ୍ରହଣ କରିବାରେ ସାହାଯ୍ୟ କରିଥାଏ। ସାମ୍ପ୍ରଦାୟିକ ଗଣମାଧ୍ୟମର ଏହି ପଦ୍ଧତିରେ ମୁଖ୍ୟ ଉପାଦାନ ରହିଥାଏ (ସ୍ରାମ୍ପିକାଲ, ୨୦୦୬)

- ଗୋଷ୍ଠୀ ସହିତ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ଆବଶ୍ୟକତାକୁ ଚିହ୍ନଟ କରିବା।
- ସ୍ଥାନୀୟ ପରିସ୍ଥିତି ଆଧାରରେ ଗୋଷ୍ଠୀ ଦ୍ୱାରା ଚିହ୍ନଟ କରାଯାଇଥିବା ସମସ୍ୟାର ଯାଞ୍ଚ କରିବା
- ଗୋଷ୍ଠୀ ଦ୍ୱାରା ପ୍ରାଥମିକ ସମସ୍ୟାକୁ ଚିହ୍ନଟ କରିବା
- ସମାଧାନ ଜାଣିବା ପାଇଁ ଦୀର୍ଘକାଳୀନ ପଦ୍ଧତିର ପ୍ରସ୍ତୁତି
- ଏହି ସୂଚନା ନିକଟରେ ପହଞ୍ଚିବା ପାଇଁ ଯେତିକି ପରିମାଣରେ ସୂଚନା ଆବଶ୍ୟକ, ତାହାକୁ ଚିହ୍ନଟ କରିବା।
- ସେମାନେ ପ୍ରସ୍ତୁତ କରିଥିବା ପ୍ରକଳ୍ପକୁ ଗୋଷ୍ଠୀ ଦ୍ୱାରା ନିଷ୍ପାଦିତ କରିବା
- ଗୋଷ୍ଠୀଗୁଡ଼ିକର ଅନ୍ୟାନ୍ୟ ଗୋଷ୍ଠୀଗୁଡ଼ିକ ପ୍ରତି କିମ୍ବା କର୍ତ୍ତୃପକ୍ଷଙ୍କ ପ୍ରତି ଦୃଷ୍ଟିକୋଣ ଜାଣିବା ପାଇଁ ବାହାର ଆଡ଼କୁ ବିସ୍ତାରିତ କରିବା ଏବଂ
- ଯୋଗଯୋଗ ବ୍ୟବସ୍ଥା ସହିତ ଯୋଗାଯୋଗ କରି ସେମାନଙ୍କର କାର୍ଯ୍ୟକୁ ଜାଣିବା (ବେରିଗାନ୍ ୧୯୮୧)

ବିକାଶ ପ୍ରକଳ୍ପରେ ନୂତନ ଉଦ୍ଭାବନକୁ ସମ୍ପ୍ରଦାୟ ମାଧ୍ୟମରେ ଭାଗିଦାରୀ ବ୍ୟବସ୍ଥା ଜରିଆରେ ଯୋଗାଯୋଗକୁ ସମର୍ଥନ କରିବା ପାଇଁ କ୍ଷୁଦ୍ର ଗଣମାଧ୍ୟମ ଚ୍ୟାନେଲକୁ ବ୍ୟବହାର କରିବା ବର୍ତ୍ତମାନ ଏକ ଧାରଣା ହୋଇଯାଇଛି। ଏହି ପଦ୍ଧତି ବିକାଶ ପ୍ରକଳ୍ପକୁ ସମର୍ଥନ କରିବା ପାଇଁ ଯୋଗାଯୋଗ କାର୍ଯ୍ୟକଳାପ ନିମନ୍ତେ ଯୋଜନା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ।

## ୪.୮: ବିକାଶ ନିମନ୍ତେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି

ବିକାଶ ନିମନ୍ତେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି ଶବ୍ଦ (ଆଇସିଟିଫୋରଡି) ନୂତନ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ବହୁତ ଲୋକପ୍ରିୟ ହେଲା। ମୂଳତଃ, ଏହି ଦୃଷ୍ଟିକୋଣ ବିକାଶ କାର୍ଯ୍ୟକ୍ରମ ପାଇଁ ଡିଜିଟାଲ

ଟେକ୍ନୋଲୋଜି ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି (ଆଇସିଟି) ମାଧ୍ୟମରେ ବ୍ୟବହାରକୁ ବୁଝାଇ ଥାଏ। ଏଭରେଟ୍ ଏମ୍ ରୋଜରସ୍ ଏବଂ ଅରବିନ୍ଦ ସିଂଘଲଙ୍କ ଅନୁସାରେ, 'ସୂଚିତ କରିବା' ହେଉଛି ଯୋଗାଯୋଗର ପ୍ରକ୍ରିୟା ଏବଂ ଯୋଗାଯୋଗ ପ୍ରଯୁକ୍ତି ଦ୍ୱାରା ସାମାଜିକ ପରିବର୍ତ୍ତନ ସମ୍ଭବ, ଯାହା ଏକ ରାଷ୍ଟ୍ରକୁ ଏକ ସୂଚନା ସମାଜ ଦିଗରେ ଅଧିକରୁ ଅଧିକ ଆଗେଇ ନେଇଥାଏ। କମ୍ପ୍ୟୁଟର ସଫ୍ଟୱେର ଇଣ୍ଡଷ୍ଟ୍ରି ଏବଂ ଡିଜିଟାଲ ଇନଫର୍ମେସନ୍ ଆଣ୍ଡ କମ୍ୟୁନିକେସନ ଟେକ୍ନୋଲୋଜି (ଆଇସିଟି) ଜଗତୀକରଣର ଦ୍ରୁତ ଅଭିବୃଦ୍ଧିକୁ ସହାୟତା କରି ତୃତୀୟ ବିଶ୍ୱର ମଧ୍ୟବିତ୍ତ ଶ୍ରେଣୀଙ୍କୁ ବିଶ୍ୱ ବଜାରରେ ପହଞ୍ଚାଇବା ପାଇଁ ସକ୍ଷମ କରୁଛି।

ପ୍ରତ୍ୟେକ ମାଧ୍ୟମର ଏକ ବିକଳ୍ପ ବ୍ୟବହାର ରହିଛି। ଗ୍ରାମାଞ୍ଚଳର ଏକ ସ୍ୱଷ୍ଟ ବହୁସଂଖ୍ୟକ ଲୋକ ଆଇସିଟି ଦ୍ୱାରା ଲାଭବାନ୍ ହୋଇ ପାରିବେ (ପ୍ରସାଦ, ୨୦୦୪)। ଆଇସିଟି ଏନ୍‌ଜିଓମାନଙ୍କୁ ତଥା କାର୍ଯ୍ୟକ୍ଷମ ଗୋଷ୍ଠୀଙ୍କୁ ସେମାନଙ୍କର ବିଚାର ବଣ୍ଟନ କରିବାରେ ଏବଂ ସଚେତନତା ସୃଷ୍ଟି କରିବାରେ, ଲୋକମାନେ ଏବଂ ସେମାନଙ୍କର ଆବଶ୍ୟକତାକୁ ନେଇ ରହିଥିବା ପ୍ରମୁଖ ପ୍ରସଙ୍ଗ ଉପରେ ବିଶେଷ ରୂପେ ଯେଉଁମାନେ ପ୍ରମୁଖ ଗଣମାଧ୍ୟମ ଦ୍ୱାରା ଅଣଦେଖାର ଶିକାର ହେଉଛନ୍ତି, ସେମାନଙ୍କୁ ସାହାଯ୍ୟ କରିପାରିବ। ବିକାଶ ପ୍ରକ୍ରିୟାକୁ ଆକଳନ କରିବା ଏବଂ ଏକ ଦେଶର ଗଣତନ୍ତ୍ରକୁ ଉତ୍ତମ ରୂପେ କାର୍ଯ୍ୟକାରୀ କରିବାରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ସୂଚନାର ଉପଲବ୍ଧତା ଏକ ପ୍ରମୁଖ ଉପାଦାନ ହୋଇଥାଏ। ଗ୍ରାମାଞ୍ଚଳରେ ନିଆଯାଉଥିବା ବିଭିନ୍ନ ପ୍ରକାରର ପଦକ୍ଷେପ ମଧ୍ୟରୁ କୃଷକ, ମାଛଚାଷୀ, ଫ୍ୟାକ୍ଟ୍ରିରେ କାମ କରୁଥିବା ଶ୍ରମିକ ଇତ୍ୟାଦିଙ୍କ ପାଇଁ, ସେମାନଙ୍କ କାର୍ଯ୍ୟକ୍ଷେତ୍ର ସମ୍ବନ୍ଧୀୟ ସଠିକ୍ ଏବଂ ଆବଶ୍ୟକ ସୂଚନା ପାଇବା ପାଇଁ ତଥା ଇଣ୍ଟରନେଟ୍‌କୁ ବ୍ୟବହାର କରି ଯୋଗାଯୋଗ କରିବା ପାଇଁ କମ୍ପ୍ୟୁଟର ସଂଯୋଗ କରାଯାଏ (ରିଚାର୍ଡସନ୍ ୧୯୯୬)।

ତଥାପି ଏହି ପ୍ରକ୍ରିୟାର ସରଳୀକରଣ ଏବଂ ପ୍ରଯୁକ୍ତିର ବ୍ୟବହାର ତଥା ଇଣ୍ଟରନେଟ୍ ବ୍ୟବହାର ନିମନ୍ତେ ସର୍ବନିମ୍ନ କମ୍ପ୍ୟୁଟର ଜ୍ଞାନ ରହିବା ଆବଶ୍ୟକ। ଗ୍ରାମାଞ୍ଚଳର ଲୋକମାନଙ୍କର ସ୍ଥାନ ପରିବର୍ତ୍ତନକୁ ନେଇ ଡାଟାବେସ୍ ସମ୍ବଳ ସଂଗ୍ରହ ପାଇଁ ବ୍ୟବହୃତ ହୋଇଥାଏ, ଯେତେବେଳେ କି ପାରମ୍ପରିକ ଗଣମାଧ୍ୟମ ଏହାକୁ ପ୍ରସାରିତ କରିବା ପାଇଁ ପର୍ଯ୍ୟାପ୍ତ ସହାୟତାର ପ୍ରସ୍ତାବ ଦେଇଥାଏ। ଯଦି ବିକାଶ କର୍ମଚାରୀମାନେ ନିଜକୁ ଏଥିପାଇଁ ବାଛିବେ, ତା'ହେଲେ ଇ-ଜାଇନସ୍, ଇ-ଗ୍ରୁପ୍ସ, ୱେବଲଗ୍ସ ଏବଂ ୱେବ୍‌ସାଇଟ୍ ଗ୍ରାମାଞ୍ଚଳର ବିକାଶ ନିମନ୍ତେ ବ୍ୟବହୃତ ହୋଇ ପାରିବ। ଆଇସିଟିଗୁଡ଼ିକ ସମ୍ପ୍ରସାରିତ ହେବା ସଙ୍ଗେ ସଙ୍ଗେ ଅଧିକାଂଶ ଗବେଷକ ସେମାନଙ୍କର ବିକାଶକୁ ନେଇ ସମ୍ଭାବ୍ୟ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି (ରିଚାର୍ଡସନ୍, ୧୯୯୫, ମାନସେଲ, ଏଣ୍ଡ ୱେନ୍ ୧୯୯୯, ଟାଇନ୍ ୨୦୦୩: ଥିଓୟୁନ୍ ୨୦୦୩, ଲେଫବଭ୍‌ରେ,୨୦୦୪)। ଅଧୁନିକ ସୂଚନା ପ୍ରଯୁକ୍ତିକୁ ନେଇ କୌଣସି ଆଲୋଚନାରେ ଡିଜିଟାଲ ଯନ୍ତ୍ରାଂଶକୁ ନେଇ ସମସ୍ୟା ଉପରେ ମଧ୍ୟ ଆଲୋଚନା କରାଯାଏ, ବିକାଶ ଯୋଗାଯୋଗ ପ୍ରସଙ୍ଗ ଉପରେ ମଧ୍ୟ। (ଇନିଆଙ୍ଗ, ୧୯୯୬)। ନିଃସନ୍ଦେହରେ ଆଜି ମଧ୍ୟ ସୂଚନାକୁ ନେଇ ଦରିଦ୍ର ଏବଂ ଧନୀମାନଙ୍କ ମଧ୍ୟରେ ଏକ ବିଶାଳ ବ୍ୟବଧାନ ରହିଛି। ଏହା କେବଳ ବିକଶିତ ଏବଂ କମ୍ ବିକଶିତ ଦେଶମାନଙ୍କ ମଧ୍ୟରେ ବିଦ୍ୟମାନ ନୁହେଁ, ଏହା ମଧ୍ୟ କମ୍ ବିକଶିତ ରାଷ୍ଟ୍ରମାନଙ୍କ ମଧ୍ୟରେ ରହିଛି।

ରାଓ(୨୦୦୫)ଙ୍କ ମତରେ, ଆଠ ପ୍ରକାରର ଇଂରାଜୀ ସି (ସଂଯୋଗ, ବିଷୟବସ୍ତୁ, ବାଣିଜ୍ୟ, ସଂସ୍କୃତି, କ୍ଷମତା, ସହଯୋଗ ଏବଂ ପୁଞ୍ଜି) କୁ ବ୍ୟବହାର କରାଯାଇପାରିବ ଆଇସିଟିକୁ ସେମାନଙ୍କର ବ୍ୟବହାର ପାଇଁ ଏବଂ ଏକ ଉଦ୍ୟୋଗରେ ବ୍ୟବହାର କରିବା ଅର୍ଥରେ ଏହାକୁ ବିଶ୍ଳେଷଣ କରାଯାଇପାରିବ। ମିଲେନିୟମ୍ ସମିଟ୍ ୨୦୦୦ରେ ଏହା ମଧ୍ୟ ଆଲୋଚିତ ହୋଇଥିଲା ଏବଂ ଶତାବ୍ଦୀର ବିକଶିତ ଲକ୍ଷ୍ୟକୁ ପ୍ରଯୁକ୍ତିଗତ ସହାୟତା ଏବଂ ବିକାଶ ଯୋଗାଯୋଗ ସହିତ ଆନ୍ତଃସଂଯୋଗୀ ପ୍ରଯୁକ୍ତି ମାଧ୍ୟମରେ ଏହା ଲକ୍ଷ୍ୟକୁ ହାସଲ କରାଯାଇପାରିବ ବୋଲି ସମସ୍ତେ ରାଜି ହୋଇଥିଲେ। ତଥାପି ଲୋକମାନଙ୍କର ଆଇସିଟିକୁ ଗ୍ରହଣ ବ୍ୟବହାର କରିବା ଏବଂ ସୂଚନାକୁ ପ୍ରସାରଣ କରିବାର ଦକ୍ଷତା, ବିଶେଷତଃ ଗ୍ରାମାଞ୍ଚଳର ଲୋକମାନଙ୍କ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯିବାରେ ପ୍ରତିବନ୍ଧକ ରହିଛି। (ଚିତ୍ର ୧୧ ଦେଖନ୍ତୁ)




(ଚିତ୍ର ୧୧: ଗରିବ ଲୋକମାନଙ୍କ ଦ୍ୱାରା ଆଇସିଟି ଆଧାରିତ ସୂଚନା ବ୍ୟବହାରରେ ପ୍ରତିବନ୍ଧକ )
ଉତ୍ସ: ମେଲ୍‌କୋଟ ଆଣ୍ଡ ଷ୍ଟିଭେନ୍ସ, ୨୦୧୫, ପିପି-୨୯)

ବିକାଶ ସିଦ୍ଧାନ୍ତ ସହିତ ସମ୍ପର୍କିତ ବିକାଶ ନିମନ୍ତେ ଆଇସିଟି ପାଇଁ ମାନିଓଜେ (୨୦୧୫) ଗଣମାଧ୍ୟମର ତିନିଟି ଦୃଷ୍ଟିଭଙ୍ଗୀ (ବିକାଶ ନିମନ୍ତେ ଗଣମାଧ୍ୟମ, ଗଣମାଧ୍ୟମ ବିକାଶ ଏବଂ ସାମୁଦାୟିକ ଯୋଗାଯୋଗ) ସମ୍ପର୍କରେ ମଧ୍ୟସ୍ଥତା କରିଛନ୍ତି। (ଚିତ୍ର-୧୨) ଆମେ ବିଷୟ ପରିଚୟ ବିଭାଗ ଏବଂ ପରେ ଅନ୍ୟ ବିଭାଗରେ ଗଣମାଧ୍ୟମର ତିନି ପ୍ରକାରର ଦୃଷ୍ଟିଭଙ୍ଗୀ ଏବଂ ପ୍ରମୁଖ ବିକାଶମୂଳକ ସିଦ୍ଧାନ୍ତ ସମ୍ପର୍କରେ ଆଲୋଚନା କରିସାରିଛନ୍ତି।

| ବିକାଶ ସିଦ୍ଧାନ୍ତ ସହିତ ସମ୍ପର୍କିତ ତିନି ପ୍ରକାରର ଦୃଷ୍ଟିଭଙ୍ଗୀ | | | |
|---|---|---|---|
| ବିକାଶମୂଳକ ଚିନ୍ତାଧାରା | ବିକାଶ ନିମନ୍ତେ ଗଣମାଧ୍ୟମ | ଗଣମାଧ୍ୟମ ବିକାଶ | ଭାଗୀଦାରୀ/ ସାମୁଦାୟିକ ଯୋଗାଯୋଗ |
| ଆଧୁନିକୀକରଣ ଆଦର୍ଶ | • ଉପରୁ-ତଳ/ ନିମ୍ନ ପାରମ୍ପରିକ ଦୃଷ୍ଟିକୋଣ ମନୋରଞ୍ଜନ-ଶିକ୍ଷା ନିମନ୍ତେ (ହିତାଧିକାରୀଙ୍କ ସହିତ କୌଣସି ପରାମର୍ଶ ନ କରି) | • ଉପରୁ –ତଳ/ନିମ୍ନ ପର୍ଯ୍ୟନ୍ତ ବାହ୍ୟ ରୂପରେ ସଂଚାଳିତ ଏବଂ ଅନୁଦିତ ହୋଇଥିବା ସଂସ୍ଥାଗତ, ପ୍ରଯୁକ୍ତିଗତ ଭାବେ ନିର୍ଣ୍ଣୟକାରୀ<br>• ପାଶ୍ଚାତ୍ୟ ଗଣମାଧ୍ୟମ ବ୍ୟବସ୍ଥା, ଢାଞ୍ଚା ଏବଂ ବୃତ୍ତିଗତ ମୂଲ୍ୟର ଆନୁପାତିକ ଭାବେ ବୃଦ୍ଧି/ ହ୍ରାସକୁ ମାପିବା ଉପରେ ଗୁରୁତ୍ୱ ପ୍ରଦାନ | • ଉପରୁ-ତଳ ବ୍ୟବସ୍ଥା ଏବଂ ଦୃଷ୍ଟିକୋଣ<br>• ସଂସ୍ଥାଗତଭାବେ, ମହତ୍ୱପୂର୍ଣ୍ଣ ପଦକ୍ଷେପ |
| ନିର୍ଭରଶୀଳ ଆଦର୍ଶ | • ବର୍ତ୍ତମାନ ସୁଦ୍ଧା ଉପରୁ-ତଳ- କିନ୍ତୁ ବର୍ତ୍ତମାନ ସୀମିତ ଦର୍ଶକ/ ପାଠକ, ଶ୍ରୋତାମାନଙ୍କର ସ୍ୱରକୁ ଏବଂ ଦୃଷ୍ଟିଭଙ୍ଗୀକୁ କବ୍‌ଜା କରିବା/ ହାତେଇବା ଆରମ୍ଭ କରିଛି ନିର୍ମାଣାତ୍ମକ ଗବେଷଣାର ପୂର୍ବ ପରୀକ୍ଷଣ କରି | • ଉପରୁ –ତଳ /ନିମ୍ନ ପର୍ଯ୍ୟନ୍ତ ବାହ୍ୟ ରୂପରେ ସଂଚାଳିତ ଏବଂ ଅନୁଦିତ କିନ୍ତୁ ଗଣମାଧ୍ୟମ ନୀତି ପ୍ରସ୍ତୁତ କରିବା, ଜନସାଧାରଣଙ୍କ ପାଇଁ ପ୍ରସାରଣକୁ ଅଧିକ କରିବ କ୍ଷେତ୍ରରେ ଜନସାଧାରଣଙ୍କ ସହ ପରାମର୍ଶ କରିବା | • ଚିକିତ୍ସା ସମ୍ବନ୍ଧୀୟ ଭାଗୀଦାରୀତା<br>• ସର୍ବନିମ୍ନ ପରାମର୍ଶ ବ୍ୟବସ୍ଥା ଭିତରେ, ସଂସ୍ଥାଗତ ଦୃଷ୍ଟିକୋଣ ସମୂହ |
| ବହୁମୁଖୀ ଉଦାହରଣ | • ଅଂଶୀଦାର/ଯୋଗଦାନ କାର୍ଯ୍ୟକଳାପ ସହିତ ଉପରୁ-ତଳ ପର୍ଯ୍ୟନ୍ତ ଦୃଷ୍ଟିକୋଣ ସହିତ ଏକାଠି ହୋଇ | • ଉପରୁ –ତଳ ସହିତ ତଳୁ-ଉପର ପର୍ଯ୍ୟନ୍ତ ଏକାଠି ହୋଇ<br>• ଯୋଗାଯୋଗର ଗଣତନ୍ତ୍ରକରଣ (ସମୁଦାୟିକଗଣମାଧ୍ୟମ)<br>• ବିକାଶନିମନ୍ତେ ଆଇସିଟିର ଅଭ୍ୟୁଦୟ ଯାହା ଭାଗୀଦାରୀତାରୁ ପ୍ରବେଶରେ ଉନ୍ନତ ଆଣିଛି | • କ୍ଷମତା ପ୍ରାପ୍ତ<br>• ଗବେଷକମାନଙ୍କ ର ଏକୀକରଣ<br>• ସ୍ଥାନୀୟ ମାଲିକାନା ଏବଂ ଯୋଗାଯୋଗ/ ଯୋଗଦାନ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ |

(ଚିତ୍ର-ଉତ୍ସ, ମାନ୍ୟୋଜୋ, ୨୦୧୧-ପିପି

ତ୍ରୁଟି ସତ୍ତ୍ୱେ, ଗଣମାଧ୍ୟମ ଏବଂ ଆଇସିଟି ବିକାଶ ଯୋଗାଯୋଗ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ। ଇଣ୍ଟରନେଟ୍ ଭଳି ପ୍ରଯୁକ୍ତି ତଥା ଅତ୍ୟାଧୁନିକ ଗଣମାଧ୍ୟମ କମ୍ୟୁନିଟି/ ସାମୁଦାୟିକ ରେଡିଓ ଏବଂ ଭାଗୀଦାରୀ ଭିଡିଓ ବିକାଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଲୋକମାନଙ୍କୁ ବ୍ୟସ୍ତ ରଖିଥାଏ। ଏହି ସବୁ ପ୍ରଯୁକ୍ତି ସମୂହ ମଧ୍ୟ ସମାଜର ବଞ୍ଚିତ ତଥା ବିଶେଷ ଭାଗର ଲୋକମାନଙ୍କୁ ମଧ୍ୟ ସଶକ୍ତ କରିବାରେ ସାହାଯ୍ୟ କରିଥାଏ।

## ୪.୯: ଆସ ପ୍ରଗତି ମାପିବା

୧. ବିକାଶ ଯୋଗାଯୋଗର ମୁଖ୍ୟ ନିୟମଗୁଡ଼ିକ କ'ଣ ?

---------------------------------------------------------------------

---------------------------------------------------------------------

---------------------------------------------------------------------

---------------------------------------

୨. ଆଇସିଟି ସମ୍ପର୍କରେ ଏକ ସଂକ୍ଷିପ୍ତ ନୋଟ୍ ଲେଖ।

---------------------------------------------------------------------

---------------------------------------------------------------------

---------------------------------------------------------------------

---------------------------------------

୩. ବିଶ୍ୱ ବ୍ୟାଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ବିଭିନ୍ନ ପ୍ରକାରର ଭାଗୀଦାରୀତା କଣ ?

---------------------------------------------------------------------

---------------------------------------------------------------------

---------------------------------------------------------------------

---------------------------------------

## ଅଧିକ ଜାଣିବା ପାଇଁ

### ସହାୟକ ଗ୍ରନ୍ଥସୂଚୀ


୧. ବର୍ଗଡାଲ୍, ଡି (୧୯୯୩) ମେଥଡସ୍ ଫର ଆକ୍ଟିଭ୍ ପାର୍ଟିସିପେସନ୍: ଏକ୍ସପେରିଏନ୍ସ ଇନ୍ ରୁରାଲ ଡେଭଲେପମେଣ୍ଟ ଫ୍ରମ ଇଷ୍ଟ ଆଣ୍ଡ ସେଂଟ୍ରାଲ୍ ଆଫ୍ରିକା ନାଇରୋବି: ଅକ୍ସଫୋର୍ଡ ୟୁନିଭରସିଟି ପ୍ରେସ୍

୨. ବେରିଗାନ୍ ଏଫ୍.ଜେ (୧୯୮୧). କମ୍ୟୁନିଟି କମ୍ୟୁନିକେସନ୍ସ: ଦି ରୋଲ୍ ଅଫ୍ କମ୍ୟୁନିଟି ମିଡିଆ ଇନ୍ ଡେଭଲେପମେଣ୍ଟ ପ୍ୟାରିସ୍: ୟୁନେସ୍କୋ

୩. ବ୍ରାଇଡୋଟି.ଆର.ଇ.ଚାର୍କିୱିକ୍.ଏସ. ହୁସଲର୍ ଏଣ୍ଡ ଏସ୍, ୱେରିଙ୍ଗା (୧୯୯୪), ୱିମେନ୍, ଦି ଏନ୍‌ଭର୍ଣ୍ଣମେଂଟ ଆଣ୍ଡ ସଷ୍ଟେନ୍‌ବଲ୍ ଡେଭଲେପମେଣ୍ଟ . ଲଣ୍ଡନ: ଜେଡ୍ ବୁକ୍ସ

୪. ବୁର୍କେ, ଏମ୍ (୧୯୯୩) ପିପୁଲ୍ ଫାଷ୍ଟ: ଏ ଗାଇଡ୍ ଟୁ ସେଲ୍ଫ ରେଲିଆ, ପାର୍ଟିସିପେଟୋରୀ ରୁରାଲ୍ ଡେଭଲେପମେଣ୍ଟ , ଲଣ୍ଡନ: ଜେଡ୍ ବୁକ୍ସ।

୫. ଡେଭିସ୍ ଡ: ଆଣ୍ଡ ଏସ୍ ବାରାନ୍ (୧୯୮୧). ମାସ୍ କମ୍ୟୁନିକେସନ୍ ଆଣ୍ଡ ଏଭ୍ରିଡେ ଲାଇଫ୍: ଏ ପରସ୍‌ପେକଟିଭ୍ ଅନ୍ ଥିଓରି ଆଣ୍ଡ ଇଫେକ୍ଟସ୍. କାଲିଫର୍ଣ୍ଣିଆ: ୱାଡସ୍‌ଓର୍ଥ ପବ୍ଲିସିଙ୍ଗ

୬. ଡୁଡଲେ, ଇ (୧୯୯୩). ଦ କ୍ରିଟିକାଲ ଭିଲେଜର୍: ବିୟଣ୍ଡ କମ୍ୟୁନିଟି ପାର୍ଟିସିପେସନ୍. ଲଣ୍ଡନ: ରାଉଟ୍‌ଲେଜ୍

୭. ଫ୍ରେଇରେ, ପାଇଲୋ (୨୦୦୮), ରିଫ୍ଲେକ୍‌ସନ୍ସ ଅନ୍ ଦ ଥିଓରି ଆଣ୍ଡ ପ୍ରାକ୍ଟିସ୍ ଅଫ୍ ଡେଭଲପ୍‌ମେଂଟ କମ୍ୟୁନିକେସନ୍; ଡେଭଲପ୍‌ମେଂଟ କମ୍ୟୁନିକେସନ୍ ର୍ସୋସ ବୁକ୍ . ୱାସିଙ୍ଗଟନ୍ ଡିସି: ଦ ୱାର୍ଲ୍ଡ ବ୍ୟାଙ୍କ

୮. ଇନ୍‌ୟାଙ୍ଗ, ଏସ୍(୧୯୯୬). ଷ୍ଟକ୍ ଇନ୍ ଦ ରୁଟ୍‌ସ ଅନ୍ ଦ ଇନର୍ଫରମେସନ୍ ସୁପରହାଇୱେ. କେରିସ୍: ଦ ଫାସ ରିଭ୍ୟୁ,୨୫(୨)

୯. କାମରା, ଏସ. ଏଣ୍ଡ ଡେଙ୍କାବ୍, ଏ(୧୯୯୩). ଏ ହ୍ୟାଣ୍ଡବୁକ୍ ଅନ୍ ପାର୍ଟିସିପେଟୋରୀ ଆପ୍ରୋଚ୍ ଟୁ ଟ୍ରେନିଙ୍ଗ. ଭଲ୍ୟୁମ୍ ୧. ପ୍ରୋଜେକ୍ଟ ପ୍ଲାନିଙ୍ଗ, ମ୍ୟାନେଜ୍‌ମେଂଟ ଆଣ୍ଡ ଆନିମେସନ୍. ଆକ୍ରା: ଫ୍ରିଡମ୍ ପବ୍ଲିକେସନ୍ସ.

୧୦. କାଜ୍, ଏଲିଜୁ ଏବଂ ପି.ଲାଜର୍ସ ଫେଲ୍‌ଡ (୧୯୫୫)ପର୍ସନାଲ ଇନ୍‌ଫ୍ଲୁଏନ୍ସ. ନ୍ୟୁୟର୍କ: ଫ୍ରି ପ୍ରେସ୍

୧୧. କ୍ଲାପର, ଜେ.ଟି. (୧୯୬୦). ଦି ଇଫେକ୍ଟସ ଅଫ ମାସ୍ କମ୍ୟୁନିକେସନ୍ ଫ୍ରି ପ୍ରେସ୍।

୧୨. ଲାସୱେଲ୍, ଏଚ୍. ଡି (୧୯୪୮). "ଦ ଷ୍ଟ୍ରକଚର୍ ଅଫ୍ କମ୍ୟୁନିକେସନ୍ ଇନ୍ ସୋସାଇଟି." ଇନ୍ ଦ କମ୍ୟୁନିକେସନ୍ ଅଫ୍ ଆଇଡିଆଜ୍, ଏଲ. ବ୍ରାୟସନ୍. ନ୍ୟୁୟର୍କ: ହାରପର ଆଣ୍ଡ ବ୍ରଦର୍ସଙ୍କ ଦ୍ୱାରା ସମ୍ପାଦିତ

୧୩. ଲିଫେବ୍‌ଭରେ, ଇ (୨୦୦୪). ଇନଫରମେସନ୍ ଆଣ୍ଡ କମ୍ୟୁନିକେସନ୍ ଟେକ୍ନୋଲୋଜିଜ୍ ଫର୍ ଡେଭଲପ୍‌ମେଂଟ ଇନ୍ ଆଫ୍ରିକା. ଭଲ୍ୟୁମ୍ ୪. ଦ ଇମ୍ପାକ୍ଟ ଅଫ୍ ଦେୟାର ଆଡପସନ୍ ଅନ୍ ସ୍ମଲ ଆଣ୍ଡ ମିଡିୟମ-ସିଜ୍‌ଡ୍‌ଏଂଟରପ୍ରାଇଜେସ୍. ଓଟୱା:ଆଇଡିଆର୍‌ସି.

୧୪. ଲର୍ଣ୍ଣର, ଡି. ୧୯୫୮, ଦି ପାସିଂ ଅଫ୍ ଟ୍ରାଡିସନାଲ ସୋସାଇଟି, ନ୍ୟୁୟର୍କ: ଫ୍ରି ପ୍ରେସ୍

୧୫. ମାନସେଲ, ଆର୍ ଏବଂ ୱେନ୍,ୟୁ (୧୯୯୮). ନଲେଜ୍ ସୋସାଇଟିଜ୍: ଇନଫରମେସନ୍ ଟେକ୍ନୋଲୋଜି ଫର୍ ସସ୍‌ଟେନେବଲ୍ ଡେଭଲେପମେଂଟ. ନ୍ୟୁୟର୍କ: ଅକ୍ସଫୋର୍ଡ ୟୁନିଭରସିଟି ପ୍ରେସ୍.

୧୬.		ମାନିଓଜେ, ଲିନ୍‌ଜେ (୨୦୧୨), ମିଡିଆ, କମ୍ୟୁନିକେସନ୍ ଆଣ୍ଡ ଡେଭଲେପମେଣ୍ଟ୍ ନିଉଦିଲ୍ଲୀ, ଇଣ୍ଡିଆ, ସେଜ୍ ପବ୍ଲିକେସନ୍
୧୭.		ମ୍ୟାକ୍ମାଇକେଲ୍ ପି, ୧୯୯୬ ଡେଭଲେପମେଣ୍ଟ୍ ଆଣ୍ଡ ସୋସିଆଲ୍ ଚେଞ୍ଜ: ଏ ଗ୍ଲୋବାଲ୍ ପ୍ରସ୍‌ପେକ୍ଟିଭ୍, ଥାଉଜାଣ୍ଡ ଓକ୍ସ, ସିଏ: ପାଇନ୍ ଫର୍ଜ ପ୍ରେସ୍.
୧୮.		ମେଲ୍‌କୋଟ୍. ଏସ୍.ଆର, ଆଣ୍ଡ ଏଚ୍. ଏଲ୍ ଷ୍ଟିଭେନ୍ସ, ୨୦୦୧, ଡେଭଲେପମେଣ୍ଟ୍ କମ୍ୟୁନିକେସନ୍ ଇନ୍ ଥାର୍ଡ ୱାର୍ଲ୍ଡ, ନିଉଦିଲ୍ଲୀ ଇଣ୍ଡିଆ, ସେଜ୍ ପବ୍ଲିକେସନ୍ସ
୧୯.		ମେଲ୍‌କୋଟ୍, ଏସ୍.ଆର୍, ଆଣ୍ଡ ଏଚ୍.ଏଲ୍. ଷ୍ଟିଭେନ୍ସ, ୨୦୧୫ କମ୍ୟୁନିକେସନ୍ ଫର ଡେଭଲେପମେଣ୍ଟ୍, ଥିଓରି ଆଣ୍ଡ ପ୍ରାକ୍ଟିସେସ୍ ଫର ଏମ୍ପାୱାରମେ ଆଣ୍ଡ ସୋସିଆଲ ଜଷ୍ଟିସ୍, ନିଉଦିଲ୍ଲୀ, ଇଣ୍ଡିଆ, ସେଜ୍ ପବ୍ଲିକେସନ୍ସ.
୨୦.		ନରୁଲା, ଉମା (୧୯୯୪) ଡେଭଲେପମେଣ୍ଟ୍ କମ୍ୟୁନିକେସନ୍-ଥିଓରି ଆଣ୍ଡ ପ୍ରାକ୍ଟିସ୍, ହର-ଆନନ୍ଦ ପବ୍ଲିକେସନ୍ସ-ଇଣ୍ଡିଆ।
୨୧.		ଓଟିସିନା, ଏଜ୍, ଏ.ଆଣ୍ଡ ରୋଜେନବର୍ଗ, ଡି.ବି (୧୯୯୭) ପାର୍ଟିସିପେସନ୍ ଆଣ୍ଡ ଦି କମ୍ୟୁନିସେନ୍ ଅଫ ଡେଭଲେପମେଣ୍ଟ୍ ଇନ୍‌ଫର୍ମେସନ୍; ଏ ରିଭ୍ୟୁ ଆଣ୍ଡ ରିଆପ୍ରାଇଜାଲ୍, ଇନ୍‌ଫର୍ମେସନ୍ ଡେଭଲେପମେଣ୍ଟ୍ , ୧୩(୨), ୮୯-୯୨
୨୨.		ପ୍ରସାଦ, କେ ୯୨୦୦୪) ଇନ୍‌ଫର୍ମେସନ ଆଣ୍ଡ କମ୍ୟୁନିକେସନ୍ ଟେକ୍ନୋଲୋଜି: ରିକାଷ୍ଟିଂ ଡେଭଲେପମେଣ୍ଟ୍ ଦିଲ୍ଲୀ, ବିଆର୍‌ପିସି
୨୩.		ରାଓ, ଏମ୍ (୨୦୦୫) “ଦି ଇନ୍‌ଫର୍ମେସନ ସୋସାଇଟି: ଭିଜନ ଆଣ୍ଡ ରିଅଲିଟିଜ୍ ଇନ୍ ଡେଭଲପିଙ୍ଗ କଂଟ୍ରିଜ୍” ଇନ୍ ମେଡିଆ ଆଣ୍ଡ ଗ୍ଲୋବାଲ୍ ଚ୍ୟାଲେଞ୍ଜ: ରିଥିଙ୍କିଂ କମ୍ୟୁନିକେସନ୍ ଫର ଡେଭଲେପମେଣ୍ଟ୍, ଓ. ହେମେର ଏବଂ ଟି. ଟ୍ୟୁଫଟ୍‌ଙ୍କ ଦ୍ୱାରା ସମ୍ପାଦିତ, ସ୍ୱିଡେନ୍: ନର୍ଡେନ୍
୨୪.		ରିଚାର୍ଡ, ଏମ୍. ଥୋମାସ୍, ପି. ଏନ୍.ନୈନ, ଜେଡ୍ (୨୦୦୧) କମ୍ୟୁନିକେସନ ଆଣ୍ଡ ଡେଭଲେପମେଣ୍ଟ୍: ଦି ଫ୍ରେରିଆନ୍ କନେକ୍ସନ, କ୍ରେସ୍କିଲ୍, ଏନ୍‌ଜେଡ୍: ହାମ୍ପଟନ୍ ପ୍ରେସ୍
୨୫.		ରିଚାର୍ଡସନ୍, ଡି. (୧୯୯୫, ମାର୍ଚ୍ଚ) କମ୍ୟୁନିଟି ଇଲେକ୍ଟ୍ରୋନିକ୍ ନେଟୱର୍କ୍ସ: ଶ୍ରେରିଂ ଲେସନ୍ସ ଲର୍ଣ୍ଣଡ ଇନ୍ କାନାଡା ୱିଥ ଆୱାର ଆଫ୍ରିକାନ୍ କଲିଗସ୍, କମ୍ୟୁନିକେସନ୍ ଆଫ୍ରିକା ଆଣ୍ଡ ଇନ୍‌ଫର୍ମେସନ ହାଇୱେ ମ୍ୟାକ୍‌ବ୍ରାଇଡ ଗୋଲ୍ ଟେବୁଲ୍ ବୈଠକରେ ଉପସ୍ଥାପିତ ହୋଇଥିବା କାଗଜପତ୍ର, ଟ୍ୟୁନିସ୍, ଟ୍ୟୁନିସିଆ
୨୬.		ରିଚାର୍ଡସନ୍, ଡି (୧୯୯୬, ଜୁନ୍) ଫ୍ରମ୍ ଦି ଗ୍ରାଉଣ୍ଡ ଅପ୍ କାନାଡା, ଅଣ୍ଟାରିଓ ଠାରେ କିପରି ଏକ ସମ୍ପ୍ରଦାୟ ବିକାଶ ଦୃଷ୍ଟିଭଙ୍ଗୀ ୱେଲିଂଟନ୍ କଣ୍ଟି ଫ୍ରିନ୍ସେସ୍ କମ୍ୟୁନିଟି ନେଟୱର୍କ ଗଠନ କଲା, କାନ୍‌କୁନ୍, ମେକ୍ସିକୋ ଠାରେ ଅନୁଷ୍ଠିତ କୃଷି ସମ୍ମିଳନୀରେ ଉପସ୍ଥାପନ
୨୭.		ରୋଜର୍ସ, ଏଭରେଟ୍ ଏମ୍ (୧୯୬୨) ଡିଫ୍ୟୁଜନ୍ ଅଫ୍ ଇନୋଭେସନ୍ସ ନ୍ୟୁୟର୍କ: ଫ୍ରି ପ୍ରେସ୍

୨୮.	ସର୍ଭେସ୍, ଜେ.୧୯୯୧ " ଟୁ ଆର୍ଡସ ଏ ନ୍ୟୁ ପରସେପଟିଭ୍ ଫର୍ କମ୍ୟୁନିକେସନ୍ ଆଣ୍ଡ ଡେଭଲେପମେଣ୍ଟ୍ " ଇନ୍ କମ୍ୟୁନିକେସନ ଇନ୍ ଡେଭଲେପମେଣ୍ଟ୍ , ଏଫ୍, ଏଲ୍, କାଶ୍ମୀର, ୫୧-୮୬, ନରଓଡ୍, ଏନ୍‌ଜେ, ଆବଲେକ୍ସ

୨୯.	ସିଂଘଲ୍, ଏ ଆଣ୍ଡ ରୋଜର୍ସ, ଇ. ଏମ୍ (୨୦୦୧) ଇଣ୍ଡିଆଜ୍ କମ୍ୟୁନିକେସନ୍ ରିଭୋଲ୍ୟୁସନ୍ ଫର୍ମ ବୁଲକ୍ କାର୍ଟସ ଟୁ ସାଇବର ମାର୍ଟସ, ନିଉଦିଲ୍ଲୀ, ସେଜ୍ ପବ୍ଲିକେସନ୍ସ

## ଆସ ପ୍ରଗତି ମାପିବାର ଉତ୍ତରସମୂହ

୧.୧.	୧୯୭୦ ମସିହାରେ ବିକାଶର ରାଜନୈତିକ-ଅର୍ଥନୈତିକ ପ୍ରସଙ୍ଗ ଆଧୁନିକୀକରଣ ପାଇଁ ଉତ୍ତମ ବିକଳ୍ପ ଭାବେ ବିଚାର କରାଗଲା ଏବଂ ଅଧୁନିକୀକରଣ ପାରାଡାଇମ୍ /ଉଦାହରଣକୁ ଦୃଢ଼ ବିରୋଧ ପରେ ଏକ ବିକଳ୍ପ ସିଦ୍ଧାନ୍ତମୂଳକ ମଡେଲ୍, ନିର୍ଭରଶୀଳ ସିଦ୍ଧାନ୍ତ/ ଡିପେଣ୍ଡେନ୍ସି ଥିଓରି ଉପରେ ଆଧାରିତ ଏହି ମଡେଲ୍ କାର୍ଯ୍ୟ କରିଥାଏ।

(ଅଧିକ ତଥ୍ୟ ପାଇଁ ୟୁନିଟ୍-୧ ଦେଖନ୍ତୁ)

୧.୨.	ଯେଉଁ ସମସ୍ୟାଗୁଡିକୁ ଆମେମାନେ ଉଚିତ୍ ରୂପରେ ସମ୍ବୋଧିତ କରିନଥିଲେ, ଯାହା ଉଦୀୟମାନ ଉଦାହରଣ/ ଏମର୍ଜିଂ ପାରାଡାଇମ୍‌ର ଅଭ୍ୟୁଦୟକୁ ଆଗେଇ ନେଇଥିଲା, ସେହି ମଡେଲ୍ ରାଜନୈତିକ- ଅର୍ଥନୈତିକ ଦିଗ ଆଡକୁ କମ୍ ଉନ୍ମୁଖ ହୋଇଥଏ ଏବଂ ବିକାଶର ସାଂସ୍କୃତିକୀ ଯଥାର୍ଥତା ସହିତ ତାହାର ମୂଳ ଯୋଡି ହୋଇ ରହିଥାଏ, ଯାହା ଲୋକମାନଙ୍କର ଭାଗୀଦାରୀତା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ଧୀରେ ଧୀରେ ଅର୍ଥନୈତିକ ପ୍ରସଙ୍ଗରୁ ସାମାଜିକ ପ୍ରସଙ୍ଗ ଆଡକୁ ଏହା ପରିବର୍ତ୍ତିତ ହୋଇଥାଏ। (ଅଧିକ ତଥ୍ୟ ପାଇଁ ୟୁନିଟ୍-୧ ଦେଖନ୍ତୁ)

୧.୩.	ଏକ ଉତ୍ତମ ବ୍ୟାଖ୍ୟା ସମ୍ପନ୍ନ ବିକଶିତ ଗଣମାଧ୍ୟମ ଏବଂ ଅନ୍ତଃ ପାରସ୍ପରିକ ଯୋଗାଯୋଗ ଭିତିଭୂମି ବିକାଶ ଯୋଗାଯୋଗ ନିମନ୍ତେ ଆବଶ୍ୟକ ହୋଇଥାଏ। ଏହା ଆବଶ୍ୟକ ଯେ,ଏହି ଭିତିଭୂମିଗୁଡିକ ଉଭୟ ଭୌତିକ ରୂପରେ ଏବଂ ସାମାଜିକ ରୂପରେ ଲୋକମାନଙ୍କ ଦ୍ୱାରା ବ୍ୟବହୃତ ହେବା ଦରକାର/ ପାଖରେ ପହଂଚିବା ଦରକାର।

(ଅଧିକ ତଥ୍ୟ ପାଇଁ ୟୁନିଟ୍ -୧ ଦେଖନ୍ତୁ)

୨.୧. ଡିଫ୍ୟୁଜନ ଅଫ୍ ଇନୋଭେସନ୍ ମଡେଲ୍/ ନୂତନତ୍ୱର ପ୍ରସାରଣର ଚାରୋଟି ଉପାଦାନ ନିମ୍ନରେ ପ୍ରଦାନ କରାଗଲା।

(କ) ନୂତନତ୍ୱ /ଉଦ୍ଭାବନ- ରୋର୍ଜସ (୨୦୦୫) ନୂତନତ୍ୱକୁ ବ୍ୟାଖ୍ୟା କରିଛନ୍ତି ଯେ "ନୂତନତ୍ୱ ଏକ ବିଚାର, ଅଭ୍ୟାସ କିମ୍ବା ବସ୍ତୁ ଯାହାକୁ ବ୍ୟକ୍ତି ଦ୍ୱାରା କିମ୍ବା ଗ୍ରହଣ କରିବାର ଅନ୍ୟାନ୍ୟ ଏକକ ଦ୍ୱାରା ନୂଆ ବୋଲି ଧରି ନିଆଯାଏ"। ପ୍ରଥମ ଥର ପାଇଁ ଏକ ଉତ୍ତମ ରୂପେ ସ୍ଥାପିତ ଅଭ୍ୟାସକୁ 'ନୂତନ' ଭାବେ ଧରି ନିଆଯାଇପାରେ ଏବଂ ସେହି ନିର୍ଦ୍ଦିଷ୍ଟ ଗୋଷ୍ଠୀର ବ୍ୟକ୍ତି ବିଶେଷଙ୍କ ପାଇଁ ଏକ ନୂତନତ୍ୱ ହୋଇପାରେ। ରୋଜର୍ସଙ୍କ କହିବା ଅନୁସାରେ, "ନୂତନତ୍ୱ ଗ୍ରହଣ କରିବା ନିମନ୍ତେ ପ୍ରୋତ୍ସାହନ କିମ୍ବା ନିଷ୍ପତିକୁ ବୁଝାଇପାରେ।

(ଖ) ଯୋଗାଯୋଗର ମାଧ୍ୟମ

ବିଚାରକୁ ସମ୍ପ୍ରସାରିତ କରିବା ଏବଂ ସୂଚନାର ଆଦାନପ୍ରଦାନ କରିବା ପାଇଁ ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ରୋଜର୍ସଙ୍କ (୨୦୦୫) ଦ୍ୱାରା ଯାହା ବ୍ୟାଖ୍ୟା କରାଯାଇଛି, ସେହି ଅନୁସାରେ, "ଯୋଗାଯୋଗ

ହେଉଛି ସେହି ପ୍ରକ୍ରିୟା, ଯାହା ଦ୍ୱାରା ଭାଗୀଦାର ମାନେ ଏକ ପାରସ୍ପରିକ ବୁଝାମଣାରେ ପହଞ୍ଚିବା ପାଇଁ ସୂଚନା ସୃଷ୍ଟି କରିଥାନ୍ତି ଏବଂ ବଣ୍ଟନ କରିଥାନ୍ତି।"

(ଗ) ସମୟ-: ପ୍ରସାର ଗବେଷଣାକୁ ଅଧ୍ୟୟନ କରିବା ପାଇଁ ସମୟ ଏକ ଗୁରୁତ୍ୱପୂର୍ଣ୍ଣ କାରକ ହୋଇଥାଏ। ସମୟ ପ୍ରସାର ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥାଏ, ସେଗୁଡ଼ିକ ହେଉଛି

- ନବୋନ୍ମେଷ ନିଷ୍ପତ୍ତି ପ୍ରକ୍ରିୟା
- ବ୍ୟକ୍ତିଗତ ଅଭିନବତା, ଅର୍ଥାତ୍ ଜଣେ ବ୍�ୟକ୍ତି ପାଇଁ ନୂତନ ଜିନିଷକୁ ଗ୍ରହଣ /ଅଗ୍ରାହ୍ୟ କରିବା ନିମନ୍ତେ ଅନ୍ୟମାନଙ୍କ ତୁଳନାରେ ନିଆଯାଇଥିବା ସମୟ; ଏବଂ
- ନବୋନ୍ମେଷ/ ନୂତନତ୍ୱକୁ ଗ୍ରହଣ କରିବାର ହାର

(ଘ) ସାମାଜିକ ବ୍ୟବସ୍ଥା

ଏକ ସାମାଜିକ ବ୍ୟବସ୍ଥାର ଏକ ନିର୍ଦ୍ଦିଷ୍ଟ ଢାଞ୍ଚା ରହିଥାଏ, ଯାହାକୁ (ରୋଜର୍ସ, ୨୦୦୫,ପୃ-୨୫) ରେ ଏକ ଏକକ ସମୂହର ନମୁନା ବ୍ୟବସ୍ଥା ବୋଲି ବ୍ୟାଖ୍ୟା କରିଛନ୍ତି। ଏଥିପାଇଁ / ତେଣୁ ଏହା ସ୍ପଷ୍ଟ ଯେ ନୂତନତ୍ୱର ପ୍ରସାର ଏବଂ ଗ୍ରହଣ ବହୁତ ପରିମାଣରେ ସାମାଜିକ ବ୍ୟବସ୍ଥା ଦ୍ୱାରା ଏବଂ ବ୍ୟବସ୍ଥାର ବ୍ୟକ୍ତିଗତ ଏକକ ଦ୍ୱାରା ବହୁ ପରିମାଣରେ ପ୍ରଭାବିତ ହୋଇଥାଏ। (ଅଧିକ ଜାଣିବା ପାଇଁ ୟୁନିଟ୍-୨ ଦେଖନ୍ତୁ)

୨.୨: ରୋଜର୍ସଙ୍କର ଡିଫ୍ୟୁଜନ୍ ଅଫ ଇନୋଭେସନ୍/ ନୂତନତ୍ୱର ପ୍ରସାର ମଡେଲ୍ ଉପରେ ଏକ ସଂକ୍ଷିପ୍ତ ଉତର ଲେଖ।

ଉତର: ଲୋକମାନଙ୍କର ନିର୍ଦ୍ଦିଷ୍ଟ ବ୍ୟବହାରରେ ପରିବର୍ତ୍ତନ ନିମନ୍ତେ ଗଣମାଧମ ଯୋଗାଯୋଗ ଏବଂ ପଦ୍ଧତିକୁ ବ୍ୟବହାର କରିବା ଉଦ୍ଦେଶ୍ୟ ନେଇ ପ୍ରସାର ଆଧୁନିକୀକରଣ ଉଦାହରଣ ପାରାଡାଇମ୍‌ରେ ଚେର ଧରିଥିଲା। ପ୍ରସାରର ଦୃଷ୍ଟିଭଙ୍ଗୀ ବିଶ୍ୱାସ କରେ ଯେ ଉନ୍ନତି ବ୍ୟକ୍ତିର ମନୋଭାବରେ ପରିବର୍ତ୍ତନ ଦ୍ୱାରା ହାସଲ କରି ହେବ। ଏହି ଉପାୟ ଭାଗୀଦାରୀ ମଡେଲ୍ ସହିତ ସଂଯୋଗ, ଏହା ପରିବର୍ତ୍ତେ ଏହା ସ୍ୱୀକାର କର ଯେ ସମାନ ବାସ୍ତବତା ପାଇଁ ବିଭିନ୍ନ ନିର୍ମାଣ ରହିପାରେ। କୌଣସି ଗୋଟିଏ ଦଳର ଚରମ ସତ୍ୟ ନଥାଏ, ବରଂ ଯୋଗାଯୋଗ ମାଧମରେ ଅନେକ ବାସ୍ତବତାକୁ ପୁନଃ ସମନ୍ୱୟ କରିବା ଆବଶ୍ୟକ ହୋଇଥାଏ। ଏହି ସିଦ୍ଧାନ୍ତମୂଳକ ଢାଞ୍ଚା ଗଠନମୂଳକ ଦୃଷ୍ଟିକୋଣରୁ ବଢ଼ିଥାଏ ଏବଂ ଅନେକ ନିହିତାର୍ଥ ଧାରଣ କରିଥାଏ। (ଅଧିକ ଜାଣିବା ପାଇଁ ଦ୍ୱିତୀୟ ଏକକ ଦେଖନ୍ତୁ)

୨.୩: ବିକାଶ ପ୍ରସଙ୍ଗ ଏବଂ ଉପପ୍ରସଙ୍ଗ ଗୁଡ଼ିକ ନିମ୍ନମତେ ଉପସ୍ଥାପିତ କରାଗଲା।

- ବିକାଶ ପ୍ରସଙ୍ଗ ଗୁଡ଼ିକ ଚାରୋଟି ଗଣନା ପାଇଁ ସମୟ ସହିତ ବଦଳିଗଲା।
- ବିକାଶର ବ୍ୟାଖ୍ୟାର ଦାୟିତ୍ୱ ନ୍ୟସ୍ତ
- ଲୋକମାନଙ୍କର ବିକାଶର ଆବଶ୍ୟକତା ବଦଳିଛି
- ବିଶ୍ୱ ଅର୍ଥନୀତି ଏବଂ ପ୍ରଯୁକ୍ତିରେ ପରିବର୍ତନ ହୋଇଛି
- ବିକାଶର ରାଜନୀତି ଏବଂ
- ଫଳାଫଳକୁ ସମର୍ଥନ କରୁଥିବା ସମସ୍ୟାଗୁଡ଼ିକ

(ଅଧିକ ଜାଣିବା ପାଇଁ ୟୁନିଟ୍-୨ ଦେଖନ୍ତୁ)

୩.୧: ବିଶ୍ୱ ବ୍ୟବସ୍ଥା ସିଦ୍ଧାନ୍ତ ପ୍ରତି ଦୃଷ୍ଟିଭଙ୍ଗୀ ଏକ ବୃହତ୍-ସାମାଜ- ବିଜ୍ଞାନ ଦୃଷ୍ଟିକୋଣ ଯାହା "ପୁଞ୍ଜିବାଦୀ ବିଶ୍ୱ ଅର୍ଥନୀତିର ଗତିଶୀଳତାକୁ ଏକ ସମୁଦାୟ ସାମାଜିକ ବ୍ୟବସ୍ଥା ଆକାରରେ ବର୍ଣ୍ଣନା କରିଥାଏ। ଏହି ଦୃଷ୍ଟିକୋଣର ଚମତ୍କାର ଉଦାହରଣ ଇମାନୁଏଲ୍ ୱାଲେରଷ୍ଟେନ୍‌ଙ୍କ ସହିତ ଯୋଡି ହୋଇ ରହିଛି, ଯିଏ ୧୯୭୪ରେ "ଦି ରାଇଜ୍ ଆଣ୍ଡ ଫ୍ୟୁଚର୍ ଡିମାଇଜ୍ ଅଫ୍ ଦି ୱାର୍ଲ୍ଡ କ୍ୟାପିଟାଲିଷ୍ଟ ସିଷ୍ଟମ୍: କନ୍‌ସେପ୍ଟସ ଫର କମ୍ପାରେଟିଭ୍ ଆନାଲିସିସ୍ ପ୍ରକାଶ କରିଥିଲେ।

(ଅଧିକ ଜାଣିବା ପାଇଁ ୟୁନିଟ୍ ୩ ଦେଖନ୍ତୁ)

୩.୨: ସମ୍ପ୍ରତି ବିଶ୍ୱ-ଅର୍ଥନୀତି ନିୟମିତ ଚକ୍ରାକାର ଲୟରେ ବର୍ଣ୍ଣିତ ହୋଇଛି, ଯାହା ୱାଲେର୍ଷ୍ଟେନ୍‌ଙ୍କ ଦ୍ୱାରା ଆଧୁନିକ ଇତିହାସକୁ କରାଯାଇଥିବା ଅବଧି ପର୍ଯ୍ୟାୟକୁ ଏକ ଆଧାର ଦେଇଛି (ଗୋଲଫ୍ରାଙ୍କ,୨୦୦୦) ବର୍ତ୍ତମାନର ପର୍ଯ୍ୟାୟ ପରେ, ୱାଲେର୍ଷ୍ଟେନ୍ ଏହା କଳ୍ପନା କରିଛନ୍ତି ଯେ, ଏକ ସମାଜବାଦୀ ବିଶ୍ୱ ସରକାରର ଅଭ୍ୟୁଦୟ ହେବ, ଯାହା କି ଏକ ମାତ୍ର ବିକଳ୍ପ ବିଶ୍ୱ-ବ୍ୟବସ୍ଥା ଯାହା ଉଚ୍ଚସ୍ତରର ଉତ୍ପାଦକତାକୁ ବଜାୟ ରଖିପାରେ ଏବଂ ବିତରଣକୁ ପରିବର୍ତ୍ତନ କରିପାରେ, କାର୍ଯ୍ୟକୁ ଏକତ୍ର କରି ରାଜନୈତିକ ଏବଂ ଅର୍ଥନୈତିକ ସ୍ତରରେ ନିଷ୍ପତି ନେଇପାରେ ।

(ଅଧିକ ଜାଣିବା ପାଇଁ ୟୁନିଟ୍ ୩ ଦେଖନ୍ତୁ)

୩.୩: ମୌଳିକ ଆବଶ୍ୟକତାର ଦୃଷ୍ଟିକୋଣ ଆଧୁନିକୀକରଣ ସିଦ୍ଧାନ୍ତ ନିର୍ଭରଶୀଳ ସିଦ୍ଧାନ୍ତ ଏବଂ ବିଶ୍ୱ- ବ୍ୟବସ୍ଥା ସିଦ୍ଧାନ୍ତର ବିପରୀତ ଧର୍ମୀ ହୋଇଥାଏ। ଏହା କପଟ ଅର୍ଥନୀତି ପ୍ରତି ଥିବା ଧ୍ୟାନକୁ ଦୂରେଇ ଦେଇଥାଏ। ଏକ ଉତମ ଗୁଣବତା ସମ୍ପନ୍ନ ଜୀବନକୁ ବଜାୟ ରଖିବା ପାଇଁ ବ୍ୟକ୍ତିମାନଙ୍କର ଆବଶ୍ୟକ ମୌଳିକ ଆବଶ୍ୟକତାକୁ ସମ୍ବୋଧିତ କରିବା ପାଇଁ, ଏହି ଧାରଣା ୧୯୭୦ରେ ଉଦୟ ହୋଇଥିଲା। ଏହା ଜିଡିପି (ମୋଟ୍ ଘରୋଇ ଉତ୍ପାଦ) କିମ୍ବା ମୁଣ୍ଡ ପିଛା ଆୟ ମଧ୍ୟମର ବିକାଶକୁ ମାପିବା ବଦଳରେ ଦାରିଦ୍ର୍ୟତାର କିଛି ଅତି ଖରାପ ପ୍ରସଙ୍ଗକୁ ଶେଷ କରିବା ପାଇଁ ଲକ୍ଷ୍ୟ ରଖିଥିଲା ଏହି ବିଚାର କେବଳ ପୁଞ୍ଜି ବିନିଯୋଗ ବାଦ୍ ମାନବ ସମ୍ବଳର ବିକାଶରେ ନିବେଶ, ଯଥା ସମ୍ପତି ଏବଂ ଆୟର ସମାନ ବିତରଣ, ସାମାଜିକ ନ୍ୟାୟ ଏବଂ ଶିକ୍ଷା ନିମନ୍ତେ ସୁବିଧାର ବିକାଶ, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଏବଂ ଅନ୍ୟ କେତେକ ନୀରବ ବିଶେଷତାର ସମାନ ବଣ୍ଟନ ଉପରେ ଗୁରୁତ୍ୱ ଦେଇଥିଲା। (ବ୍ରାଇଡୋତି, ୧୯୯୪:୧୭) (ମେଲ୍‌କୋଟେ ୨୦୧୫) ଏହି ଉପାୟ ଗୁରୁତ୍ୱାରୋପ କରିଥାଏ ଏବଂ ମାନବ ଅଧିକାରକୁ ସମ୍ମାନ ପ୍ରଦାନ କରିଥାଏ। ପଲ୍ ଷ୍ଟ୍ରିଟେନ୍ (୧୯୭୯), ମୌଳିକ ଆବଶ୍ୟକତା ଦୃଷ୍ଟିକୋଣର ମୁଖ୍ୟ ଉଦ୍ଦେଶ୍ୟକୁ ନିମ୍ନମତେ ସରଳୀକରଣ କରିଛନ୍ତି।

୧. ପର୍ଯ୍ୟାପ୍ତ ଖାଦ୍ୟ ଏବଂ ସ୍ୱଚ୍ଛ ପାନୀୟ ଜଳ ପ୍ରଦାନ

୨. ଉପଯୁକ୍ତ ବାସସ୍ଥାନ ପ୍ରଦାନ

୩. ଶିକ୍ଷା ପ୍ରଦାନ

୪. ଜୀବନଜୀବିକାର ସୁରକ୍ଷା ପ୍ରଦାନ

୫. ପର୍ଯ୍ୟାପ୍ତ ପରିବହନ ସୁବିଧା ପ୍ରଦାନ

୬. ନିଷ୍ପତ୍ତି ନେବା କ୍ଷେତ୍ରରେ ଭାଗୀଦାର ହେବାରେ ସାହାଯ୍ୟ; ଏବଂ

୭. ଜଣେ ବ୍ୟକ୍ତିର ମର୍ଯ୍ୟାଦା ଏବଂ ଆତ୍ମ-ସମ୍ମାନକୁ ବଜାୟ ରଖିବା

(ଅଧିକ ଜାଣିବା ପାଇଁ ଏକକ-୩ ଦେଖନ୍ତୁ)

**୪.୧: ବିକାଶ ଯୋଗାଯୋଗର ମୌଳିକ ସିଦ୍ଧାନ୍ତଗୁଡ଼ିକ ନିମ୍ନରେ ଦିଆଗଲା**

(କ) ବାର୍ତ୍ତାଳାପ- ବାର୍ତ୍ତାଳାପ ହେଉଛି ନୂତନ ଯୋଗାଯୋଗର ଉଦାହରଣ /ପାରାଡାଇମ୍‌ର ହୃଦୟ। ବିକାଶ ଯୋଗାଯୋଗ ପାରସ୍ପରିକ ବୁଝାମଣା, ପରିସ୍ଥିତିର ମୂଲ୍ୟାୟନ ଏବଂ ବ୍ୟାପକ ପାରସ୍ପରିକ ସହମତିର ସୁବିଧା ନିମନ୍ତେ ବାର୍ତାଳାପକୁ ପ୍ରୋତ୍ସାହିତ କରିଥାଏ। ବିଶ୍ୱାସ ସୃଷ୍ଟି କରିବା, ଜ୍ଞାନ ବୃଦ୍ଧି କରିବା, ବିପଦକୁ କମ୍ କରିବା ଏବଂ ବିଭିନ୍ନ ସ୍ଥିତିର ସମାଧାନ କରିବା ପାଇଁ। ବୃତିଗତ ଭାବେ ନିର୍ଦ୍ଦେଶିତ, ବାର୍ତ୍ତାଳାପ ହେଉଛି ଏକ ଅମୂଲ୍ୟ ଗବେଷଣା ଯନ୍ତ୍ରାଂଶ, (ଖ) ସମ୍ମିଳିତ/ ଅନ୍ତର୍ଭୁକ୍ତ ହେବା- ଏହି ପଦ୍ଧତିଭିତିକ ଢାଞ୍ଚା ଅଂଶୀଦାର ମାନଙ୍କର ବଛା ବଛା ଗୋଷ୍ଠୀ ଉପରେ ଗୁରୁତ୍ୱ ଦେଇଥାଏ। ଏକ ଆଧାର ଉପରେ ଏକ ଗୋଷ୍ଠୀକୁ ବାହାର କରିଦେବା ଅପ୍ରାସଙ୍ଗିକ ଲାଗିପାରେ ଏବଂ ସମସ୍ୟା ସୃଷ୍ଟି କରିପାରେ। ଦୁଇ ତରଫା ଯୋଗାଯୋଗ ସେହି ଗୋଷ୍ଠୀକୁ ବିଶେଷ ଧ୍ୟାନ ଦେଇଥାଏ, ଯେଉଁମାନେ ସମାଜରେ ଅଧିକାରହୀନ କିମ୍ବା ଅସୁବିଧାରେ ଥାଆନ୍ତି। ଲିଙ୍ଗଭିତ୍ତିକ ସମସ୍ୟା ଗୁଡିକ ସବୁବେଳେ ଏହି ପ୍ରସଙ୍ଗରେ ପ୍ରାଥମିକ ପ୍ରସଙ୍ଗ ହୋଇ ରହିଆସିଛି, ତଥା ଗରିବ ଶ୍ରେଣୀ ଏବଂ ଅନ୍ୟାନ୍ୟ ଅସୁରକ୍ଷିତ ଗୋଷ୍ଠୀର ପ୍ରସଙ୍ଗ ମଧ୍ୟ।

(ଗ) ଅନୁମାନି- ବିକାଶ ଯୋଗଯୋଗର ଅନୁମାନି ଏବଂ ଅନୁସନ୍ଧାନମୂଳକ ପରିସର ବିଶ୍ଳେଷଣ ଏବଂ ବାର୍ତ୍ତାଳାପରୁ ସେମାନଙ୍କର ବଳ ପାଇଥାଏ। ବିକାଶମୂଳକ ପଦକ୍ଷେପର ପୂର୍ବ ବିଫଳତାକୁ ସମ୍ବୋଧିକ/ଆଡ୍ରେସିଂ କରି ଏବଂ ସଂଶୋଧନ କରି ସେମାନେ ମୂଲ୍ୟ ଯୋଗ କରିଥାନ୍ତି।

(ଘ) ବିଶ୍ଳେଷଣାତ୍ମକ- ଏହା ରାଜନୈତିକ ବିପଦ ଏବଂ ସମସ୍ୟା କାର୍ଯ୍ୟକଳାପର ପ୍ରଚାର ଏବଂ ପ୍ରସାରର ପ୍ରଭାବକୁ ମୂଲ୍ୟାୟନ କରିଥାଏ ଏବଂ ଲୋକ ମାନଙ୍କର ଅନୁଭୂତି ଏବଂ ମତାମତକୁ ଏହା ସଶକ୍ତ କରିଥାଏ।

(ଙ) ଭାଗୀଦାରୀ- ବାସ୍ତବ ଯୋଗଯୋଗ ପ୍ରଭାବଶାଳୀ ଭାଗୀଦାରୀର ସୁବିଧା ପ୍ରଦାନ କରିଥାଏ ଏବଂ ସେଥିରେ ବିଭିନ୍ନ ପ୍ରକାରର ଭାଗୀଦାରୀତା ରହିଥାଏ।

ସୂଚନା ବଣ୍ଟନ- ଏକ ତରଫା ଯୋଗାଯୋଗ- ମୁଖ୍ୟତଃ ଯାହା କରାଯାଉଛି, ସେ ବିଷୟରେ ଲୋକମାନଙ୍କୁ ଅନ୍ତର୍ଭୁକ୍ତ କରି ସୂଚନା ପ୍ରଦାନ କରିବା।

ପରାମର୍ଶ - ପ୍ରାଥମିକ ଭାବେ ଏକ ତରଫା ଯୋଗାଯୋଗ ଏକ ଦୃଢ଼ ଫିଡ୍‌ବ୍ୟାକ୍/ ମତାମତ ସହିତ - ଅଂଶଧାରକମାନେ ସେମାନଙ୍କର ପରାମର୍ଶ ଦେଇପାରିବେ କିନ୍ତୁ ନିଷ୍ପତ୍ତି ନେବାର ପ୍ରକ୍ରିୟାରେ ଉଲ୍ଲେଖନୀୟ କଥା କହିପାରିବେ ନାହିଁ।

ସହଯୋଗ- ଦୁଇ ତରଫା ଯୋଗାଯୋଗ ନିଷ୍ପତି ନେବା ସମୟରେ ଖୋଲାଖୋଲି କଥାବାର୍ତା / ଆଲୋଚନାକୁ ସମର୍ଥନ କରିଥାଏ-ନିଷ୍ପତି ନେବା ସମୟରେ ଇନ୍‌ପୁଟ୍ ସନ୍ତୁଳିତ ରହିଥାଏ।

ସଶକ୍ତିକରଣ- ନିଷ୍ପତି ଏବଂ ସମ୍ବଳ ଉପରେ ନିୟନ୍ତ୍ରଣର ସ୍ଥାନାନ୍ତରଣ ବଣ୍ଟିତ ନିଷ୍ପତି ଗ୍ରହଣକୁ ଦୁଇ ତରଫା ଯୋଗାଯୋଗ ନିଶ୍ଚିତ କରିଥାଏ।

(ଚ) ଆନ୍ତବିଭାଗୀୟ - ଏକ ବିକାଶ ଯୋଗାଯୋଗ ସଂସ୍ଥାର ଜ୍ଞାନ ଭିତରେ ଅନ୍ୟ ବିଷୟରୁ ଧାର କରାଯାଇଥିବା/ ଅଣାଯାଇଥିବା ଅନେକ ନିୟମ ଅନ୍ତର୍ଭୁକ୍ତ ଯେମିତି ନୃବଂଶବିଜ୍ଞାନ, ସମାଜଶାସ୍ତ୍ର, ରାଜନୈତିକ ଅର୍ଥନୈତିକ ପ୍ରୌଢ଼ ଶିକ୍ଷା ଏବଂ ବିପଣନ।

(ଛ) ରଣନୀତିପୂର୍ଣ୍ଣ - ରଣନୀତିର ନିୟମ ମୂଳକ ଉଦ୍ଦେଶ୍ୟ ହାସଲ କରିବା ପାଇଁ ଯୋଗଯୋଗ କୌଶଳର ବୃତ୍ତିଗତ ଏବଂ ସାମୟିକ ବ୍ୟବହାରକୁ ଗୁରୁତ୍ୱ ପ୍ରଦାନ କରିଥାଏ।

(ଜ) ପ୍ରୋତ୍ସାହନମଳୂକ ବିକାଶ ମୂଳକ ଯୋଗାଯୋଗରେ, ପ୍ରୋତ୍ସାହନ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସ୍ୱତଃପ୍ରବୃ ପରିବର୍ତ୍ତନକୁ ପ୍ରେରିତ କରିବା ପାଇଁ ବ୍ୟବହାର କରାଯାଇପାରେ। ପ୍ରୋତ୍ସାହନ ସଠିକ୍ ସୂଚନା ଏବଂ ଦୁଇ ତରପା ଯୋଗାଯୋଗ ପ୍ରସଙ୍ଗ ଉପରେ ଆଧାରିତ ହୋଇଥାଏ।

୪.୨: ରାଓ(୨୦୦୫) ଙ୍କ ମଧ୍ୟରେ, ଆଠ ପ୍ରକାରର ଇଂରାଜୀ ସି (ସଂଯୋଗ, ବିଷୟବସ୍ତୁ, ବାଣିଜ୍ୟ, ସଂସ୍କୃତି, କ୍ଷମତା, ସହଯୋଗ ଏବଂ ପୁଞ୍ଜି) କୁ ବ୍ୟବହାର କରାଯାଇପାରିବ। ଆଇସିଟିକୁ ସେମାନଙ୍କର ବ୍ୟବହାର ପାଇଁ ଏବଂ ଏକ ଉଦ୍ୟୋଗରେ ବ୍ୟବହାର କରିବା ଅର୍ଥରେ ଏହାକୁ ବିଶ୍ଳେଷଣ କରାଯାଇପାରିବ। ମିଲେନିୟମ୍ ସମିଟ୍ ୨୦୦୦ରେ ଏହା ମଧ୍ୟ ଆଲୋଚିତ ହୋଇଥିଲା ଏବଂ ଶତାବ୍ଦୀର ବିକଶିତ ଲକ୍ଷ୍ୟକୁ ପ୍ରଯୁକ୍ତିଗତ ସହାୟତା ଏବଂ ବିକାଶ ଯୋଗାଯୋଗ ସହିତ ଆନ୍ତଃସଂଯୋଗୀ ପ୍ରଯୁକ୍ତି ମାଧ୍ୟମରେ ଏହା ଲକ୍ଷ୍ୟକୁ ହାସଲ କରାଯାଇପାରିବ ବୋଲି ସମସ୍ତେ ରାଜି ହୋଇଥିଲେ।

୪.୩: ବିଶ୍ୱବ୍ୟାଙ୍କ ୧୯୯୫ରେ ଚାରି ପ୍ରକାର ଭାଗୀଦାରୀକୁ ଚିହ୍ନଟ କରିଥିଲା। ଏଗୁଡିକ ହେଉଛି

(କ) ସୂଚନା ବଣ୍ଟନ

(ଖ) ପରାମର୍ଶ

(ଗ) ସହଯୋଗ

(ଘ) ସଶକ୍ତକରଣ

## ନମୁନା ପ୍ରଶ୍ନାବଳୀ ସମୂହ

୧. ବିକାଶ ଯୋଗାଯୋଗ ଯେଉଁ ନୀତିନିୟମ ଉପରେ ଆଧାରିତ ତାହାଲେଖ।

୨. ବିକାଶ ଯୋଗାଯୋଗର ତିନିଟି ପ୍ରମୁଖ ଉଦାହରଣ କ'ଣ ?

୩. ଡୋମିନାଣ୍ଟ ପାରାଡାଇମ୍ ଉପରେ ସଂକ୍ଷେପରେ ଏକ ନୋଟ୍ ଲେଖ।

୪. ବିକାଶର ଲର୍ଣ୍ଣର ମଡେଲ୍ ଉପରେ ସଂକ୍ଷେପରେ ଲେଖ।

୫. 'ନୂତନତାର ପ୍ରସାର'ର ଉପାଦାନଗୁଡିକ କ'ଣ ?

୬. ବିକାଶ ଯୋଗଯୋଗର ସମନ୍ୱିତ ଆପ୍ରୋଚ୍ ଉପରେ ଏକ ସଂକ୍ଷିପ୍ତ ଉତ୍ତର ଲେଖ।

୭. ବିଶ୍ୱ –ବ୍ୟବସ୍ଥା ସିଦ୍ଧାନ୍ତର ବିବର୍ତ୍ତନ  ଉପରେ ଏକ ସଂକ୍ଷିପ୍ତ ଉତର ଲେଖ।

୮. ବିଶ୍ୱ-ବ୍ୟବସ୍ଥା ସିଦ୍ଧାନ୍ତର ଲକ୍ଷ୍ୟ କ'ଣ ?

୯. ବିଶ୍ୱ ବ୍ୟବସ୍ଥା ସିଦ୍ଧାନ୍ତ ମୂଳ କ'ଣ ?

୧୦. ବିଶ୍ୱ ବ୍ୟବସ୍ଥା ସିଦ୍ଧାନ୍ତର ମୂଳ କ'ଣ ?

୧୧. ମୌଳିକ ଆବଶ୍ୟକତା ଦୃଷ୍ଟିଭଙ୍ଗୀର ବିବର୍ତ୍ତନ ଏବଂ ଏହାର ଉଭବ ସମ୍ପର୍କରେ ସଂକ୍ଷେପରେ ଲେଖ।

୧୨. ଭାଗୀଦାରୀ ମଡେଲ୍ ଆଡକୁ ମୁଖ୍ୟ ଦୃଷ୍ଟିଭଙ୍ଗୀ ଗୁଡିକ କ'ଣ ?

୧୩. ବିକାଶ ଯୋଗାଯୋଗର ମୁଖ୍ୟ ସମସ୍ୟା ଗୁଡିକ କ'ଣ ?

୧୪. ବିକାଶ ଯୋଗାଯୋଗର ମୌଳିକ ନୀତିନିୟମ ଗୁଡିକ କ'ଣ ?

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in